ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଫେବୃୟାରୀ ୨/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Balasore, Saturday, February 2/ 2019 ★★★★

୪୫ଶ ଭାଗ ୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

DSPL-379

ଓଡ଼ିଶା ସରକାର

କାଳିଆ

କୃଷକ ସଶକ୍ତିକରଣ ପାଇଁ ଓଡ଼ିଶାର ଅଗ୍ରଣୀ ଯୋଜନା

ଆଗେଇ ଚାଲିଛି କାଳିଆ

ପ୍ରଥମ କିସ୍ତିରେ **୧୨ ଲକ୍ଷ ୪୫ ହଜାରରୁ** ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯାଇଛି **୬୨୨ କୋଟିରୁ** ଅଧିକ ଟଙ୍କା

୫୭,୦୦୦ ରୁ ଅଧିକ ଭାଗଚାଷୀଙ୍କୁ ମିଳିଛି **୨୮ କୋଟି ଟଙ୍କାରୁ** ଉର୍ଦ୍ଧ୍ୱ ସହାୟତା

ଭୂମିହୀନ ଚାଷୀଙ୍କ ପାଇଁ କାଳିଆ

ପ୍ରଥମ କିସ୍ତିରେ **୫ ଲକ୍ଷ** ଭୂମିହୀନ ଚାଷୀଙ୍କୁ ଏ ବର୍ଷ ମିଳିବ **୨୫୦ କୋଟି ଟଙ୍କାର** ସହାୟତା

ଧାର୍ଯ୍ୟ ହେଲା କାଳିଆ ଦିବସ

ଏଣିକି ପ୍ରତିବର୍ଷ **ଅକ୍ଷୟ ତୃତୀୟା** ଓ **ନୂଆଖାଇ** ରେ ମିଳିବ କାଳିଆ ଯୋଜନାରେ ସହାୟତା



39001/13/0013/1819

କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

କାଳିଆ ଚାଷୀ ମହାସମାବେଶ, ମାଳତୀପାଟପୁର ପୁରୀ
୨୫ ଜାନୁଆରୀ

କାଳିଆ ଚାଷୀ ମହାସମାବେଶ, ଗୋପାଳପୁର, ଗଞ୍ଜାମ
୨୭ ଜାନୁଆରୀ

www.kalia.co.in

କାଳିଆ ହେଲପ୍‌ଲାଇନ୍ ୧୮୦୦ ୫୭୨ ୧୧୨୨

ଆମେରିକାରେ ଚିକିତ୍ସାଧୀନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ କୃଷକ ଓ ଗରିବ ହିତୈଷୀ ବଜେଟ ଉପସ୍ଥାପନ କରିଥିବା ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ବଜେଟ ମଧ୍ୟବିତ୍ତଙ୍କ କ୍ରୟଶକ୍ତି ବଢ଼ାଇବ । ଏହା ସରକାରଙ୍କ ବିଗତ ୫ ବର୍ଷ ପ୍ରଦର୍ଶନର ଆତ୍ମନିରୀକ୍ଷଣ ଲାଗି ଏକ ସୁଯୋଗ ବୋଲି ଜେଟ୍‌ଲୀ କହିଛନ୍ତି।

ମୁଣ୍ଡ ଉପରେ ନିର୍ବାଚନ । ଜିତିବାକୁ ହେଲେ ଭୋଟ ଦେବାକୁ ଯାଉଥିବା ଚାଷୀ, ଶ୍ରମିକ ଓ ଗରିବଙ୍କୁ ଖୁସି କରିବାକୁ ପଡ଼ିବ । ଏଭଳି ଚିନ୍ତାକରି ୨୦୧୯–୨୦ ଅନ୍ତରୀଣ ବଜେଟରେ ଏହି ବର୍ଗର ଲୋକଙ୍କୁ ସୁହାଇଲା ଭଳି ପେଡ଼ି ଖୋଲିଦେଇଛନ୍ତି ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ । କଂଗ୍ରେସ କୃଷିଋଣ ଛାଡ଼ର ପ୍ରତିଶ୍ରୁତି ଦେଇ ୩ ହିନ୍ଦୀଭାଷୀ ରାଜ୍ୟ ଭାଜପା ହାତରୁ ଛଡ଼ାଇନେବା ପରେ ଆଶା କରାଯାଉଥିଲା ନିର୍ବାଚନୀ ବର୍ଷର ଏହି ବଜେଟରେ କେନ୍ଦ୍ର ସରକାର ମଧ୍ୟ କୃଷକଙ୍କ ଋଣବୋଝ ହ୍ରାସ କରିବେ । ହେଲେ ଅର୍ଥମନ୍ତ୍ରୀ ସେପରି ନ କରି ସେମାନଙ୍କ ପାଇଁ ଆର୍ଥିକ ପ୍ୟାକେଜ୍‌ର ବ୍ୟବସ୍ଥା କରିଛନ୍ତି । ଏହାସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ପେନ୍‌ସନ ଆଦିକୁ ଗୁରୁତ୍ୱ ଦେଇ ଗ୍ରାମ୍ୟ ଅର୍ଥନୀତି ସୁଦୃଢ଼ କରିବା ଦିଗରେ ମଧ୍ୟ ଯତ୍ନବାନ ହୋଇଛନ୍ତି । ତେବେ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ଏସବୁ କେତେ ସହାୟକ ହେବ ତାହା ସମୟ କହିବ ।

ଚାଷୀଙ୍କୁ ଲୋଭ

ନୂଆଦିଲ୍ଲୀ,୧।୨(ପି.ଟି.)

୨ ହେକ୍ଟରରୁ କମ୍ ଚାଷଜମି ଥିବା କୃଷକମାନେ ବାର୍ଷିକ ୬,୦୦୦ ଟଙ୍କା ପାଇବେ। ୩ଟି କିସ୍ତିରେ ଏହି ପ୍ରତ୍ୟକ୍ଷ ଆୟ ଅର୍ଥରାଶି ସେମାନଙ୍କୁ ପ୍ରଦାନ କରାଯିବ। କେନ୍ଦ୍ର ସରକାରଙ୍କ ଏହି ନୂଆ ଯୋଜନାରେ ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାର ଲାଭାନ୍ୱିତ ହେବେ। ଏଥିପାଇଁ ସରକାର ୭୫,୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିବା ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି।

୨୦୧୯–୨୦ ଆର୍ଥିକବର୍ଷର ବହୁ ପ୍ରତୀକ୍ଷିତ ଅନ୍ତରୀଣ ବଜେଟ ଶୁକ୍ରବାର ଲୋକ ସଭାରେ ଉପସ୍ଥାପିତ ହୋଇଛି। ଏହି ଅବସରରେ ଗୋୟଲ କୃଷିକ୍ଷେତ୍ରରେ ଦେଖାଦେଉଥିବା କେତେକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଛନ୍ତି। ଏଥିସକାଶେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ବା (ପିଏମ୍–କିଷାନ) ଗଠନ କରାଯାଇଛି। ୨୦୧୯–୨୦ରେ ଏହି ଯୋଜନାରେ ୭୫,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାବାଦ୍ ଚଳିତ ଆର୍ଥିକବର୍ଷ ୨୦୧୮–୧୯ ପାଇଁ ଅତିରିକ୍ତ ୨୦,୦୦୦ କୋଟିର ବ୍ୟବସ୍ଥା କରାଯାଇଛି। ଚାଷୀଙ୍କୁ ବର୍ଷକୁ ୩ଟି ସମାନ କିସ୍ତିରେ ୬,୦୦୦ ଟଙ୍କା ଦିଆଯିବ। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଜରିଆରେ ୨୦୧୮ ଡିସେମ୍ବର ୧ରୁ ପିଛିଲା ଭାବେ ଏହା ଲାଗୁ ହେବ। ଏନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। କୃଷକମାନେ ପୂର୍ବରୁ ସେମାନଙ୍କ ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ ପାଉ ନ ଥିଲେ। ତେଣୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆୟ ସମର୍ଥନ ଦେବା ଲାଗି ଏହି ଯୋଜନା କରାଯାଇଥିବା ଗୋୟଲ କହିଛନ୍ତି। କିନ୍ତୁ ପ୍ରକୃତ ହିସାବ କଲେ ବ୍ୟାଙ୍କ ଖାତରେ ଜମା ହେବାକୁ ଥିବା ଏହି ରାଶି ଦିନକୁ ୧୭ ଟଙ୍କାରୁ କମ୍। କୃଷି ସର୍ବେକ୍ଷଣ ଅନୁସାରେ ୨୦୧୫–୧୬ରେ ଦେଶରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୮୬.୨୧% ଥିଲେ। ୨୦୧୦–୧୧ରେ ଏହି ସଂଖ୍ୟା ୮୪.୯୭% ଥିଲା। ସେହିପରି ଗୋପାଳନକୁ ପ୍ରୋତ୍ସାହନ ଦେବା ଲାଗି ଜାତୀୟ କାମଧେନୁ ଆୟୋଗ ଗଠନ କରାଯିବ। ଗୋକୁଳ ମିଶନ ପାଇଁ ୭୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ପ୍ରାଣୀ ସମ୍ପଦକୁ ପ୍ରୋତ୍ସାହନ ଦେବା ପାଇଁ କୃଷକଙ୍କୁ ଋଣ ଉପରେ ୨% ସୁଧ ସବ୍‌ସିଡି ପ୍ରଦାନ କରାଯିବ। ସ୍ୱତନ୍ତ୍ର ମତ୍ସ୍ୟ ବିଭାଗ ପ୍ରତିଷ୍ଠା କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଚାଷୀଙ୍କୁ ୨% ସୁଧ ରିହାତି ଦିଆଯିବ। ଉଚିତ ସମୟରେ ଋଣ ପରିଶୋଧ କଲେ ଅତିରିକ୍ତ ୩% ସୁଧ ରିହାତି ମିଳିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଗତବର୍ଷ ୧୩,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। ଏଥର ଏହି ରାଶି ୧୪,୦୦୦ କୋଟିକୁ ବୃଦ୍ଧି କରାଯାଇଛି। ମୋଟାମୋଟି ଭାବେ କୃଷି ଓ ଗ୍ରାମାଞ୍ଚଳ କ୍ଷେତ୍ରକୁ ପୂର୍ବ ତୁଳନାରେ ୪୩% ଅଧିକ ଅର୍ଥ (୨.୮୯ ଲକ୍ଷ କୋଟି) ଦେବା ପାଇଁ ଏଥର ବ୍ୟବସ୍ଥା କରାଯାଇଛି।

ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଶ୍ରମିକ ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନାରେ ମାସିକ ୧୦୦ ଟଙ୍କା ଜମା କଲେ ୩ ହଜାର ଲେଖାଏ ପେନ୍‌ସନ ପାଇବେ। ଏହାଦ୍ୱାରା ଦେଶର ୧୦ ହଜାର କୋଟି ଶ୍ରମିକ ଲାଭବାନ ହେବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ)କୁ ୬୦,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଗରିବଙ୍କୁ କମ୍ ଦରରେ ଖାଦ୍ୟଶସ୍ୟ ଯୋଗାଣ ପାଇଁ ୨୦୧୮–୧୯ରେ ୧.୭ ଲକ୍ଷ କୋଟି ଟଙ୍କା ସରକାର ଖର୍ଚ୍ଚ କରିଛନ୍ତି। ୨୦୧୩–୧୪ରେ ଏହି ରାଶିର ପରିମାଣ ୯୨,୦୦୦ କୋଟି ଟଙ୍କା ଥିଲା ବୋଲି ସେ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସହର ଭଳି ସୁବିଧା ଯୋଗାଇ ଦେବାକୁ ସରକାର ଯୋଜନା କରିଛନ୍ତି। ଏଥିପାଇଁ ସହର ଓ ଗ୍ରାମ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିବାକୁ ସରକାର ଉଦ୍ୟମ କରୁଛନ୍ତି। ଦେଶର ସମ୍ବଳଗୁଡ଼ିକ ଉପରେ ପ୍ରଥମ ଅଧିକାର ଗରିବଙ୍କ ରହିଛି ବୋଲି ଗୋୟଲ କହିଛନ୍ତି।

କୃଷି ଓ ଗ୍ରାମ୍ୟ ଅର୍ଥନୀତିକୁ ଗୁରୁତ୍ୱ

- ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୨ ହେକ୍ଟରରୁ କମ୍ ଚାଷଜମି ଥିବା କୃଷକ ପାଇବେ ବର୍ଷକୁ ୬,୦୦୦
- ପ୍ରାଣୀ ସମ୍ପଦକୁ ପ୍ରୋତ୍ସାହନ ଦେବା ପାଇଁ ୨% ସୁଧ ସବ୍‌ସିଡି
- ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଶ୍ରମିକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା
- ଏମ୍‌ଜିଏନ୍‌ଆର୍‌ଇଜିଏ ପାଇଁ ୬୦,୦୦୦ କୋଟି ଟଙ୍କା

"ଅନ୍ତରୀଣ ବଜେଟରେ ସମାଜର ସବୁ ଶ୍ରେଣୀକୁ ଗୁରୁତ୍ୱ ଦିଆଯାଇଛି। ଲୋକ ସଭା ନିର୍ବାଚନ ପରେ ଭାରତକୁ ସମୃଦ୍ଧି ପଥରେ ଆଗେଇ ନେବାରେ ମାର୍ଗଦର୍ଶନ ଦେବା ଲାଗି ଏହା ଏକ ଝଲକ। ଏହାଦ୍ୱାରା ୧୨ କୋଟି କୃଷକ, ତିନିକୋଟି ମଧ୍ୟବିତ୍ତ ପରିବାର, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ୩୦ରୁ ୪୦ କୋଟି ଶ୍ରମିକ ଉପକୃତ ହୋଇପାରିବେ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

"ଏହା ଏକ ନିର୍ବାଚନୀ ବଜେଟ। ମଧ୍ୟବିତ୍ତ, କ୍ଷୁଦ୍ର ଚାଷୀ ଏବଂ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ସରକାର ହାତ ଖୋଲିଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗକୁ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଥିବା ସ୍ପଷ୍ଟ ହୋଇଛି।

–ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

"ଅନ୍ତରୀଣ ବଜେଟ ସମାଜର ସବୁ ବର୍ଗଙ୍କୁ ଉପକୃତ କରିବ। ଦେଶର ଯୁବପିଢ଼ି, କୃଷକ ଏବଂ ଗରିବଙ୍କ ଆଶା ଆକାଂକ୍ଷା ପୂରଣ ଲାଗି ନରେନ୍ଦ୍ର ମୋଦି ସରକାର ସମର୍ପିତ ଏହା ବଜେଟରୁ ପ୍ରମାଣିତ ହୋଇଛି। ଆୟକର ଛାଡ ସୀମା ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ଘୋଷଣା ଐତିହାସିକ ଯାହା ମଧ୍ୟବିତ୍ତଙ୍କ ଲାଗି ସହାୟକ ହେବା ସହ ଦେଶ ବିକାଶରେ ସେମାନଙ୍କ ଭାଗୀଦାରିତାକୁ ମଜଭୁତ କରିବ।

–ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

"ପାଞ୍ଚବର୍ଷ ହେଲା କୃଷକମାନଙ୍କ ଜୀବନ ଜୀବିକାକୁ ଧ୍ୱସ୍ତ କରିଥିବା ସରକାର ସେମାନଙ୍କ ଲାଗି ଅନ୍ତରୀଣ ବଜେଟରେ ଦିନକୁ ୧୬ ଟଙ୍କା ୪୪ ପଇସା ଘୋଷଣା କରିବା ସେମାନଙ୍କ ପାଇଁ ଅପମାନ। ଏହା ନରେନ୍ଦ୍ର ମୋଦି ସରକାରଙ୍କ ଶେଷ ଜୁମ୍‌ଲା ବଜେଟ।

– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

"ଏହା କେନ୍ଦ୍ର ସରକାରଙ୍କ 'ଭୋଟ ଅନ ଆକାଉଣ୍ଟ' (କାମଚଳା ବଜେଟ) ନୁହେଁ ବରଂ 'ଆକାଉଣ୍ଟ ଫର ଭୋଟ୍‌ସ'। ସରକାର ଆର୍ଥିକ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରି ନାହାନ୍ତି।

–ପି. ଚିଦାମ୍ବରମ, ପୂର୍ବତନ ଅର୍ଥମନ୍ତ୍ରୀ

"କେନ୍ଦ୍ର ବଜେଟ ଭାଜପାର ନିର୍ବାଚନୀ ଇସ୍ତାହାର। ସାଧାରଣ ନିର୍ବାଚନ ପୂର୍ବରୁ ଶାସକ ଦଳ ଭୋଟରଙ୍କୁ ଲାଞ୍ଚ ଦେବାକୁ ଉଦ୍ୟମ କରିଛି। ବଜେଟରେ ଦିଆଯାଇଥିବା ପ୍ରତିଶ୍ରୁତି କେବଳ ନିର୍ବାଚନୀ ଥୋପ ଏବଂ ଜୁମ୍‌ଲା। ଭାଜପା ଉକ୍ତ ପ୍ରତିଶ୍ରୁତିକୁ ପୂରଣ କରିପାରିବ ନାହିଁ ।

–ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା

"ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଛନ୍ତି। ଆସନ୍ତା ନିର୍ବାଚନରେ ରାଜ୍ୟବାସୀ ଭାଜପାକୁ ଏହାର ଜବାବ ଦେବେ।

–ଏନ୍. ଚନ୍ଦ୍ରାବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

"ଏନ୍‌ଡିଏ ସରକାରର କାର୍ଯ୍ୟକାଳ ଖୁବ୍‌ଶୀଘ୍ର ଶେଷ ହେଉଥିବାରୁ ୨୦୧୯–୨୦ ଅନ୍ତରୀଣ ବଜେଟ ବସ୍ତୁତଃ ମୂଲ୍ୟହୀନ। ନିର୍ବାଚନ କମିଶନ ଲୋକ ସଭା ନିର୍ବାଚନ ତାରିଖ ଘୋଷଣା କରିବା ପରେ ବଜେଟ ଯୋଜନା କାର୍ଯ୍ୟକାରୀ କରାଯାଇପାରିବ ନାହିଁ । ଭାଜପା ସରକାରଙ୍କର ଏଭଳି ଘୋଷଣା କରିବାର ନୈତିକ ଅଧିକାର ନାହିଁ।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

"ଏହି ବଜେଟ ଏକ ନିର୍ବାଚନୀ ଜୁମ୍‌ଲା। ଗୋଟିଏ କୃଷକ ପରିବାରରେ ୫ ସଦସ୍ୟ ଥିଲେ ପ୍ରତି ସଦସ୍ୟଙ୍କୁ ଦିନକୁ ୩ ଟଙ୍କା ମିଳିବ। ଗ୍ରାମାଞ୍ଚଳର ସଙ୍କଟଠାରୁ ମୋଦି ସରକାର କେତେଦୂରରେ ତାହା ଏଥିରୁ ସ୍ପଷ୍ଟ ହେଉଛି। କୃଷକ ଓ ଗ୍ରାମାଞ୍ଚଳର ସମସ୍ୟା ପାଇଁ ଏହି ସରକାର ଦାୟୀ।

– ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

"ଏହା ବିକାଶୋନ୍ମୁଖୀ ବଜେଟ ନୁହେଁ। ଦାରିଦ୍ର୍ୟ ଦୂରୀକରଣ ପାଇଁ ବଜେଟରେ କୌଣସି ଘୋଷଣା ନାହିଁ। ଆର୍ଥିକ ପରିଚାଳନାରେ ସରକାରଙ୍କ ବିଫଳତାକୁ ଲୁଚାଇବାର ଯୋଜନା ବଜେଟରେ ହୋଇଛି।

–ଡି. ରାଜା, ସିପିଆଇ ନେତା

"ଏହି ବଜେଟ କୃଷକଙ୍କ କଟା ଘା'ରେ ଲୁଣ ଦେବା ଭଳି। କୃଷକ ପରିବାରକୁ ବର୍ଷକୁ ୬୦୦୦ ଟଙ୍କା ମିଳିଲେ ୫ ଜଣିଆ ପରିବାରରେ ଜଣପିଛା ଦିନକୁ ୩ ଟଙ୍କା ପଡୁଛି, ଯାହା ବାର୍ଦ୍ଧକ୍ୟ ଭତ୍ତାଠାରୁ ବି କମ୍।

–ଯୋଗେନ୍ଦ୍ର ଯାଦବ, ସ୍ୱରାଜ ଇଣ୍ଡିଆ ନେତା

ହିନ୍ଦୀରେ ବଜେଟ ବୁଝାଇଲେ ଗୋୟଲ

ନୂଆଦିଲ୍ଲୀ, ୧।୨ (ପି.ଟି)

ଅର୍ଥମନ୍ତ୍ରୀମାନେ ପାରମ୍ପରିକ ଭାବେ ଇଂଲିଶରେ ଲିଖିତ ବଜେଟ ଅଭିଭାଷଣ ପଢ଼ିଥାନ୍ତି। କିନ୍ତୁ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ ବେଳେ ମୁଖ୍ୟ ପ୍ରସ୍ତାବଗୁଡିକୁ ହିନ୍ଦୀରେ ବୁଝାଇଥିଲେ, ଯାହାକୁ ଶାସକ ଦଳର ସଦସ୍ୟମାନେ ଟେବୁଲ ବାଡ଼େଇ ସ୍ୱାଗତ କରିଥିଲେ। ୧୦୦ ମିନିଟର ଭାଷଣରେ ଗୋୟଲ ଅନେକ ଥର ହିନ୍ଦୀ କହିଥିଲେ। ଏହା ମଧ୍ୟରେ ସେ 'ଉରି' ଚଳଚ୍ଚିତ୍ର ଏବଂ ହରିୟାଣା ଉପନିର୍ବାଚନରେ ଭାଜପାର ବିଜୟ ସମ୍ପର୍କରେ ମଧ୍ୟ କହିଥିଲେ। ଗୋଟିଏ ସମୟରେ ଜଣେ ବିରୋଧୀ ଦଳ ସଦସ୍ୟ ଜୋରରେ ହସିବାରୁ ଏହା ତାଙ୍କୁ ରାମଲୀଳା କଥା ମନେ ପକାଇଦେଉଛି ବୋଲି ଗୋୟଲ କହିଥିଲେ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ୧.୦୩ ଲକ୍ଷ କୋଟି

ନୂଆଦିଲ୍ଲୀ,୧।୨(ପି.ଟି.): ପୋଲିସ ବାହିନୀର ସୀମାନ୍ତ ଭିତ୍ତିଭୂମି ବିକାଶକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ଆର୍ଥିକ ବର୍ଷ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଲାଗି ୧,୦୩,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଚଳିତବର୍ଷ ଏହି ମନ୍ତ୍ରଣାଳୟକୁ ୯୯,୦୩୪ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲାବେଳେ ଏଥର ୪.୯% ବୃଦ୍ଧି କରାଯାଇଛି। ଦିଲ୍ଲୀ ପୋଲିସ ଲାଗି ୭୪୯୬.୯୧ କୋଟି ଏବଂ ସୀମାନ୍ତ ଭିତ୍ତିଭୂମି ବିକାଶ ପାଇଁ ୨୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଜମ୍ମୁ-କଶ୍ମୀର କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ପାଇଁ ୨୩,୭୪୨.୦୪ କୋଟି, ସୀମା ସୁରକ୍ଷା ବଳ (ବିଏସଏଫ୍)କୁ ୧୯,୬୪୭.୫୯ କୋଟି ବ୍ୟୟବରାଦ ହୋଇଛି। ସିଆର୍‌ପିଏଫ୍, ବିଏସ୍‌ଏଫ, ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ, କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବଳ, ସଶସ୍ତ୍ର ସୀମା ବଳ, ଆସାମ ରାଇଫଲ୍ସ ଏବଂ ଏନ୍‌ଏସ୍‌ଜି ଲାଗି ବଜେଟରେ ମୋଟ ୭୧,୬୧୮.୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଗୋଇନ୍ଦା ବ୍ୟୁରୋକୁ ୨୧୯୮.୩୫ କୋଟି, ଏସପିଜିକୁ ୫୩୦.୭୫ କୋଟି ଏବଂ ପୋଲିସ ଭିତ୍ତିଭୂମି ବିକାଶ ଲାଗି ୫୧୧୭ କୋଟି, ପୋଲିସ ଆଧୁନିକୀକରଣ ଲାଗି ୩୩୭୮ କୋଟି, ସୀମାନ୍ତ ଭିତ୍ତିଭୂମି ଓ ପରିଚାଳନା ଲାଗି ୨୦୦୦ କୋଟି, ମହିଳା ସୁରକ୍ଷା ଓ ସଶକ୍ତୀକରଣ ମିଶନରେ ୧୩୩୦ କୋଟି ଏବଂ ସୀମାନ୍ତ ଅଞ୍ଚଳ ବିକାଶ ପାଇଁ ୮୨୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

'ଉରି'ରୁ 'ଜୋସ୍'

ନୂଆଦିଲ୍ଲୀ,୧।୨(ପି.ଟି.)ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ ବେଳେ ବ୍ଲକବଷ୍ଟର ଚଳଚ୍ଚିତ୍ର 'ଉରି– ଦି ସର୍ଜିକାଲ ଷ୍ଟ୍ରାଇକ୍' ଏବଂ ଏହାର ଲୋକପ୍ରିୟ ସଂଳାପ କଥା ଉଲ୍ଲେଖ କରିଥିଲେ। ୨୦୧୬ର ସର୍ଜିକାଲ ଷ୍ଟ୍ରାଇକ୍ ଉପରେ ନିର୍ମିତ ଏହି ଚଳଚ୍ଚିତ୍ର ସେ ଦେଖିଛନ୍ତି ଏବଂ ଏହା ତାଙ୍କୁ ଖୁବ୍ ଆନନ୍ଦ ଓ ଜୋସ୍ (ଶକ୍ତି) ଦେଇଛି ବୋଲି ଗୋଏଲ କହିଥିଲେ। ସଙ୍ଗେ ସଙ୍ଗେ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ସମେତ କେତେଜଣ ସଦସ୍ୟ ଉକ୍ତ ଚଳଚ୍ଚିତ୍ରର ସଂଳାପ ଉପସ୍ଥାପନ କରିବାକୁ ଗୋୟଲଙ୍କୁ କହିଥିଲେ। ବଜେଟରେ ଜୋସ୍ ଶବ୍ଦକୁ ଗୋୟଲ ଦୁଇ ଥର ଉଚ୍ଚାରଣ କରିଥିଲେ।

ପ୍ରତିରକ୍ଷା ପାଇଁ ୩.୦୫ ଲକ୍ଷ କୋଟି

ନୂଆଦିଲ୍ଲୀ, ୧।୨ (ପି.ଟି): ପ୍ରଥମ ଥର ଲାଗି ଦେଶର ପ୍ରତିରକ୍ଷା ବଜେଟ ୩ ଲକ୍ଷ କୋଟି ଟଙ୍କା ଟପିଛି। ଏଥର ପ୍ରତିରକ୍ଷା କ୍ଷେତ୍ର ପାଇଁ ୩.୦୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଏହି କ୍ଷେତ୍ରକୁ ୨.୮୫ ଲକ୍ଷ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ପ୍ରତିକୂଳ ପରିସ୍ଥିତିରେ ଯବାନମାନେ ଦେଶର ସୀମାକୁ ସୁରକ୍ଷା ଦେଉଛନ୍ତି। ତେଣୁ ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯିବା ଆବଶ୍ୟକ ବୋଲି ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ୪୦ ବର୍ଷ ଧରି ଅଟକି ରହିଥିବା ୱାନ ର୍ୟାଙ୍କ୍ ୱାନ ପେନ୍‌ସନ (ଓଆର୍‌ଓପି) ଏନ୍‌ଡିଏ ସରକାର କାର୍ଯ୍ୟକାରୀ କରିଥିବା ସେ କହିଛନ୍ତି। ତିନିବାହିନୀର ଯବାନଙ୍କ ଲାଗି ମିଲିଟାରି ସର୍ଭିସ ପେ' ବୃଦ୍ଧି କରାଯିବା ସହ ବିପଦପୂର୍ଣ୍ଣ ସ୍ଥାନରେ କାର୍ଯ୍ୟରତ ନୌସେନା ଏବଂ ବାୟୁସେନା କର୍ମଚାରୀଙ୍କ ଲାଗି ସ୍ୱତନ୍ତ୍ର ଭତ୍ତା ଘୋଷଣା କରାଯାଇଛି।

ସ୍ୱାସ୍ଥ୍ୟରେ ଖର୍ଚ୍ଚ ହେବ ୬୧,୩୯୮ କୋଟି

ନୂଆଦିଲ୍ଲୀ,୧।୨(ପି.ଟି.): ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ଅନ୍ତରୀଣ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୬୧,୩୯୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆସନ୍ତା ଆର୍ଥିକବର୍ଷରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ହେବାକୁ ଥିବା ଅର୍ଥ ବିଗତ ୨ ଆର୍ଥିକ ବର୍ଷ ତୁଳନାରେ ସର୍ବାଧିକ। ୨୦୧୮–୧୯ରେ ୫୨,୮୦୦ କୋଟି ଆବଣ୍ଟିତ ହୋଇଥିବାବେଳେ ଏଥର ୧୬% ବୃଦ୍ଧି କରାଯାଇଛି। ଏଥିରୁ ୬,୪୦୦ କୋଟି ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋ

ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଫେବୃୟାରୀ ୨/୨୦୧୯ | Balasore, Saturday, February 2/ 2019 | ପୃଷ୍ଠା-୧

କ୍ରିଷ୍ଣା ସେନ୍ ବାୟୋପିକ୍‌ରେ ସ୍ୱରା ଭାସ୍କର

କ୍ରିଷ୍ଣା ସେନ୍‌ଙ୍କ ଜୀବନୀକୁ ନେଇ ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ଏକ ବାୟୋପିକ୍ ଫିଲ୍ମ ନିର୍ମାଣ କରୁଛନ୍ତି।

୧୪ ୧୭

ମିଥାଲିଙ୍କ ରେକର୍ଡ

ଭାରତୀୟ ଅଧିନାୟିକା ମିଥାଲି ରାଜ ବିଶ୍ୱର ପ୍ରଥମ ମହିଳା କ୍ରିକେଟର ଭାବେ ୨୦୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବା ଗୌରବ ଅର୍ଜନ କରିଛନ୍ତି।

ବାଲଟ ପାଇଁ ବଜେଟ

ନ୍ୟୁ ଇଣ୍ଡିଆ ଲାଗି ୧୦ ସୂତ୍ରୀ ଆଭିମୁଖ୍ୟ

ନୂଆଦିଲ୍ଲୀ,୧।୨

ଦେଶକୁ ନୂତନ ଶିଖରରେ ପହଞ୍ଚାଇବା ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ଗୋୟଲ ବଜେଟ୍‌ରେ ୧୦ ସୂତ୍ରୀ ଆଭିମୁଖ୍ୟ ଘୋଷଣା କରିଛନ୍ତି। ସେଗୁଡ଼ିକ ହେଲା(୧) ଭୌତିକ ଓ ସାମାଜିକ ଭିତ୍ତିଭୂମି ନିର୍ମାଣ,(୨) ଡିଜିଟାଲ ଭାରତ ଓ ଅର୍ଥବ୍ୟବସ୍ଥାର ଭିତ୍ତିଭୂମିକୁ ସୁଦୃଢ଼ କରିବା,(୩) ଏକ ପ୍ରଦୂଷଣମୁକ୍ତ ରାଷ୍ଟ୍ର ଗଠନ,(୪) ଗ୍ରାମ୍ୟ ଉଦ୍ୟୋଗୀକରଣର ସଂପ୍ରସାରଣ,(୫) ସ୍ୱଚ୍ଛ ନଦୀ ଓ ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ,(୬)ବେଳାଭୂମି ଓ ସମୁଦ୍ର ଜଳରୁ ଶକ୍ତି ବିକାଶ, (୭) ୨୦୨୨ ସୁଦ୍ଧା ମହାକାଶରେ ଭାରତୀୟଙ୍କୁ ପଦାର୍ପଣ କରାଇବା, (୮) ଖାଦ୍ୟ ଉତ୍ପାଦନରେ ଭାରତକୁ ସ୍ୱାବଲମ୍ବୀ କରାଇବା,(୯) ସ୍ୱାସ୍ଥ୍ୟପ୍ରଦ ଭାରତ ଏବଂ (୧୦) ଛୋଟ ସରକାର, ସର୍ବୋତ୍ତମ ପ୍ରଶାସନ।

ମୁଦ୍ରା ଯୋଜନାରେ ୭.୨୩ ଲକ୍ଷ କୋଟି ଋଣ ମଞ୍ଜୁର

ନୂଆଦିଲ୍ଲୀ, ୧।୨ (ପି.ଟି)

ମୁଦ୍ରା ଯୋଜନାରେ ସରକାର ୧୫.୫୬ ଲକ୍ଷ ଋଣ ମଞ୍ଜୁର କରିଛନ୍ତି, ଯାହାର ପରିମାଣ ୭.୨୩ ଲକ୍ଷ କୋଟି ଟଙ୍କା। ଏହି ଯୋଜନାରେ ୭୦ ପ୍ରତିଶତରୁ ଅଧିକ ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି। ମହିଳା ସଶକ୍ତିକରଣ ଲାଗି ନରେନ୍ଦ୍ର ମୋଦି ସରକାର ପ୍ରଧାନମନ୍ତ୍ରୀ ମାତୃତ୍ୱ ଯୋଜନା ସମେତ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ବ୍ୟବସାୟକୁ ସହଜ କରିବା ଲାଗି ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏବେ ୫୯ ମିନିଟରେ ୧ କୋଟି ଟଙ୍କା ଋଣ ମିଳିପାରୁଛି ବୋଲି ଅର୍ଥମନ୍ତ୍ରୀ କହିଥିଲେ।

ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

ଆଜିର ସମ୍ପାଦକୀୟ

କେରଳର ବାବୁ ସମସ୍ୟା

ଆଜିର ମନ୍ତବ୍ୟ

ଅନ୍ତରୀଣ ବଜେଟ ଐତିହାସିକ। ଏହା ନୂତନ ଭାରତ ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ।
–ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ

କିଛି ତଥ୍ୟ

ଏପ୍ରିଲ–ଡିସେମ୍ବରରେ ଦେଶରୁ ସାମଗ୍ରୀ ରପ୍ତାନୀ ୧୦.୧୮% ବୃଦ୍ଧି ଘଟି ୨୪୫.୪୫ ବିଲିୟନ ଡଲାର ଛୁଇଁଛି।
– ବାଣିଜ୍ୟ ମନ୍ତ୍ରଣାଳୟ

SUDHAKAR
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com

NCCC NATIONAL EGG CO-ORDINATION COMMITTEE — 01.02.2019 — Vencobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	85	139	149
CTC	87	141	151
DKL	87	141	151
BDK	88	142	152
BLS	88	142	152
ANG	87	141	151

*Conditions Apply

Eggs Retail Price- 49/-Dozen
Issued in the Interest of Consumers

ନୂଆଦିଲ୍ଲୀ,୧।୨

ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର ୨୦୧୯–୨୦ ଆର୍ଥିକ ବର୍ଷ ଲାଗି ୨୭ ଲକ୍ଷ ୮୪ ହଜାର ୨୦୦ କୋଟି ଟଙ୍କାର ଅନ୍ତରୀଣ ବଜେଟ ସଂସଦରେ ଉପସ୍ଥାପନ କରିଛନ୍ତି। ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଚାଷୀ, ମଧ୍ୟବିତ୍ତ ଓ ଶ୍ରମିକ ଭୋଟବ୍ୟାଙ୍କକୁ ହାତେଇବା ଲକ୍ଷ୍ୟରେ ସରକାର ଆର୍ଥିକ ଥୋପ ଦେଇ ଖୁସି କରିବାକୁ ଉଦ୍ୟମ କରିଛନ୍ତି। ଚାଷୀଙ୍କୁ ବାର୍ଷିକ ତିନୋଟି କିସ୍ତିରେ ୬ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବାକୁ ଘୋଷଣା କରାଯାଇଥିବାବେଳେ ମଧ୍ୟବିତ୍ତଙ୍କ ଲାଗି ଟିକସ କ୍ଷେତ୍ରରେ ରିହାତି ଦିଆଯାଇଛି। ସେହିଭଳି ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଆକର୍ଷିତ କରିବାକୁ ସ୍ୱତନ୍ତ୍ର ଯୋଜନା ଘୋଷଣା କରାଯାଇଛି। ଫଳରେ କୃଷକ, ଟିକସଦାତା,ଗ୍ରାମୀଣ ଭାରତ,ଶ୍ରମିକମାନେ ଏହାର ଲାଭ ପାଇବାକୁ ଯାଉଥିବା ବେଳେ କୃଷି ଶ୍ରମିକଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ସାଧାରଣ ନିର୍ବାଚନକୁ ମାତ୍ର ୨ ମାସ ବାକି ଥିବାବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଭୋଟ ହାତେଇବା ପାଇଁ ରାଜକୋଷ ଖୋଲି ଦେଇଛନ୍ତି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଘୋଷଣା କରାଯାଇଥିବା ପ୍ୟାକେଜକୁ ଲକ୍ଷ୍ୟ କଲେ ଦେଶର ଅର୍ଥନୀତି ଉପରେ ବୋଝ ପଡିବା ଜଳଜଳ ଦିଶୁଛି। ତଥାପି ବାଲଟ ପାଇଁ କେନ୍ଦ୍ର ସରକାର ଏହି ଅନ୍ତରୀଣ ବଜେଟ ପେଡି ଖୋଲି ଦେବା ନେଇ ବିରୋଧୀ ଓ ସମାଲୋଚକମାନେ ନିନ୍ଦା କରିଛନ୍ତି।

ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ୱାସ୍ଥ୍ୟଗତ କାରଣରୁ ବିଦେଶରେ ଥିବାବେଳେ ତାଙ୍କ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ଗୋୟଲ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ଏହା ପ୍ରାୟ ୧ ଘଣ୍ଟା ୪୫ ମିନିଟ ଧରି ଚାଲିଥିଲା। ଉପସ୍ଥାପନ ବେଳେ ଗୋୟଲ ଇଂଲିଶରେ ବଜେଟ ପଢୁଥିବାବେଳେ ହିନ୍ଦୀରେ ବୁଝାଉଥିବା ଦେଖିବାକୁ ମିଳିଥିଲା। ଚାଷୀଙ୍କ ଲାଗି ଓଡ଼ିଶା ସରକାରଙ୍କ 'କାଳିଆ' ଯୋଜନା ଓ ତେଲେଙ୍ଗାନା ସରକାରଙ୍କ 'ରୟଥୁ ବନ୍ଧୁ' ଯୋଜନା ଢାଞ୍ଚାରେ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା'କୁ ଘୋଷଣା କରାଯାଇଛି। ଏଥିପାଇଁ ୭୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ଦେଶର ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ।



ଚାଷୀ, ମଧ୍ୟବିତ୍ତ, ଶ୍ରମିକଙ୍କୁ ଥୋପ

ମୋଟ୍‌ରେ ସୁଧ ଉପରେ ୫% ରିହାତି ପାଇବେ। ଅନୁରୂପ ଭାବେ ମତ୍ସ୍ୟ ଓ ପଶୁପାଳନ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାକୁ ଯାଇ ଅର୍ଥମନ୍ତ୍ରୀ ଏଭଳି ଚାଷୀଙ୍କ ପାଇଁ ୨ % ସୁଧ ରିହାତି ଘୋଷଣା କରିଛନ୍ତି। ସେହିପରି ଗାଈ ସୁରକ୍ଷା ଲାଗି ଗୋକୁଳ ମିଶନ ଅଧୀନରେ ୭୫୦କୋଟି ଟଙ୍କା ପାଣ୍ଠି ଘୋଷଣା କରାଯାଇଛି। ଅନୁରୂପଭାବେ ଦେଶୀ ପ୍ରଜାତିର ଗାଈ ସଂରକ୍ଷଣ ଲାଗି ରାଷ୍ଟ୍ରୀୟ କାମଧେନୁ ଆୟୋଗ ଗଠନ କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି।

ଅର୍ଥମନ୍ତ୍ରୀ ମଧ୍ୟବିତ୍ତଙ୍କୁ ଖୁସି କରିବାକୁ ଅନ୍ତରୀଣ ବଜେଟରେ ଯଥେଷ୍ଟ ପ୍ରୟାସ କରିଛନ୍ତି। ବ୍ୟକ୍ତିଗତ ଆୟକର ଛାଡ଼ ସୀମାକୁ ବାର୍ଷିକ ୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଷ୍ଟାଣ୍ଡାର୍ଡ ଡିଡକ୍ସନ ପରିମାଣ ୪୦ ହଜାରରୁ ୫୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ବ୍ୟାଙ୍କ ଓ ପୋଷ୍ଟ ଅଫିସ ସଞ୍ଚୟ ଜମା ରାଶିରେ ମିଳୁଥିବା ସୁଧ ଉପରେ ଟିଡିଏସ୍ ରିହାତି ପରିମାଣକୁ ୧୦ରୁ ୪୦ ହଜାର ଟଙ୍କାକୁ ଏବଂ ଘର ଭଡ଼ା ଉପରେ ଟିଡିଏସ୍ ପରିମାଣ ୧.୮୦ଲକ୍ଷରୁ ୨.୪୦ ଲକ୍ଷକୁ ବୃଦ୍ଧି କରାଯାଇଛି।

☞ପୃଷ୍ଠା–୨

- ୨୭,୮୪,୨୦୦ କୋଟିର ବଜେଟ
- ଚାଷୀଙ୍କ ଲାଗି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା
- ବାର୍ଷିକ ୩ଟି କିସ୍ତିରେ ମିଳିବ ୬ ହଜାର ଟଙ୍କା
- ଗୋକୁଳ ମିଶନ ଅଧୀନରେ ୭୫୦ କୋଟିର ପାଣ୍ଠି
- ରାଷ୍ଟ୍ରୀୟ କାମଧେନୁ ଆୟୋଗ ଗଠନ କରାଯିବ
- ଟିକସଛାଡ଼ ସୀମା ୫ ଲକ୍ଷ ଟଙ୍କାକୁ ବୃଦ୍ଧି
- ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ୪୦ ହଜାରରୁ ୫୦ ହଜାରକୁ ବୃଦ୍ଧି
- ବ୍ୟାଙ୍କ, ପୋଷ୍ଟ ଅଫିସ ସୁଧ ଉପରେ ଟିକସ ରିହାତି ୪୦ହଜାରକୁ ବୃଦ୍ଧି
- ଗ୍ରାଚୁଇଟି ସୀମା ୩୦ ଲକ୍ଷକୁ ବୃଦ୍ଧି
- ଶ୍ରମିକଙ୍କ ଲାଗି ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା
- ରେଳପଥକୁ ୧.୫୮ ଲକ୍ଷ କୋଟି ଟଙ୍କା
- ପ୍ରତିରକ୍ଷା ବ୍ୟୟବରାଦ ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି

ବଜେଟ ନୈରାଶ୍ୟଜନକ:ମୁଖ୍ୟମନ୍ତ୍ରୀ

ନବୀନ ଦେଲେ ୨.୫ ମାର୍କ

ଭୁବନେଶ୍ୱର,୧।୨(ବ୍ୟୁରୋ)

ଭାଜପା ପରିଚାଳିତ ଏନଡିଏ ସରକାର ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ଶେଷ କାମଚଳା ବଜେଟ ଶୁକ୍ରବାର ପାର୍ଲାମେଣ୍ଟରେ ଉପସ୍ଥାପନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ବଜେଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ନମ୍ବରରୁ ୨.୫ ନମ୍ବର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବାଜେଟ ନୂତନ ଭାରତ ପାଇଁ ଉଦ୍ଦିଷ୍ଟ କହୁଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ନୈରାଶ୍ୟଜନକ ବୋଲି କହିଛନ୍ତି।



ଏହି ବଜେଟରେ ଜାତୀୟ ସୁରକ୍ଷା ଯୋଜନା ତଥା ବାର୍ଦ୍ଧକ୍ୟ ଭତ୍ତା ଏବଂ ଅନ୍ୟ ଭତ୍ତା କ୍ଷେତ୍ରରେ କୌଣସି ବୃଦ୍ଧି ହୋଇ ନାହିଁ। ରାଜ୍ୟ ସରକାର ପ୍ରତ୍ୟେକ ମାସରେ ୪୮ ଲକ୍ଷ ହିତାଧିକାରୀଙ୍କୁ ମାସିକ ୫୦୦ ଟଙ୍କା ଦେଉଥିବା ବେଳେ କେନ୍ଦ୍ର ସରକାର ମାତ୍ର ୨୦ ଲକ୍ଷ ହିତାଧିକାରୀଙ୍କୁ ୨୦୦ ଟଙ୍କା ଦେଉଛନ୍ତି। ଅନୁସୂଚିତ ଜାତି ଓ ଜନଜାତି(ଏସ୍‌ସି/ଏସ୍‌ଟି) କଲ୍ୟାଣ ପାଇଁ ବଜେଟରେ ସେପରି କିଛି ଆଖିଦୃଶିଆ ବୃଦ୍ଧି ହୋଇ ନାହିଁ । ଏସ୍‌ସି/ଏସ୍‌ଟି ଅଞ୍ଚଳ ଭିତ୍ତିଭୂମି ଓ ଶିକ୍ଷା

☞ପୃଷ୍ଠା–୨

ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପ ପାଇଁ ୭୦୧୦କୋଟି

ଭୁବନେଶ୍ୱର,୧।୨(ବ୍ୟୁରୋ)

ଚଳିତ ବର୍ଷ ଅନ୍ତରୀଣ ବଜେଟରେ ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପ ଲାଗି ମୋଟ ୭୦୧୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ପୂର୍ବତଟ ରେଳପଥ ଅଧୀନରେ ଆସୁଥିବା ତାଳଚେର–ଅନୁଗୋଳ ମଧ୍ୟରେ ୧୪.୫ କିମିର ଏକ ନୂଆ ଲାଇନ ବିଛାଇବା ଲାଗି ଯୋଜନା ରହିଛି। ଏହି ପ୍ରକଳ୍ପ ଲାଗି ମୋଟ ୨୭୮ କୋଟି ଟଙ୍କାର ବ୍ୟୟ ଧାର୍ଯ୍ୟ କରାଯାଇଛି। ଗତବର୍ଷର ମୋଟ ବ୍ୟୟ ବରାଦ ହୋଇଥିବା ଅର୍ଥ ତୁଳନାରେ ଚଳିତ ବର୍ଷ ଏଥିରେ ୧୩% ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଏହା ମଧ୍ୟରେ ରେଲୱେର ବିଭିନ୍ନ ପ୍ରକଳ୍ପ, ବିଦ୍ୟୁତୀକରଣ, ଯାତ୍ରୀ ସୁବିଧାର ଉନ୍ନତୀକରଣ, ୱାର୍କଶପ ସ୍ଥାପନ, ଟ୍ରାକ୍ ଉନ୍ନତିକରଣ ଭଳି ବିଭିନ୍ନ କ୍ଷେତ୍ର ରହିଛି। ନୂଆ ଲାଇନ ପାଇଁ ଚଳିତ ବର୍ଷ ୨୬୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ଗତବର୍ଷ ତୁଳନାରେ ୬୭% ଅଧିକ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

- ତାଳଚେର-ଅନୁଗୋଳ ମଧ୍ୟରେ ନୂଆ ଲାଇନ
- ମୋଟ ବ୍ୟୟ ବରାଦରେ ୧୩% ବୃଦ୍ଧି
- ହରିଦାସପୁର-ପାରାଦୀପ ପ୍ରକଳ୍ପକୁ ୪୦୦ କୋଟି

ଏହା ବାଦ ଯାତ୍ରୀ ସୁବିଧା ଉନ୍ନତୀକରଣ ବାବଦକୁ ୧୮୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତବର୍ଷ ଏହା ୮୨ କୋଟି ଟଙ୍କା ରହିଥିଲା। ଏହି ତୁଳନାରେ ଚଳିତ ବର୍ଷ ଏଥିରେ ୧୧୯% ବୃଦ୍ଧି ଘଟିଛି। ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପ ଯଥା– ଅନୁଗୋଳ–ସୁକିନ୍ଦା ରୋଡ ରେଳ ପ୍ରକଳ୍ପ ଲାଗି ୨୫୦ କୋଟି, ହରିଦାସପୁର–ପାରାଦୀପ ପ୍ରକଳ୍ପ ବାବଦକୁ ୪୦୦ କୋଟି, ଖୋର୍ଦ୍ଧାରୋଡ–ବଲାଙ୍ଗୀର ପାଇଁ ୩୫୦ କୋଟି, ତାଳଚେର–ବିମଳାଗଡ ପ୍ରକଳ୍ପ ଲାଗି ୧୫୦ କୋଟି, ଜୟପୁର–ମାଲକାନଗିରି ୭୦ କୋଟି, ଜୟପୁର–ନବରଙ୍ଗପୁର ରେଳ ପ୍ରକଳ୍ପ ଲାଗି ୧୦ କୋଟି ଟଙ୍କା ବଜେଟ ଅନୁଦାନ ମିଳିଛି।

ସେହିଭଳି ଦୋହରୀକରଣ ଏବଂ ତୃତୀୟ ଲାଇନ ବିଛାଇବା ଲାଗି ବଜେଟରେ ପାଣ୍ଠି ବ୍ୟବସ୍ଥା କରାଯାଇଛି। ଏହା ମଧ୍ୟରେ ରାଜ୍ୟର ସମ୍ବଲପୁର–ତାଳଚେର ରେଳ ପ୍ରକଳ୍ପ ବାବଦକୁ ୨୪୯ କୋଟି ଟଙ୍କା ପାଣ୍ଠି ପ୍ରଦାନ କରାଯାଇଥିବା ବେଳେ ସମ୍ବଲପୁର–ଟିଟିଲାଗଡ ପାଇଁ ୧୭୦ କୋଟି, ବାଂଶପାଣି–ଦେଁତାରି–ଟମକା–ଜଖପୁରା ୮୫ କୋଟି, ଭଦ୍ରକ–ନିର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ୮୬ କୋଟି,ବିଜୟ ନଗରମ–ସମ୍ବଲପୁର ତୃତୀୟ ଲାଇନ ପାଇଁ ୩୫୦ କୋଟି ଖର୍ଚ୍ଚ ହେବା ନେଇ ଅନୁଦାନ ପ୍ରଦାନ କରାଯାଇଛି। ସେହିଭଳି ଜରପଡା–ବୁଢାପଙ୍କ ୩ୟ ଏବଂ ୪ର୍ଥ ଲାଇନ ପାଇଁ ୧୨୦ କୋଟି, ବୁଢାପଙ୍କ–ସାଲେଗାଓଁର ୩ୟ,୪ର୍ଥ ଲାଇନ ୨୧୦ କୋଟି, କୋରାପୁଟ–ସିଙ୍ଗପୁର

☞ପୃଷ୍ଠା–୨

- ୨୨ରୁ ମାଟ୍ରିକ ପରୀକ୍ଷା

ବଦଳିଲା ସମୟ, ପୂର୍ବାହ୍ନ ୧୦ଟାରୁ ଆରମ୍ଭ

କଟକ ଅଫିସ,୧।୨

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ହେବାକୁ ଥିବା ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ ଆଡମିଟ୍ କାର୍ଡ ଆସନ୍ତା ୮ ତାରିଖରୁ ଉପଲବ୍ଧ ହେବ। ବୋର୍ଡର ନିଜସ୍ୱ ୱେବସାଇଟ୍ www.bseodisha.ac.inରେ ସ୍କୁଲ କର୍ତ୍ତୃପକ୍ଷ ୟୁଜର ଆଇଡି ଓ ପାସୱାର୍ଡ ଦେଇ ଛାତ୍ରୀଛାତ୍ରଙ୍କ ଆଡମିଟ୍ କାର୍ଡ ଡାଉନଲୋଡ କରିପାରିବେ। ଫେବୃୟାରୀ ୨୨ରୁ ଉପରୋକ୍ତ ୩ଟି ଯାକ ପରୀକ୍ଷା ଆରମ୍ଭ ହେବ। ହେଲେ ପରୀକ୍ଷା ସମୟରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ଘୋଷଣା ହୋଇଥିବା ସକାଳ ୯ଟା ପରିବର୍ତ୍ତେ ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ। ବୋର୍ଡ କାର୍ଯ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସମସ୍ତ ସୂଚନା ଦିଆଯାଇଥିଲା।

- ୮ରୁ ମିଳିବ ଆଡମିଟ୍ କାର୍ଡ
- ସିସିଟିଭି ବଳୟରେ ରହିବ ପରୀକ୍ଷା କେନ୍ଦ୍ର
- ସମସ୍ତଙ୍କ ପାଇଁ ମୋବାଇଲ ଫୋନ ନିଷେଧ
- ୩ ପର୍ଯ୍ୟାୟ ସିଲ୍ ଭିତରେ ଯିବ ପ୍ରଶ୍ନପତ୍ର

୫ଲକ୍ଷ ୭୨ହଜାର ୬୯୯ ଜଣ ମାଟ୍ରିକ୍ ପରୀକ୍ଷା ଦେବେ। ସେଥିମଧ୍ୟରେ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୫ଲକ୍ଷ ୪୫ହଜାର ୩୬୪ ରହିଥିବାବେଳେ ୨୫ହଜାର ୮ ଜଣ ଏକ୍ସରେଗୁଲାର, ୨୧୦୬ଜଣ ପତ୍ରବିନିମୟ ରେଗୁଲାର ଏବଂ ୨୨୧ ଜଣ ପତ୍ରବିନିମୟ ଏକ୍ସରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ଏହି ପରୀକ୍ଷା ନିମନ୍ତେ ୨୮୩୦ କେନ୍ଦ୍ର ସ୍ଥିର କରାଯାଇଛି। ସେହିପରି ମଧ୍ୟମାରେ ୩୦୦୯ଜଣ ପରୀକ୍ଷା ଦେବାକୁ ଥିବାବେଳେ ସେଥିମଧ୍ୟରେ ରେଗୁଲାର ୨୭୫୪ଜଣ ଓ ଏକ୍ସରେଗୁଲାର ୨୫୫ଜଣ ରହିଛନ୍ତି। ମଧ୍ୟମା ପରୀକ୍ଷା ନିମନ୍ତେ ୪୪ଟି କେନ୍ଦ୍ର ସ୍ଥିର ହୋଇଛି। ଅନ୍ୟପକ୍ଷରେ ୭୯ କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବେ ୧୨ହଜାର ୧୨ଜଣ। ସେଥିମଧ୍ୟରେ ୬୮୯୪ଜଣ ପ୍ରଥମଥର ପାଇଁ ପରୀକ୍ଷା ଦେଉଥିବା ବେଳେ ୫୧୧୮ଜଣ ବ୍ୟାକ ପରୀକ୍ଷାର୍ଥୀ ରହିଛନ୍ତି।

ପ୍ରଶ୍ନପତ୍ର ରଖାଯିବା ନିମନ୍ତେ ୩୦୪ ନୋଡାଲ ସେଣ୍ଟର କରାଯାଇଛି। ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ନେଇ ଯିବା ପାଇଁ ୬୯୩ ଡେସପାଚ୍ ଟିମ୍ ଗଠନ କରାଯାଇଛି ବୋଲି ବୋର୍ଡ ସଭାପତି ଜାହାଁ ଆରା ବେଗମ୍ କହିଛନ୍ତି। ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି ପରୀକ୍ଷାକୁ ଶୃଙ୍ଖଳିତ

☞ପୃଷ୍ଠା–୨

ଟ୍ରେନ୍ ଧକ୍କାରେ ହାତୀ ମୃତ

- ଗୁରୁତର ହୋଇ ଜଙ୍ଗଲକୁ ପଳାଇଥିଲା
- ମୃତଦେହ ଉଦ୍ଧାର କଲେ ବନ କର୍ମଚାରୀ

ଢେଙ୍କାନାଳ ଅଫିସ, ୧।୨

ଢେଙ୍କାନାଳ ଜିଲା ସଦର ଥାନା ଦାଣ୍ଡିମାଳ ପାସେଞ୍ଜର ହଲ୍ଟ ରେଳଷ୍ଟେଶନ ନିକଟରେ ରେଳଧାରଣା ପ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସାଇ
ପରିବାରବର୍ଗ

ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ସିବିଆଇରେ ୪ ଅଫିସର ନିଯୁକ୍ତି

ନୂଆଦିଲ୍ଲୀ,୧।୨(ପି.ଟି)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ୪ ନୂତନ ଅଫିସରଙ୍କୁ କେନ୍ଦ୍ର ସରକାର ଶୁକ୍ରବାର ନିଯୁକ୍ତି ଦେଇଛନ୍ତି। ଆସାମ ମେଘାଳୟ କ୍ୟାଡରର ୨୦୦୩-ବ୍ୟାଚ୍ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଅଖିଳେଶ କୁମାର ସିଂ ଏବଂ ତାମିଲନାଡୁ କ୍ୟାଡରର ୨୦୦୪-ବ୍ୟାଚ୍ ଆଇପିଏସ୍ ଅଫିସର ଏ.ଟି. ଦୁରାଇ କୁମାରଙ୍କୁ ସିବିଆଇର ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି କେରଳ କ୍ୟାଡରର ୨୦୦୮-ବ୍ୟାଚ୍ ଆଇପିଏସ୍ ଅଫିସର ପୁଙ୍ଗ ବିମଳାଦିତ୍ୟ ଏବଂ ଉତ୍ତରପ୍ରଦେଶ କ୍ୟାଡରର ୨୦୦୯-ବ୍ୟାଚ୍ ଆଇପିଏସ୍ ଅଫିସର ଅଖିଳେଶ କୁମାର ଚୌରାସିଆଙ୍କୁ ସିବିଆଇ ଏସ୍‌ପି ଭାବେ ନିଯୁକ୍ତି ମିଳିଛି।

ସିବିଆଇର ଅନ୍ତରୀଣ ମୁଖ୍ୟ ଏମ୍. ନାଗେଶ୍ୱର ରାଓ କେତେକ ଯୁଗ୍ମ ନିର୍ଦ୍ଦେଶକଙ୍କୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ଖସାଇ ଦେଇଥିବାରୁ ଏହାକୁ ତଦନ୍ତକାରୀ ସଂସ୍ଥାର କେତେଜଣ ଅଫିସର ସମାଲୋଚନା କରିଛନ୍ତି। ଅପରପକ୍ଷରେ ଜଣେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକଙ୍କୁ ସିବିଆଇ ମୁଖ୍ୟ ପଦରେ ଅବସ୍ଥାପିତ କରାଯାଇ ନ ଥିବାରୁ ସରକାରଙ୍କୁ ସମାଲୋଚନା କରାଯାଇଛି।

ଛାତ୍ରୀଙ୍କୁ ଅସଦାଚରଣ ଘଟଣା

ଗିରଫ ହେଲେ ପ୍ରଧାନଶିକ୍ଷକ

ବାରିପଦା ଅଫିସ,୧।୨

ମୟୂରଭଞ୍ଜ ଜିଲା ଶୂଳିଆପଦା ଥାନା ଅଧୀନ ଏକ ପ୍ରାଥମିକ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶୁକ୍ରବାର ସମ୍ପୃକ୍ତ ପ୍ରଧାନଶିକ୍ଷକ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ସେ ହେଲେ ଅନଙ୍ଗଦେଓ ଟିପିରିଆ। ଗତ ୨୯ ତାରିଖରେ ଜନୈକା ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ଟିପିରିଆ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀ ଘରେ ଜଣାଇବା ପରେ ପୂର୍ବରୁ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଅସଦାଚରଣର ଶିକାର ହୋଇଥିବା ଦୁଇ ଛାତ୍ରୀ ମୁହଁ ଖୋଲିଥିଲେ। ପ୍ରଧାନ ଶିକ୍ଷକଙ୍କୁ ଗୁରୁବାର ଅଭିଭାବକ ଅଟକ ରଖି ଲଣ୍ଡା କରିଥିଲେ। ଘଟଣାସ୍ଥଳରେ ଶୂଳିଆପାଦା ଥାନା ଅଧିକାରୀ ସଞ୍ଜୟ ପ୍ରଧାନ ସଦଳବଳ ଯାଇ ପ୍ରଧାନଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। ପୀଡିତା ନାବାଳିକାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪/୧୯) ରୁଜୁ କରିଛି।

ପ୍ରଥମ ପୃଷ୍ଠାରୁ...

ବାଲଟ ପାଇଁ ...

ଅବସର ନେଉଥିବା କର୍ମଚାରୀଙ୍କ ଗ୍ରାଚୁଇଟି ସୀମାକୁ ୩୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ଦ୍ୱାରା ୩ କୋଟି ମଧ୍ୟବିତ୍ତ ଟିକସଦାତା ଉପକୃତ ହେବେ ବୋଲି ଜଣାପଡିଛି। ଏତିକି ବେଳେ ଗୃହରେ 'ମୋଦି ମୋଦି' ସ୍ୱର ଶୁଭିଥିଲା। ଗୃହରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁରୁକି ହସା ଦେଉଥିବା ଦେଖିବାକୁ ମିଳିଥିଲା।

ଅର୍ଥମନ୍ତ୍ରୀ ଏହି ଅବସରରେ 'ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ୍‌ଧନ୍ ଯୋଜନା' ଘୋଷଣା କରିଛନ୍ତି। ଏହା ଅଧୀନରେ ଜଣେ ଶ୍ରମିକ ମାସକୁ ୧୦୦ ଟଙ୍କା ଜମା ଦେଲେ ତାଙ୍କୁ ୬୦ ବର୍ଷ ପରେ ୩ ହଜାର ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ୍ ଦିଆଯିବ। ବଜେଟରେ ଏଥିପାଇଁ ୫୦୦ କୋଟି ଟଙ୍କାର ବ୍ୟବସ୍ଥା ଘୋଷଣା କରାଯାଇଛି। ସେହିପରି ସରକାର ନୂତନ ପେନ୍‌ସନ୍ ସ୍କିମ୍-ଏନ୍‌ପିଏସ୍ ଅଧୀନରେ ଆସୁଥିବା ଶ୍ରମିକଙ୍କ ଦେୟ ଉପରେ ତାଙ୍କ ଅବଦାନକୁ ୧୦ରୁ ୧୪ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଶ୍ରମିକମାନଙ୍କ ପାଇଁ ଇପିଏଫଓ ପକ୍ଷରୁ କ୍ଷତିପୂରଣ ରାଶିକୁ ୨.୫ ଲକ୍ଷରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ପାରିଶ୍ରମିକ ୫୦% ବୃଦ୍ଧି ପାଇବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ଏହି ବଜେଟ ଯୁବବର୍ଗଙ୍କୁ ନିରାଶ କରିଛି। ଦେଶରେ ବେକାରି ସମସ୍ୟା ବଢ଼ିଚାଲିଥିବାବେଳେ ଚାକିରି ଆଶାୟୀ ଯୁବତୀଯୁବକଙ୍କ ପାଇଁ ଅନ୍ତରୀଣ ବଜେଟରେ ସରକାର କିଛି ବ୍ୟବସ୍ଥା କରିନାହାନ୍ତି। ଏହାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ଅନ୍ତରୀଣ ବଜେଟରେ ରେଳପଥ ପାଇଁ ମୋଟ ୧ଲକ୍ଷ ୫୮ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ତନ୍ମଧ୍ୟରୁ କେନ୍ଦ୍ର ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୬୪,୫୮୭ କୋଟି ଟଙ୍କାର ବଜେଟ ସହାୟତା ଦେବେ। ଅର୍ଥମନ୍ତ୍ରୀ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟୟବରାଦକୁ ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ରାଷ୍ଟ୍ରୀୟ ଶିକ୍ଷା ମିଶନ,ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଲାଗି ଅଧିକ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ପୁଞ୍ଜି ପ୍ରତ୍ୟାହାରରୁ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ୮୦ ହଜାର କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖିଥିବା ବେଳେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ୯୮ ପ୍ରତିଶତ ଗ୍ରାମରେ ପରିମଳ ବ୍ୟବସ୍ଥା ପହଞ୍ଚିଥିବା ଉଲ୍ଲେଖ କରିଛନ୍ତି। ଅର୍ଥମନ୍ତ୍ରୀ ବଜେଟ ଭାଷଣରେ ଆୟୁଷ୍ମାନ ଯୋଜନା, ଉଜ୍ଜ୍ୱଳା ଯୋଜନା,ମୁଦ୍ରା ଯୋଜନା, ବିମୁଦ୍ରୀକରଣ, ଜିଏସ୍‌ଟି, ଉଡ଼ାନର ସଫଳତା ବଖାଣିଛନ୍ତି। ଡିଜିଟାଲ ଇଣ୍ଡିଆ ଅଧୀନରେ ମୋବାଇଲ ଫୋନ ନିର୍ମାତାଙ୍କ ସଂଖ୍ୟା ବୃଦ୍ଧିପାଇବା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପାଇଁ ୯ଟି ପ୍ରମୁଖ କ୍ଷେତ୍ର ଚିହ୍ନଟ କରିବା, କୌଶଳ ବିକାଶ ଆଦି ସମ୍ପର୍କରେ ଉଲ୍ଲେଖ କରିଛନ୍ତି।

ବଦଳିଲା ସମୟ, ...

ଭାବେ କିପରି ସମାପନ କରାଯିବ ସେ ଦିଗରେ ମତ ଦେଇଥିଲେ। ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ କିଛି ଦିନ ଆଗରୁ ପ୍ରଶ୍ନପତ୍ର ଯାଉଥିଲା। ଚଳିତବର୍ଷ ପରୀକ୍ଷା ଦିନ ସକାଳ ୬ଟାରୁ ୮.୩୦ ମଧ୍ୟରେ ପ୍ରଶ୍ନପତ୍ର କେନ୍ଦ୍ରରେ ପହଞ୍ଚିବ। ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଏହାକୁ ଅନୁଧ୍ୟାନ କରିବା ପରେ ପ୍ରଶ୍ନପତ୍ର ଷ୍ଟ୍ରଙ୍ଗ୍‌ରୁମ୍‌କୁ ନିଆଯିବ। ପ୍ରଶ୍ନପତ୍ର ଗୁଡ଼ିକ ୩ଟି ପର୍ଯ୍ୟାୟରେ ସିଲ୍ ହୋଇଥିବ। ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ନିରୀକ୍ଷକ ଓ ପରିଦର୍ଶକଙ୍କ ଉପସ୍ଥିତିରେ ପ୍ରଥମ ସିଲ୍‌କୁ ଖୋଲାଯିବ। ଏହି ସିଲ୍‌ଟି ପଲିଥିନ ଦ୍ୱାରା ଆବଦ୍ଧ ଥିବ। ପରେ ପରୀକ୍ଷା ହଲ ଅନୁସାରେ ପ୍ରଶ୍ନପତ୍ର ସିଟ୍ ସଜାଯିବ। ନିରୀକ୍ଷକଙ୍କ ଦ୍ୱାରା ପ୍ରଶ୍ନପତ୍ର ପରୀକ୍ଷା ହଲକୁ ନିଆଯିବ। ଏହାପରେ ପରୀକ୍ଷା ଆରମ୍ଭ ହେବାର ୧୫ମିନିଟ ପୂର୍ବରୁ ଅର୍ଥାତ ପୂର୍ବାହ୍ନ ୯.୪୫ରେ ଦ୍ୱିତୀୟ ପର୍ଯ୍ୟାୟ ସିଲକୁ ଖୋଲାଯିବ। ନିରୀକ୍ଷକ ଓ ଦୁଇ ଜଣ ଛାତ୍ରୀ କିମ୍ବା ଛାତ୍ରଙ୍କ ଉପସ୍ଥିତିରେ ଉକ୍ତ ସିଲକୁ ହଟାଯିବ। ପ୍ରଶ୍ନପତ୍ରଟି ଏକ କାଗଜ ସିଲରେ ଆବଦ୍ଧ ଥିବ। ଠିକ୍ ପୂର୍ବାହ୍ନ ୧୦ଟାରେ ଛାତ୍ରୀଛାତ୍ର ତୃତୀୟ ସିଲ୍‌କୁ ଖୋଲିବେ ବୋଲି ପରୀକ୍ଷା ନିୟନ୍ତ୍ରକ ମହାନ୍ତି କହିଥିଲେ।

ଅନ୍ୟପକ୍ଷରେ ୬୦ଟି ମୂଲ୍ୟାୟନ କେନ୍ଦ୍ର ସ୍ଥିର କରାଯାଇଛି। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ ୫୨ଟି ରହିଥିବା ବେଳେ ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ୪ଟି ଲେଖାଏ ମୂଲ୍ୟାୟନ କେନ୍ଦ୍ର କରାଯିବ। ତେବେ ପ୍ରଶ୍ନପତ୍ର ବିଭ୍ରାଟକୁ ଏଡାଇବାକୁ ଯାଇ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ସିସିଟିଭି ବଳୟରେ ରହିବ ବୋଲି ନିୟନ୍ତ୍ରକ ମହାନ୍ତି କହିଥିଲେ। କୌଣସି କର୍ମଚାରୀ କିମ୍ବା ଅଧିକାରୀ ମୋବାଇଲ ଫୋନ ବ୍ୟବହାର କରିବା ତ ଦୂରର କଥା ପରୀକ୍ଷା କେନ୍ଦ୍ରକୁ ନେଇପାରିବେ ନାହିଁ। କେବଳ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ମୋବାଇଲ ଫୋନ ପାଖରେ ରଖିପାରିବେ। ହେଲେ ତାହାକୁ କେବଳ ଜରୁରିକାଳୀନ ପରିସ୍ଥିତିରେ ବ୍ୟବହାର କରିବେ। ବୋର୍ଡ କର୍ତ୍ତୃପକ୍ଷ ପରୀକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତା ୫ ତାରିଖରେ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଆୟୋଜନ କରିବେ। ଯେଉଁଠାରେ ମାଷ୍ଟର ଟ୍ରେନର ଭାବେ କେତେଜଣ ବ୍ୟକ୍ତି ପ୍ରଶିକ୍ଷଣ ପାଇ ବିଭିନ୍ନ ଜିଲାରେ ଆସନ୍ତା ୧୨ ତାରିଖ ମଧ୍ୟରେ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ପ୍ରଶିକ୍ଷଣ ଦେବେ।

ଟ୍ରେନ୍ ଧକ୍କାରେ ...

ହେଲେ ଟ୍ରେନ୍ ଅଟକିବା ପୂର୍ବରୁ ହାତୀ ସହ ଧକ୍କା ହୋଇଥିଲା। ଗୁରୁତର ଆଘାତ ପାଇବା ପରେ ହାତୀଟି ଜଙ୍ଗଲ ଆଡ଼କୁ ପଳାଇଥିଲା। ସୂଚନାପାଇ ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର କୁମାର ଦାସ, ରେଞ୍ଜର ଦର୍ଶନିଆ ଭୋଇ, ବନ ବିଭାଗ କର୍ମଚାରୀ, ହାତୀ ସ୍କ୍ୱାଡ୍ ସଦସ୍ୟମାନେ ଖୋଜାଖୋଜି କରିବା ବେଳକୁ ମୃତ ଅବସ୍ଥାରେ ହାତୀକୁ ଠାବ କରାଯାଇଥିଲା। ଘଟଣା ପରେ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଛି। ଖବର ଲେଖାଯିବା ସୁଦ୍ଧା ଦାଣ୍ଡିମାଳ ପାସେଞ୍ଜର ହଲ୍ଟରେ ମାଲଗାଡ଼ି ଏବଂ ଢେଙ୍କାନାଳ ଷ୍ଟେଶନରେ ପୁରୀ-ତାଳଚେର ପାସେଞ୍ଜର ଟ୍ରେନ୍ ଅଟକି ରହିଛି। ଜିଲାରେ ୨୦୧୮-୧୯ରେ ବିଭିନ୍ନ କାରଣରୁ ୧୯ ହାତୀଙ୍କ ମୃତ୍ୟୁ ଘଟିଛି। ଗତ ୩ବର୍ଷ ମଧ୍ୟରେ ଟ୍ରେନ୍ ଧକ୍କାରେ ୩ ହାତୀଙ୍କ ଜୀବନ ଯାଇଛି।

ବଜେଟ ନୈରାଶ୍ୟଜନକ...

କ୍ଷେତ୍ରରେ ବଜେଟ ଅତ୍ୟନ୍ତ ନୈରାଶ୍ୟଜନକ। ଆମେ ଅନୁସୂଚିତ ଜାତି ଛାତ୍ରୀଛାତ୍ରମାନଙ୍କ ମେଧାବୃତ୍ତି ପାଣ୍ଠି ଦେବା ଜାରି ରଖିବାକୁ ଅନୁରୋଧ କରିଥିଲୁ। ବଜେଟରେ ଏଥିପାଇଁ କିଛି ବ୍ୟବସ୍ଥା ହୋଇନାହିଁ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ) ଅନୁଦାନକୁ ହ୍ରାସ କରାଯାଇଥିବାରୁ ଶ୍ରମିକମାନଙ୍କୁ ମଜୁରି ଦେବା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଗ୍ରାମାଞ୍ଚଳ ଯୋଗାଯୋଗ, ଗୃହ ନିର୍ମାଣ ଏବଂ ପିଇବା ପାଣି ଆଦି ପାଇଁ ବଜେଟ ରାଶି ହ୍ରାସ କରାଯାଇଛି ଅଥବା ପୂର୍ବଭଳି ରଖାଯାଇଛି। ୨୦୧୫ରୁ ୨୦ ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନ ୧ ଲକ୍ଷ ୮୪ ହଜାର ୭୨ କୋଟି ଅନୁମୋଦନ କରିଥିଲେ। ସେଥିରୁ ୨୦୧୫ରୁ୧୮ ମଧ୍ୟରେ ପ୍ରକୃତରେ ଗ୍ରହଣ କରାଯାଇଥିବା, ୨୦୧୮-୧୯ ପାଇଁ ସଂଶୋଧିତ ଏବଂ ୨୦୧୯-୨୦ ପାଇଁ ବଜେଟ ଏଷ୍ଟିମେଟ ଅନୁଯାୟୀ ରାଜ୍ୟ ୧ ଲକ୍ଷ ୫୭ ହଜାର ୮୨୫ କୋଟି ଟଙ୍କା ପାଇବ। ରାଜ୍ୟ ୨୬ ହଜାର ୩୪୨ କୋଟି ଟଙ୍କା ହରାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ତେବେ ନିମ୍ନ ଏବଂ ମଧ୍ୟମ ବର୍ଗର ଲୋକମାନଙ୍କୁ ଏହି ବଜେଟ ଫାଇଦା ଦେଉଥିବାରୁ ମୁଖ୍ୟମନ୍ତ୍ରୀ ଏହାକୁ ସ୍ୱାଗତ କରିଛନ୍ତି। ଏଥିସହିତ ଆମ କାଳିଆ ଯୋଜନା ଭଳି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି) ବ୍ୟବସ୍ଥା ହୋଇଥିବାରୁ ଏହାକୁ ଆମେ ସ୍ୱାଗତ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାଳିଆ ଯୋଜନାଠାରୁ ସହାୟତା ରାଶି ଅଧିକ ଅର୍ଥାତ୍ ବର୍ଷକୁ ୧୦ ହଜାର ଟଙ୍କା ହୋଇଥିଲେ ଚାଷୀଙ୍କୁ ଅଧିକ ଫାଇଦା ମିଳିଥାଆନ୍ତା। ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ବଜେଟରେ ନିଆଯାଇଥିବା କିଛି ପଦକ୍ଷେପ ଉତ୍ସାହଜନକ। ତେବେ ଏହା ଦେଶରେ ନିଯୁକ୍ତି ସୁଯୋଗକୁ ସେତେଟା ତ୍ୱରାନ୍ୱିତ କରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ବିଭିନ୍ନ ରେଳ ...

ରୋଡ ୨୦୫ କୋଟି, ମନୋହରପୁର-ବନ୍ଧମୁଣ୍ଡା ୩ୟ ଲାଇନ ବାବଦରେ ୪୦ କୋଟି , ରାଉରକେଲା-ଝାରସୁଗୁଡା ୩ୟ ଲାଇନ ୧୫୦ କୋଟି ଏବଂ ବନ୍ଧମୁଣ୍ଡା-ରାଉରକେଲା ୪ର୍ଥ ଲାଇନରେ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣା ପଡ଼ିଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାନ୍ଦୁଆ, ଗଞ୍ଜାମ

ମେଷ
ସ୍ୱସ୍ଥାନହନ୍ତା ବୃହସ୍ପତି ଅଷ୍ଟମଭାବର ସମସ୍ତ ସମସ୍ୟାକୁ ପ୍ରତିହତ କରିବାରେ ସମର୍ଥ ହେବେ। ପୂର୍ବରୁ ଭଲ ସମ୍ପର୍କ ନଥିବା ନିଜର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ଯାନବାହାନ, ହୋଟେଲ ଶିଳ୍ପ, ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ମଧ୍ୟସ୍ଥତା କଲେ ଅପଦସ୍ଥ ହେବାକୁ ପଡ଼ିପାରେ।

ବୃଷ
ଏକାଦଶସ୍ଥ ମଙ୍ଗଳ ଆଜି ଆପଣଙ୍କ ସକାଶେ ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପ୍ରଦାନ କରିପାରନ୍ତି। କୌଣସି ବୟସ୍କବ୍ୟକ୍ତିଙ୍କ ଶାରୀରିକ ଅସୁସ୍ଥତା ଯୋଗୁ ମାନସିକ ସ୍ଥିତି ଅପରାହ୍ନେ ଠିକ୍ ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ଦ୍ୱିଧାଭାବ ସୃଷ୍ଟି ହୋଇପାରେ । କର୍ମକ୍ଷେତ୍ର, ଅର୍ଥ ସମ୍ପର୍କ ସହ ଆଲୋଚନା ମନ୍ଦ ହେବନାହିଁ।

ମିଥୁନ
ଅଷ୍ଟମରେ ରାଶ୍ୟାଧିପଙ୍କ ସ୍ଥିତି ହେତୁ ସ୍ୱାସ୍ଥ୍ୟ ସମସ୍ୟା କାମକୁ ନିରୁତ୍ସାହିତ କରିବ। ନିଜ ପରିସରରେ କୌଣସି ସ୍ୱଳ୍ପ ବୟସ୍କ ବାଳକ ସକାଶେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ପରାମର୍ଶକୁ ଗ୍ରହଣ କରିବେ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରି ପାରନ୍ତି। ସୌଖୀନ ଦ୍ରବ୍ୟ କ୍ରୟ କରିବା କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇପାରନ୍ତି।

କର୍କଟ
ରାଶିରେ ରାହୁଙ୍କ ପ୍ରଭାବରେ ଭୁଲ୍ ନିଷ୍ପତ୍ତି ଗ୍ରହଣ କରି କିମ୍ବା ପରକଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରିବେ। ଅର୍ଥ ସମ୍ପର୍କୀୟ ଆଲୋଚନାରେ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି। ବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ଯାତ୍ରା ସମୟରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

ସିଂହ
ପାରିବାରିକ ସମସ୍ୟା ବୃଦ୍ଧି ପାଇବା ସାଙ୍ଗକୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ମନ ଚହଲିଯାଇପାରେ। ବ୍ୟବସାୟ ଓ ପରିବହନରେ ଅବଶ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଆର୍ଥିକ ସ୍ଥିତି କିଛି ମାତ୍ରାରେ ବଦଳିଯିବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

କନ୍ୟା
ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ସାମ୍ବାଦିକତା ତଥା ଏଜେନ୍ସିପରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସ୍ୱାସ୍ଥ୍ୟରେ ସମସ୍ୟା ସାଙ୍ଗକୁ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦର ଆଶଙ୍କା ଦେଖାଦେବ।

ତୁଳା
ପାରିବାରିକ ସମସ୍ୟାକୁ ନିକଟ ସମ୍ପର୍କୀୟମାନଙ୍କ ସହାୟତାରେ ସୁଧାରି ନେବେ। ବନ୍ଧୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ସଭାସମିତିରେ ସୁନାମ ମିଳିବ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ।

ବିଛା
ଅତୀତ ଘଟଣା ସମୂହକୁ ମନେ ପକାଇ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ପାଇପାରେ। ଅନୁରାଧା ନକ୍ଷତ୍ରର ବିଭିନ୍ନ ସମସ୍ୟାରେ ଅଟକି ରହିଥିବା ଏବଂ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ବିବାଦୀୟ ଘଟଣାରେ, ପରିବହନ କ୍ଷେତ୍ରରେ, ମାଲିମକଦ୍ଦମାରେ ଅବଶ୍ୟ ସଫଳତା ପାଇପାରିବେ ।

ଧନୁ
ଦୀର୍ଘଦିନର

୮୮ କୋଟିର ପ୍ରକଳ୍ପ ଘୋଷଣାକଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର, ୧।୨ (ବ୍ୟୁରୋ)

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ବିଜୁ ଯୁବ ସମାବେଶରେ ମୁଖ୍ୟମନ୍ତ୍ରୀ 'ମୁଁ ହିରୋ'ଙ୍କୁ ପୁରସ୍କୃତ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନିକିଆ ସମ୍ବଲପୁର ଗସ୍ତରେ ଆସି ୮୮ କୋଟି ଟଙ୍କାର ୫ଟି ନୂଆ ପ୍ରକଳ୍ପ ପାଇଁ ଘୋଷଣା କରିଛନ୍ତି। ସମ୍ବଲପୁର-ସୋନପୁର ରାସ୍ତା ମାଳତୀ ନଦୀ ଉପରେ ବ୍ରିଜ ନିର୍ମାଣ ପାଇଁ ୨୦ କୋଟି ଟଙ୍କା, ଦୁର୍ଗାପାଲି-ଏନଏଚ୍-୫୩ ରାସ୍ତା ପ୍ରଶସ୍ତୀକରଣ ପାଇଁ ୧୫ କୋଟି, ଜିଲା ସ୍କୁଲରୁ-ନକ୍ସାପାଲି ରାସ୍ତା ପାଇଁ ୪୦ କୋଟି, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ପାଇଁ ୩ କୋଟି, ବାଲିବନ୍ଧାରେ ବ୍ରିଜ ପାଇଁ ୧୦ କୋଟି ଟଙ୍କ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାନଦୀରେ ଦ୍ୱିତୀୟ ସେତୁ, ହୀରାକୁଦରେ ରୋପୱେ, ରିଭର ପଏଣ୍ଟ ଭ୍ୟୁ ଭଳି ୧୯ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୧୪ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଉଦ୍‌ଘାଟନ ହୋଇଥିବା ପ୍ରକଳ୍ପ ଓ ଶିଳାନ୍ୟାସ ଲାଗି ଘୋଷଣା ହୋଇଥିବା ପ୍ରକଳ୍ପକୁ ମିଶାଇ ୭ଶହ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ସମ୍ବଲପୁରୀବାସୀଙ୍କୁ ଭେଟି ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରୁ ଆସି ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ । ସେଠାରୁ ହେଲିକପ୍ଟର ଯୋଗେ ମନ୍ଦଳିଆ ପଡ଼ିଆରେ ପହଞ୍ଚି କାର ଯୋଗେ ଯାଇ ସମଲେଇ ମନ୍ଦିର ନିକଟ ରିଭର ପଏଣ୍ଟ ଭ୍ୟୁର ଉଦ୍‌ଘାଟନ କରିଥିଲେ। ଏହାପରେ ନେଲସନ ମଣ୍ଡେଲା ଛକ ନିକଟରେ ମହାନଦୀ ଉପରେ ୧୧୭.୭୨ କୋଟି ଟଙ୍କା ବ୍ୟୟରେ ନିର୍ମିତ (ଦେଢ କି.ମି.ଯୁକ୍ତ ଲମ୍ବ) ଦ୍ୱିତୀୟ ସେତୁ ଉଦ୍‌ଘାଟନ କରିଥିଲେ। ଶେଷରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହୀରାକୁଦରେ ରୋପୱେ ସମେତ ୧୯ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୧୪ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେଠାରେ ଯୁବ ସମାବେଶ ପାଇଁ ବିଭିନ୍ନ ଅଞ୍ଚଳରୁ ଯୁବଗୋଷ୍ଠୀ ଯୋଗ ଦେଇଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଯୁବଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ କିଛି ଅଭିଭାଷଣ ରଖି ନ ଥିଲେ। କେବଳ ୫ ନୂଆ ପ୍ରକଳ୍ପ ପାଇଁ ଅନ୍ ଦି ସ୍ପଟ୍ ଘୋଷଣା କରି ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ସମ୍ପର୍କରେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୁ ଯୁବ ବାହିନୀ ଓ ମୋ ହିରୋ ଯୋଜନାରେ ସଫଳ ଭାବେ କାର୍ଯ୍ୟ କରିଥିବା ଯୁବକମାନଙ୍କୁ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମ ଶେଷରେ ମୁଖ୍ୟମନ୍ତ୍ରୀ ଷ୍ଟାଡ଼ିୟମରୁ କାର ଯୋଗେ ଆସି ଧନକଉଡା ହାଇସ୍କୁଲ ପଡିଆରେ ପହଞ୍ଚିଥିଲେ। ସେଠାରୁ ହେଲିକପ୍ଟର ଯୋଗେ ଜମାଦାରପାଲି ଏୟାରଷ୍ଟ୍ରିପରେ ପହଞ୍ଚି ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ଫେରିଯାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପୋଲିସ ଭାଜପା ଓ କଂଗ୍ରେସର ୭୬ ଜଣ ନେତା ଓ କର୍ମୀଙ୍କୁ ବିଭିନ୍ନ ଥାନାରେ ଅଟକ ରଖିଥିଲା । ମୁଖ୍ୟମନ୍ତ୍ରୀ ଗସ୍ତ ପରେ ଅପରାହ୍ନ ୩ଟାରେ ସେମାନଙ୍କୁ ଛାଡି ଦିଆଯାଇଥିଲା।

ନବୀନଙ୍କ ଦିନିକିଆ ସମ୍ବଲପୁର ଗସ୍ତ

- ମହାନଦୀ ଦ୍ୱିତୀୟ ସେତୁ, ରୋପ୍‌ୱେ ଲୋକାର୍ପିତ
- ୧୪ ପ୍ରକଳ୍ପର ଶିଳାନ୍ୟାସ, ୧୯ ପ୍ରକଳ୍ପର ଉଦ୍‌ଘାଟନ
- ବିଜୁ ଯୁବ ସମାବେଶରେ ଯୋଗଦେଲେ
- ଜିଲାକୁ ୭ଶହ କୋଟି ଟଙ୍କାର ଭେଟି
- ବିରୋଧ କରି ୭୬ ଅଟକ

ଅନ୍‌ଲାଇନରେ ହେବ ଓଟିଇଟି

କଟକ ଅଫିସ,୧।୨

ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଅଫ୍‌ଲାଇନରେ ହେବା ଯୋଗୁ ପ୍ରଶ୍ନପତ୍ର ଲିକ୍ କିମ୍ବା ଅନ୍ୟାନ୍ୟ ଅନିୟମିତତା ଆଶଙ୍କା ରହୁଛି। ଏଣୁ ଓଟିଇଟି ଏଣିକି ଅନଲାଇନରେ ହେବ ବୋଲି ନିଷ୍ପତ୍ତି ନେଇଛନ୍ତି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ। ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ୍ ଏ କଥା କହିଛନ୍ତି। ସୂଚନାଥାଉକି, ଗତ ଜାନୁୟାରୀ ୧୬ରେ ହୋଇଥିବା ଓଟିଇଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ପ୍ରଶ୍ନପତ୍ର-୧ ବଣ୍ଟାଯିବାର କିଛି ମିନିଟ ପରେ ତାହା ଲିକ ହୋଇଛି ବୋଲି ଜଣାପଡ଼ିଥିଲା। ଫଳରେ ୨୫୧ଟି ସେଣ୍ଟରର ପରୀକ୍ଷାକୁ ବାତିଲ କରାଯାଇଥିଲା। ଏହାପରେ ବୋର୍ଡ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଧାରା ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହେବା ସହ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ପ୍ରକାଶ ପାଇଲା ଡି.ଇଏଲ୍.ଇଡି. ପରୀକ୍ଷାଫଳ

କଟକ ଅଫିସ,୧।୨

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଡି.ଇଏଲ୍.ଇଡି.(ଡିପ୍ଲୋମା ଇନ ଏଲିମେଣ୍ଟାରି ଏଜୁକେଶନ) ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି। ୬୦୧୩ଜଣ ଦ୍ୱିତୀୟ ବର୍ଷ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରେ ୫୮୧୨ଜଣ ରେଗୁଲାର ଓ ୨୦୧ଜଣ ବ୍ୟାକ ପେପର ପରୀକ୍ଷାର୍ଥୀ ଥିଲେ। ଜଣେ କପି କରି ଧରା ପଡ଼ିଥିବା ବେଳେ ୫୮୬୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ବର୍ଷରେ ମୋଟ୍ ପରୀକ୍ଷା ଦେଇଛନ୍ତି ୬୦୫୫ଜଣ। ଏମାନଙ୍କ ମଧ୍ୟରୁ ୧୧ଜଣ କପି କରି ଧରାପଡ଼ିଥିଲେ। ସୂଚନାଥାଉକି, ଏହି ପରୀକ୍ଷା ଗତ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ରାଜ୍ୟର ୪୨ କେନ୍ଦ୍ରରେ ହୋଇଥିଲା।

ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,୧।୨ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସିବା ଅବସରରେ ଜିଲା ଓକିଲ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଜମାଦାରପାଲି ଏୟାରଷ୍ଟ୍ରିପରେ ପ୍ରାୟ ୭ ମିନିଟ ଧରି ମୁଖ୍ୟମନ୍ତ୍ରୀ ଓକିଲମାନଙ୍କ ସହ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ କଥା ହୋଇଥିଲେ। ଏହି ଆଲୋଚନା ସଫଳ ହୋଇଛି। ଖୁବ ଶୀଘ୍ର ଦାବି ଉପରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଓକିଲ ସଂଘ ଆଶା ରଖିଛି । ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଖୁବ ଶୀଘ୍ର ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ କହିଛନ୍ତି । ଅନ୍ୟପକ୍ଷେ ଯଦି ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦାବି ଉପରେ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରନ୍ତି ତେବେ ଓକିଲ ସଂଘ ସାଧାରଣ ପରିଷଦ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି ନେବ ବୋଲି ସଭାପତି ପ୍ରଧାନ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଓକିଲମାନେ ଆଲୋଚନା ବେଳେ ଜିଲାପାଳ ସମର୍ଥ ବର୍ମା,ଏଡିଏମ୍ ଅଜୟ କୁମାର ଜେନା, ସଂଘ ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ, ଉପସଭାପତି ବେଦବ୍ୟାସ ସାଥୁଆ, ସୁରେଶ୍ୱର ମିଶ୍ର, ପ୍ରମୋଦ ଦାଶ, ଦୀପକ କୁଅଁର, ପ୍ରଦୀପ ବହିଦାର ପ୍ରମୁଖ ଉପସ୍ଥିତି ଥିଲେ । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ୩୦ ତାରିଖରେ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା । ସେ ସମୟରେ ଜିଲାପାଳ ବର୍ମା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ସମୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ମିରେଜ୍-୨୦୦୦ ଦୁର୍ଘଟଣାଗ୍ରସ୍ତ: ୨ ପାଇଲଟ୍ ଶହୀଦ

ବେଙ୍ଗାଲୁରୁ,୧।୨(ପି.ଟି.)

ଭାରତୀୟ ବାୟୁସେନା ବିମାନ ମିରେଜ୍-୨୦୦୦ ଶୁକ୍ରବାର ସ୍ଥାନୀୟ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ ଏୟାରପୋର୍ଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇ ପାଇଲଟ୍ ଶହୀଦ ହୋଇଥିବା ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ପାଇଲଟ୍ ଦ୍ୱୟ ବିମାନରୁ ବାହାରି ଆସିବାକୁ ଉଦ୍ୟମ କରିଥିଲେ ସୁଦ୍ଧା ସେମାନଙ୍କ ଦେହରେ ନିଆଁ ଲାଗିଯାଇଥିଲା। ବିମାନଟି ହାଲ୍ ଏୟାରପୋର୍ଟରେ ଉଡାଣ କରିବା କ୍ଷଣି ଏଥିରେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ସୃଷ୍ଟି ହୋଇଥିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଦୁଇ ପାଇଲଟ୍ ହେଉଛନ୍ତି ସ୍କ୍ୱାଡ୍ରନ୍ ଲିଡର ସମିର ଆବ୍ରଲ ଏବଂ ସ୍କ୍ୱାଡ୍ରନ ଲିଡର ସିଦ୍ଧାର୍ଥ ନେଗୀ। ସେମାନେ ଏୟାରକ୍ରାଫ୍ଟ ଏବଂ ସିଷ୍ଟମ୍ସ ଟେଷ୍ଟିଂ ଏଷ୍ଟାବ୍ଲିଶମେଣ୍ଟର କର୍ମଚାରୀ। ଜଣେ ପାଇଲଟ୍‌ଙ୍କ ଶରୀର ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଦ୍ୱିତୀୟ ପାଇଲଟଙ୍କୁ କମାଣ୍ଡ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଏହି ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ବିମାନଟି ଉପରକୁ ଉଠିବା ମାତ୍ରେ ଏଥିରେ ବିସ୍ଫୋରଣ ଘଟିବାରୁ ଧୂଆଁମୟ ହୋଇଯାଇଥିଲା। ବିମାନବନ୍ଦରରେ ଥିବା ଲୋକମାନେ ଏହା ଦେଖି ଭୟଭୀତ ହୋଇପଡିଥିଲେ।



ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ।
–ଶ୍ରୀମା

କେରଳର ବାବୁ ସମସ୍ୟା

ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

ଆସନ୍ତା କିଛି ମାସ ଭିତରେ କେରଳର ବହୁ ବରିଷ୍ଠ ବାବୁ ଅବସର ନେବାର ଥିବାରୁ ଏହି ରାଜ୍ୟରେ ଅଭିଜ୍ଞ ବାବୁମାନଙ୍କର ଘୋର ଅଭାବ ଦେଖାଯିବାର ସମ୍ଭାବନା ରହିଛି। ଅତିରିକ୍ତ ମୁଖ୍ୟ ସଚିବ (ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା) ପି.ଏଚ୍. କୁରିଏନ୍ ଗତମାସରେ ଅବସର ନେଇଥିବା ବେଳେ ଅତିରିକ୍ତ ମୁଖ୍ୟ ସଚିବ (ଗୃହ ଓ ଭିଜିଲାନ୍ସ) ସୁଭଦ୍ରା ବିଶ୍ୱାସ ଆସନ୍ତା ଏପ୍ରିଲ ମାସରେ ଏବଂ ଅତିରିକ୍ତ ମୁଖ୍ୟ ସଚିବ (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ) ରାଜୀବ ସଦାନନ୍ଦନ ମେ ମାସରେ ଅବସର ନେବାର ଅଛି। ସଂସ୍କୃତି ବ୍ୟାପାର, ପ୍ରାଣୀ ପାଳନ, ଡାଇରି ଉନ୍ନୟନ ଓ ପ୍ରାଣୀ ଉଦ୍ୟାନ ବିଭାଗ ସଚିବ ଅନିଲ ଜାଭିୟର, ସାଧାରଣ ପ୍ରଶାସନ (ସୈନିକ କଲ୍ୟାଣ) ବିଭାଗ ସଚିବ ସୁମନ ଏନ୍ ମେନନ, ଭୂ–ରାଜସ୍ୱ କମିଶନର ଏ.ଟି. ଜେମ୍ସ, ସପ୍ଲାଇକୋ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏମ୍.ଏସ୍. ଜୟ ଏବଂ କେରଳ ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଇ. ଦେବଦାସ ମଧ୍ୟ ଆଉ କିଛି ମାସ ଭିତରେ ଅବସର ନେବେ। ଭିଜିଲାନ୍ସ ବିଭାଗ ମୁଖ୍ୟ ତଥା ଦୁର୍ନୀତି ବିରୋଧୀ ବ୍ୟୁରୋ ଡିଜିପି ବି.ଏସ୍. ମହମ୍ମଦ ୟାସିନ ଫେବୃୟାରୀ ୨୮ରେ ଅବସର ନେବାର ଅଛି। ଭିଜିଲାନ୍ସ ନିର୍ଦ୍ଦେଶକ ଏକ ଗୁରୁତ୍ୱପୂର୍ଣ୍ଣ ତଥା କ୍ୟାଡର ପଦବୀ, ଯାହା ସରକାରଙ୍କ ଭାବମୂର୍ତ୍ତି ତିଆରି କରିପାରେ ବା ନଷ୍ଟ କରିଦେଇପାରେ। ତେଣୁ ଏହି ପଦବୀରେ ନିଯୁକ୍ତି ଦେବାବେଳେ ସରକାର ଯଥେଷ୍ଟ ସତର୍କତା ଅବଲମ୍ବନ କରିପାରନ୍ତି। ପୁନଶ୍ଚ ଆଉ ଦୁଇଜଣ ବରିଷ୍ଠ ଅଧିକାରୀ ମଧ୍ୟ କେନ୍ଦ୍ରୀୟ ଡେପୁଟେଶନରେ ଯିବାର ସମ୍ଭାବନା ରହିଛି। ପ୍ରମୁଖ ସଚିବ (ଅର୍ଥ) ମନୋଜ ଜୋଷୀ ଏଥିପାଇଁ ଅନୁମତି ମାଗିଥିଲାବେଳେ ତାଙ୍କୁ କେନ୍ଦ୍ରକୁ ଡେପୁଟେଶନରେ ଯିବା ପାଇଁ ଅନୁମତି ମିଳିଥିବା ଜଣାପଡ଼ିଛି।

ମୁହଁ ଖୋଲ, ମୂଲ୍ୟ ଦିଅ

୧୯୮୫ ବ୍ୟାଚ୍ ଅଫିସର ତଥା ଭାରତୀୟ ରେଳ ଟ୍ରାଫିକ୍ ସେବା (ଆଇଆର୍‌ଟିଏସ୍) ଅଧିକାରୀ ସୁଶାନ୍ତ କୁମାର ମିଶ୍ର ନୂଆ କରି ରେଲୱେ ବୋର୍ଡ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ତାଙ୍କ ପୂର୍ବସୂରି ରଞ୍ଜନେଶ ସହାୟ ଉକ୍ତ ପଦରୁ ବିଦାହେବା ପଛରେ ଏକ ରୋଚକ କାହାଣୀ ରହିଛି। ପ୍ରାପ୍ତ ସୂଚନା ଅନୁସାରେ ଏକ ନିବନ୍ଧରେ ରେଳମନ୍ତ୍ରୀଙ୍କୁ ଆକ୍ଷେପ କରିଥିବା କ୍ଷମତାଶାଳୀ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ (ଓଏସ୍‌ଡି)ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସହାୟ ଦାବି କରିଥିଲେ। ପୁନଶ୍ଚ ସେ ସରକାରୀ ଆଦବକାଇଦା ଭାଙ୍ଗିବା ତଥା ଅସଙ୍ଗତ ଆଚରଣ ପାଇଁ ୨୦୦୫ ବ୍ୟାଚ୍‌ର ଭାରତୀୟ ରେଳପଥ କାର୍ମିକ ସେବା (ଆଇଆର୍‌ପିଏସ୍) ଅଧିକାରୀ ସଞ୍ଜୀବ କୁମାରଙ୍କୁ ତତ୍କାଳ ପ୍ରତ୍ୟାବାସନ (ନିଜ ମନ୍ତ୍ରଣାଳୟକୁ ବଦଳି) ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)କୁ ଚିଠି ଲେଖିଥିଲେ। କୁମାର ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ଓଏସ୍‌ଡି, ଯେଉଁ ମନ୍ତ୍ରୀଙ୍କ ହାତରେ ପିଏମ୍‌ଓର ରାଷ୍ଟ୍ରମନ୍ତ୍ରିତ୍ୱ ଓ ଉତ୍ତର–ପୂର୍ବାଞ୍ଚଳ ଉନ୍ନୟନ ବିଭାଗ ସମେତ ଅନେକ ବିଭାଗ ରହିଛି। ଆଇଆର୍‌ପିଏସ୍ ସଞ୍ଜୀବ କୁମାରଙ୍କ ଅସଙ୍ଗତ ଆଚରଣ ତଥା ଆଧିକାରିକ ମର୍ଯ୍ୟାଦା ଉଲ୍ଲଂଘନ କରିବା ଅଭିଯୋଗଟି ରେଲୱେ ବୋର୍ଡର ଦୃଷ୍ଟିକୁ ଅଣାଯାଇଥିଲା। ସଞ୍ଜୀବ କୁମାର ଏକ ନିବନ୍ଧ ଲେଖିଥିଲେ, ଯେଉଁଥିରେ ସେ ସଚିବସ୍ତରୀୟ ବରିଷ୍ଠ ଅଧିକାରୀଙ୍କ ଜ୍ଞାନ ବିଷୟରେ ପ୍ରଶ୍ନ କରିଥିଲେ ବୋଲି ସହାୟ ଦାବି କରିଛନ୍ତି। ତା'ଛଡ଼ା ସେ ଏଥିରେ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ମଧ୍ୟ ଆକ୍ଷେପ କରିଥିଲେ। ସହାୟ ଡିଓପିଟି ସଚିବ ସି. ଚନ୍ଦ୍ରମୌଳିଙ୍କୁ ଲେଖିଥିଲେ ଯେ ତୁରନ୍ତ ସଞ୍ଜୀବ କୁମାରଙ୍କୁ ଏହି ମନ୍ତ୍ରଣାଳୟକୁ ବଦଳି କରାଯାଉ ଯାହା ଫଳରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏହା ପ୍ରତି ରେଲୱେ ବୋର୍ଡ ଅଧ୍ୟକ୍ଷଙ୍କ ସମର୍ଥନ ଅଛି ବୋଲି ମଧ୍ୟ ସେ ସୂଚାଇଥିଲେ। କିନ୍ତୁ ଏହା ସହାୟଙ୍କ ପ୍ରତି ବୁମେରାଂ ହେଲା। ସଞ୍ଜୀବ କୁମାରଙ୍କ ବଦଳରେ ତାଙ୍କୁ ପଦବୀରୁ ହଟାଇ ଦିଆଗଲା।

ଟକସ ବାବୁଙ୍କ କ୍ଷେତ୍ରାଧିକାର ଦାବ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଅଧୀନ ହେବା ସହ ଏଥିରେ ବହୁ ସଂଖ୍ୟାରେ ଭାରତୀୟ ରାଜସ୍ୱ ସେବା ଅଧିକାରୀ (ଆଇଆର୍‌ଏସ୍) କାର୍ଯ୍ୟ କରୁଥିଲେ ମଧ୍ୟ ଏଥିରେ ଦୀର୍ଘକାଳ ହେଲା ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ରାଜୁତି କରିଆସୁଛନ୍ତି। ଏହାକୁ ନେଇ ଆଇଆର୍‌ଏସ୍ ବାବୁମାନେ ଖୁବ୍ ଅସନ୍ତୁଷ୍ଟ ଥିଲେ। ପ୍ରାପ୍ତ ସୂଚନା ଅନୁସାରେ ୧୫ ବର୍ଷ ତଳେ ଶେଷ ଥର ପାଇଁ ଜଣେ ଆଇଆର୍‌ଏସ୍ ଅଫିସର ଇଡିର ମୁଖ୍ୟ ଥିଲେ। ତେବେ ନିକଟରେ ମୋଦି ସରକାର ଚାହିଁଲେ ଅଣଆଇଏଏସ୍ ଅଫିସରଙ୍କୁ ବରିଷ୍ଠ ପଦବୀରେ ନିଯୁକ୍ତି ଦେବା ପାଇଁ ଏବଂ ପୂର୍ବତନ ଆୟକର ଅଧିକାରୀ ଏସ୍.କେ. ମିଶ୍ରଙ୍କୁ ଇଡିର ମୁଖ୍ୟ ଭାବେ ନିଯୁକ୍ତି ଦେଇ ୧୫ ବର୍ଷର ପରମ୍ପରା ଭଙ୍ଗ କଲେ। ବର୍ତ୍ତମାନ ଯାହା ଜଣାପଡ଼ିଛି ମିଶ୍ର ଚାହୁଁଛନ୍ତି ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କ ବଦଳରେ ତାଙ୍କ ବିରାଦର ଆଇଆର୍‌ଏସ୍ ଅଫିସରମାନଙ୍କୁ ନିର୍ଦ୍ଦେଶାଳୟର ଗୁରୁତ୍ୱପୂର୍ଣ୍ଣ ବରିଷ୍ଠ ପଦପଦବୀରେ ନିଯୁକ୍ତି ଦେବା ପାଇଁ। ବର୍ତ୍ତମାନ ନିର୍ଦ୍ଦେଶାଳୟରେ ତିନିଜଣ ସ୍ୱତନ୍ତ୍ର ନିର୍ଦ୍ଦେଶକ, ୭ ଜଣ ଯୁଗ୍ମ ନିର୍ଦ୍ଦେଶକ ଓ ୨ ଜଣ ଅତିରିକ୍ତ ନିର୍ଦ୍ଦେଶକଙ୍କୁ ନେଇ ୧୨ଟି ପଦବୀ ଖାଲି ପଡ଼ିଛି। ଏହି ପଦବୀଗୁଡ଼ିକ ପୂରଣ କରିବା ପାଇଁ ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ଉକ୍ତ ସମସ୍ତ ପଦବୀରେ କେବଳ ଆଇଆର୍‌ଏସ୍ ପ୍ରାର୍ଥୀମାନଙ୍କ ନାମ ବିଚାରକୁ ନିଆଯାଇଥିବା ଜଣାପଡ଼ିଛି।

Email: dilipcherian@gmail.com

ପ୍ରଦୂଷଣ ବିପକ୍ଷରେ ଲଢ଼େଇ

ସୁଧୀର କୁମାର ନାୟକ

ସୌରଜଗତର ପୃଥିବୀ ଏକମାତ୍ର ଗ୍ରହ, ଯେଉଁଠାରେ ଜୀବଜଗତର ଉତ୍ପତ୍ତି, କ୍ରମବିକାଶ ଓ ସ୍ଥିତି ପାଇଁ ଅନୁକୂଳ ପରିବେଶ ଅଛି। ପୃଥିବୀରେ ହିଁ ଜୀବନଧାରଣ ପାଇଁ ଆବଶ୍ୟକ ଅମ୍ଳଜାନ ଓ ଜଳ ମିଳିପାରେ। ବୈଜ୍ଞାନିକଙ୍କ ଅନୁସନ୍ଧାନ ଜାରି ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମନୁଷ୍ୟର ବସବାସ ପାଇଁ ପୃଥିବୀର ବିକଳ୍ପ ଗ୍ରହର ସନ୍ଧାନ ମିଳିପାରି ନାହିଁ। ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଓ ଋତୁଚକ୍ର ଏହାର ପରିବେଶକୁ ଜୀବଜଗତ ତିଷ୍ଠିବା ପାଇଁ ଉପଯୁକ୍ତ କରିପାରିଛି। ଏହିସବୁ କାରଣରୁ ଏଯାବତ୍ ପୃଥିବୀ ହିଁ ମାନବ ପାଇଁ ଏକମାତ୍ର ବାସୋପଯୋଗୀ ଗ୍ରହ । ଦିନକୁ ଦିନ ବିଶ୍ୱ ଜନସଂଖ୍ୟାର ଦ୍ରୁତ ବୃଦ୍ଧି, କଳକାରଖାନା ସ୍ଥାପନ, ଗାଡ଼ି ମୋଟରର ବହୁଳ ବ୍ୟବହାର, ଜଙ୍ଗଲ ଧ୍ୱଂସ, କୃଷି କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ କୀଟନାଶକ ଓ ରାସାୟନିକ ସାରର ପ୍ରୟୋଗ, ମୃତ୍ତିକା କ୍ଷୟ ଆଦି ପ୍ରାକୃତିକ ପରିବେଶକୁ ପ୍ରଦୂଷିତ କରିଚାଲିଛି। ୧୯୩୫ ମସିହାରେ ବ୍ରିଟିଶ୍ ପରିବେଶବିତ୍ ଟ୍ରାନ୍‌ସଲେ ସର୍ବପ୍ରଥମେ ପରିବେଶ ସୁରକ୍ଷା ପାଇଁ ପରିବେଶ ପରିସଂସ୍ଥା (ଇକୋ ସିଷ୍ଟମ୍) ଶବ୍ଦ ପ୍ରବର୍ତ୍ତନ କରିଥିଲେ। ଆଜି ବିଶ୍ୱର ଅଧିକାଂଶ ସହର ପ୍ରଦୂଷଣର ଶିକାର, ଯାହା ପ୍ରଭାବରେ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ୍, ହାଇଡ୍ରୋଜେନ୍ ସଲଫାଇଡ୍, ନାଇଟ୍ରୋଜେନ୍ ଅକ୍‌ସାଇଡ୍, ଆମୋନିଆ, ଓଜୋନ ଆଦି ବିଷାକ୍ତ ଗ୍ୟାସ୍ ଓ ଉପାଦାନଗୁଡ଼ିକର ବୃଦ୍ଧି ଘଟି ଜୀବଜଗତ ପାଇଁ ଭୟଙ୍କର ବିପଦ ସୃଷ୍ଟି କରିଛି। ଅସନ୍ତୁଳିତ ପ୍ରାକୃତିକ ପରିବେଶ ଯୋଗୁ ପୃଥିବୀରୁ ବହୁ ପ୍ରାଣୀ କ୍ରମଶଃ ଲୋପ ପାଇଚାଲିଛନ୍ତି।

ଏକବିଂଶ ଶତାବ୍ଦୀରେ କାନାଡ଼ା, ଚାଇନା ସହ ଭାରତର ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ ଆଦି ସହରରେ ଅମ୍ଳଜାନ ଥଳି ବିକ୍ରି ହେଲାଣି। ଦିଲ୍ଲୀରେ ୧୦ ଲିଟର ବିଶୁଦ୍ଧ ବାୟୁର ମୂଲ୍ୟ ୫୫୦ ଟଙ୍କା। ଭାରତର ମୋଟ ଜନସଂଖ୍ୟାର ପାଖାପାଖି ୭୭% ବାୟୁ ପ୍ରଦୂଷଣଜନିତ ସମସ୍ୟା ଭୋଗୁଛନ୍ତି, ଯାହାଦ୍ୱାରା ବର୍ଷକୁ ୩ ଲକ୍ଷ ୫୦ ହଜାର ଲୋକ ବିଭିନ୍ନ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ପରିବେଶ ସୁରକ୍ଷା ପାଇଁ ପରିବେଶବିତ୍, ପରିବେଶ ସୁରକ୍ଷାକର୍ମୀ, ସମାଜସେବୀ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଦୁଃଖର ବିଷୟ ପ୍ରତ୍ୟେକ ବର୍ଷ କିଛି ପରିବେଶ ସୁରକ୍ଷା ସଂଗ୍ରାମୀଙ୍କୁ ହତ୍ୟା କରାଯାଉଛି। ଦେଶର ପ୍ରଗତି ପାଇଁ ଶିଳ୍ପାୟନ, କଳକାରଖାନା ସ୍ଥାପନର ଆବଶ୍ୟକତା ଅଛି। ତେବେ କମ୍ପାନୀଗୁଡ଼ିକ ପାଇଁ ଉପୁଜୁଥିବା ସମସ୍ୟାର ସମାଧାନ ଜରୁରୀ । ଏହା କିଛି ନୂଆ କଥା ନୁହେଁ, କାରଖାନା ମାଲିକ ବା କମ୍ପାନୀମାନେ ସ୍ଥାପନ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥାନ୍ତି, କମ୍ପାନୀ ଚାଲିଲା ପରେ ସେ ସବୁକୁ ଭୁଲିଯାନ୍ତି। ବିଶେଷକରି ଭାରତରେ କମ୍ପାନୀଗୁଡ଼ିକର ଖାମଖିଆଲି ମନୋଭାବ ଯୋଗୁ ଅନବରତ ଆନ୍ଦୋଳନ, ବିକ୍ଷୋଭ ହେଉଛି। ପ୍ରଶାସନ ତରଫରୁ ସମସ୍ୟାଗୁଡ଼ିକର ସମାଧାନ ପାଇଁ ତତ୍ପରତା ରହୁନାହିଁ।

ଗତବର୍ଷ ମେ'ରେ ତାମିଲନାଡୁର ଟୁଟିକୋରିନ୍‌ଠାରେ ବେଦାନ୍ତ କମ୍ପାନୀ ତରଫରୁ ପିଉଲ ସ୍ମେଲଟର କାରଖାନା ସମ୍ପ୍ରସାରଣ ଓ ପ୍ରଦୂଷଣ ବିରୋଧରେ ସଂଗ୍ରାମ କରି ପୋଲିସ ଗୁଳିରେ ୧୩ ଜଣଙ୍କର ଜୀବନହାନି ହୋଇଥିଲା। ଓଡ଼ିଶାର ଝାରସୁଗୁଡ଼ାସ୍ଥିତ ବେଦାନ୍ତ ସ୍ମେଲଟର ପ୍ଲାଣ୍ଟରେ କୋଇଲା ପାଉଁଶ ପୋଖରୀ ବନ୍ଧ ଭାଙ୍ଗି ବ୍ୟାପକ ଚାଷଜମିରେ ପାଉଁଶପାଣି ମାଡିଯିବାରୁ ଫସଲ ନଷ୍ଟ ହେବା ସହ ଜମିରେ ଚାରି ପାଞ୍ଚ ଫୁଟ୍ ବହଳର ପାଉଁଶ ଆସ୍ତରଣ ପଡିଯାଇଥିଲା। ପ୍ରବାହିତ ଭେଡେନ୍ ନଦୀଜଳ ପ୍ରଦୂଷିତ ହୋଇଯିବାରୁ ସ୍ଥାନୀୟ ଲୋକେ ନାନା ରୋଗର ଶିକାର ହେଉଛନ୍ତି। ନଦୀଜଳ ପ୍ରଦୂଷଣକୁ ରୋକିବା ସହ ମାଡ଼ିଯାଇଥିବା ଚାଷଜମିର ପାଉଁଶ ନିଷ୍କାସନ ପାଇଁ ଚାଷୀମାନେ ପ୍ରଶାସନ ପାଖରେ ଆପତ୍ତି କଲେ, କିନ୍ତୁ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେଇ ନ ଥିଲା। ଲୋକେ ହତାଶ ହୋଇ ଝାରସୁଗୁଡ଼ା ବଞ୍ଚାଅ ସମିତି ଗଠନ କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରିଥିଲେ। ଯଦି ଏମାନଙ୍କ ସମସ୍ୟା ସମାଧାନ ନ ହୁଏ ଆଗାମୀ ଦିନରେ କୌଣସି ଅପ୍ରୀତିକର ଘଟଣା ଯେ ନ ଘଟିବ କହିହେବ ନାହିଁ। ଅତୀତର କିଛି କମ୍ପାନୀ ସ୍ଥାପନକୁ କେନ୍ଦ୍ରକରି ହୋଇଥିବା ଗୁଳିକାଣ୍ଡକୁ ଲକ୍ଷ୍ୟ କଲେ ୨୦୦୦ ଡିସେମ୍ବରରେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ମାଇକଞ୍ଚଠାରେ ସ୍ଥାନୀୟ ଆଦିବାସୀମାନେ ଆଲୁମିନା କାରଖାନା ପ୍ରତିଷ୍ଠାକୁ ବିରୋଧ କଲାବେଳେ ପୋଲିସ ଗୁଳିରେ ୩ଜଣ ଆଦିବାସୀଙ୍କ ମୃତ୍ୟୁ ହୋଇଥିଲା। ୨୦୦୬ ମସିହାରେ ଯାଜପୁର ଜିଲା କଳିଙ୍ଗନଗରଠାରେ ଟାଟା ଷ୍ଟିଲ ସ୍ଥାପନକୁ କେନ୍ଦ୍ରକରି ଆନ୍ଦୋଳନକାରୀ ଓ ପ୍ରଶାସନ ମଧ୍ୟରେ ଗଣ୍ଡଗୋଳ ଘଟି ପୋଲିସ ଗୁଳିରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା।

ଦେଶବିଦେଶରେ ବହୁ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି। ୧୯୮୦ ମସିହାରେ ବିହାରରେ ଜଙ୍ଗଲ ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଥିଲା। ୧୯୮୨ ମସିହାରେ ନଭବାଦ୍ୟ ସଂଗଠନ ମୁଖ୍ୟ ବନ୍ଦନା ଶିଭ୍ ଜୈବବିବିଧତା ସଂରକ୍ଷଣ ଡାକରା ଦେଇ ଲୋକଙ୍କୁ ସଚେତନ କରିଥିଲେ। ଜଣାଶୁଣା ସମାଜସେବୀ ମେଧା ପାଟକର୍ ୧୯୮୫ ମସିହାରେ ତାଙ୍କର ନର୍ମଦା ବଞ୍ଚାଅ ଅଭିଯାନ ପାଇଁ ବେଶ୍ ପରିଚିତ ଥିଲେ। ବର୍ତ୍ତମାନ ଓଡ଼ିଶାରେ ମହାନଦୀ ବଞ୍ଚାଅ ଅଭିଯାନ ଚାଲିଛି। ତେବେ ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ବହୁ ପରିବେଶ ରକ୍ଷାକର୍ତ୍ତାଙ୍କ ଜୀବନ ବିପଦରେ ଥିବାବେଳେ କିଛି କର୍ମୀଙ୍କୁ କମ୍ପାନୀ ମାଲିକ, ମାଫିଆ, ଜଙ୍ଗଲ ଦସ୍ୟୁ, ଦଲାଲମାନେ, ଏପରି କି କିଛି ପ୍ରଭାବଶାଳୀ ରାଜନେତା ପ୍ରତ୍ୟକ୍ଷ ବା ପରୋକ୍ଷରେ ହତ୍ୟା କରୁଛନ୍ତି। ୨୦୧୭ ମସିହାରେ ମୋଟ ୨୦୭ ଜଣ ପରିବେଶ ସୁରକ୍ଷା କର୍ମୀଙ୍କୁ ହତ୍ୟା କରାଯାଇଛି। ଏହିବର୍ଷ ପ୍ରତି ସପ୍ତାହରେ ଚାରିଜଣଙ୍କୁ ହତ୍ୟା କରାଯାଉଥିବାର ତଥ୍ୟ ଗାର୍ଡିଏନ୍ ପ୍ରକାଶ କରିଛି। ୨୦୧୮ ଜାନୁୟାରୀରୁ ଏଯାବତ୍ ପରିବେଶ ସୁରକ୍ଷା ପାଇଁ ୬୬ ଜଣ ସୁରକ୍ଷାକର୍ମୀ ହତ୍ୟାର ଶିକାର ହୋଇଛନ୍ତି। ଏଥିମଧ୍ୟରୁ ୩ ଜଣ ଭାରତୀୟ ଥିବାବେଳେ ଅନ୍ୟମାନେ ବିଭିନ୍ନ ଦେଶର। ଜଣେ ଭାରତୀୟ ସାମ୍ବାଦିକ ସନ୍ଦୀପ୍ ଶର୍ମା ବେଆଇନ ବାଲି ଚାଲାଣ ଉପରେ ଅନୁସନ୍ଧାନମୂଳକ ଲେଖା ପ୍ରକାଶ କରିବାରୁ ତାଙ୍କ ଉପରେ ମାଫିଆମାନେ ଟ୍ରକ୍ ଚଢ଼ାଇ ହତ୍ୟା କରିଥିଲେ। ୨୦୧୭ ମସିହାରେ କେବଳ ଭାରତରେ ୧୧ ଜଣ ପରିବେଶ ସୁରକ୍ଷାକର୍ମୀଙ୍କୁ ହତ୍ୟା କରାଯାଇଥିବାବେଳେ କଲମ୍ବିଆରେ ୩୨, ବ୍ରାଜିଲରେ ୫୭, ମେକ୍ସିକୋରେ ୧୫, ଫିଲିପାଇନ୍ସରେ ୪୧ ଜଣଙ୍କୁ ହତ୍ୟା କରାଯାଇଥିଲା। ତେବେ ୨୦୦୨ ପରଠାରୁ ୨୦୧୬ ମସିହାରେ ସବୁଠୁ ଅଧିକ ପରିବେଶ ସୁରକ୍ଷାକର୍ମୀଙ୍କୁ ହତ୍ୟା କରାଯାଇଥିବାର ଜଣାପଡିଛି। ରିପୋର୍ଟରୁ ଜଣାଯାଇଛି ଯେ, ବିକାଶଶୀଳ ଦେଶର ନିଭୃତ ଅଞ୍ଚଳରେ ଏପରି ହତ୍ୟାକାଣ୍ଡ ଅଧିକ ଘଟୁଛି। ବାଣିଜ୍ୟ ଓ ଶିଳ୍ପ ପାଇଁ ନିରୀହ ଜନତାଙ୍କଠାରୁ କମ୍ପାନୀମାନେ ଚଞ୍ଚକତା କରି ଜମି ଛଡ଼ାଇ ନେଉଛନ୍ତି। ଇଣ୍ଡୋନେସିଆର ମହିଳା ପରିବେଶବିତ୍ ଫରବିଜାନ୍ ଲିଜର୍ ତାଙ୍କ ପ୍ରଚେଷ୍ଟାରେ ୨.୬ ମିଲିଅନ୍ ହେକ୍ଟର ନୂତନ ଜଙ୍ଗଲ ସୃଷ୍ଟିକରି ଜାତିସଂଘ ଦ୍ୱାରା ସମ୍ମାନିତ ହୋଇଛନ୍ତି। ତାଙ୍କ ଦେଶରେ ତାଳଗଛ ଲଗାଇବା ପାଇଁ ଏବଂ କଳକାରଖାନା ସ୍ଥାପନ ଲାଗି ସରକାର ବିଭିନ୍ନ କମ୍ପାନୀକୁ ସ୍ୱୀକୃତି ଦେଇଥିଲେ। ହେଲେ ଯେତେବେଳେ ଜଣାଗଲା ଏହା ପାଇଁ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ହେବ, ସେ ତା' ବିରୋଧରେ ବର୍ଷ ବର୍ଷ ଧରି ନିଜ ନେତୃତ୍ୱରେ ବିଭିନ୍ନ ସଂଗଠନ ମାଧ୍ୟମରେ ସଂଗ୍ରାମ ଜାରି ରଖିଥିଲେ। ଫଳରେ ସରକାର ଏପରି ନିଷ୍ପତ୍ତିରୁ ଓହରିଥିଲେ।

ଗୋଟାଏ ପଟେ ଭାରତର ସାଂଘାତିକ ପରିବେଶ ପ୍ରଦୂଷଣ ସମସ୍ୟା, ଅନ୍ୟପଟେ ପରିବେଶକୁ ସୁରକ୍ଷା ଦେବା ପାଇଁ ତଥା ଜଙ୍ଗଲ, ବନ୍ୟଜନ୍ତୁ, ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସ୍ଥାୟିତ୍ୱ ଲାଗି ଲଢ଼େଇ କରୁଥିବା ବହୁସଂଖ୍ୟକ ପରିବେଶ ସୁରକ୍ଷାକର୍ମୀଙ୍କ ଜୀବନ ବିପଦରେ ଥିବା ଜଣାପଡ଼ିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଆଧାରରେ ବିଶ୍ୱର ୧୫ଟି ସର୍ବାଧିକ ପ୍ରଦୂଷିତ ନଗରୀ ମଧ୍ୟରେ ଭାରତର ୧୪ଟି ସହର ସ୍ଥାନ ପାଇଛି। ୨୦୧୦ରୁ ୨୦୧୬ ମଧ୍ୟରେ ହୋଇଥିବା ଏହି ଅନୁଧ୍ୟାନରେ ପି.ଏମ୍.–୧୦ ମାନଦଣ୍ଡ ଅନୁସାରେ ୧୪ ନିୟୁତରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ନଗରୀଗୁଡ଼ିକ ମଧ୍ୟରେ ଦିଲ୍ଲୀ ସବୁଠାରୁ ଉପରେ ଅଛି। ନିକଟରେ ଆଇଆଇଟି ଦିଲ୍ଲୀ ସହ ମିଳିତ ହୋଇ ପରିବେଶ ସୁରକ୍ଷା ସଂଗଠନ ଦେଶର ମୋଟ ୩ଟି ରାଜ୍ୟ ସର୍ଭେ କରି ଦେଇଥିବା ରିପୋର୍ଟ ଅନୁସାରେ ବାୟୁ ପ୍ରଦୂଷଣ ଯୋଗୁ ଅକାଳ ମୃତ୍ୟୁସଂଖ୍ୟା ବଢ଼ିଛି। ଅସ୍ୱଚ୍ଛ ଅମ୍ଳଜାନ, ଶ୍ୱାସକ୍ରିୟା ଦ୍ୱାରା ଭାରତର ହୃଦରୋଗୀ, ଫୁସ୍‌ଫୁସ୍ କର୍କଟ, ଆଜ୍‌ମା ରୋଗୀ ସଂଖ୍ୟା ବୃଦ୍ଧି ପାଇବା ସହ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଛି। ପ୍ରି ମ୍ୟାଚୁଅର ଡେଥ୍ କାନପୁରରେ ସର୍ବାଧିକ। ଯଦି ସରକାର ପ୍ରଦୂଷଣଜନିତ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେବେନାହିଁ କିମ୍ବା ପରିବେଶ ଓ ପ୍ରାକୃତିକ ସମ୍ପଦ ସୁରକ୍ଷ

ସଂକ୍ଷେପରେ

ମେଡ଼ିକାଲ ଫାଟକରେ ତାଲା ପକାଇଲେ ଅକର୍ମଣ୍ୟ ମହିଳା

ସଜନାଗଡ଼,୧।୨(ଡି.ଏନ.ଏ.): ନୀଳଗିରି ମେଡ଼ିକାଲରେ ଜଣେ ନକଲି ନର୍ସ ଜଣେ ଆଶା କର୍ମୀଙ୍କୁ ଇଞ୍ଜେକଶନ ଦେବା ପରେ ତାଙ୍କ ହାତ ଅକର୍ମଣ୍ୟ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ନୀଳଗିରି ଅଞ୍ଚଳରେ ନିନ୍ଦା କରାଯାଇଛି। ଏନେଇ ଆଶାକର୍ମୀ ଜଣକ ବିଭିନ୍ନ ପଦସ୍ଥ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ନ୍ୟାୟ ନ ପାଇବାରୁ ଶୁକ୍ରବାର ଅପରାହ୍ନରେ ଆଶାକର୍ମୀ ଜଣକ ନୀଳଗିରି ମେଡ଼ିକାଲର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ କିଛି ସମୟ ପାଇଁ ମେଡ଼ିକାଲ ପରିସରରେ ଅଶାନ୍ତ ବାତାବରଣ ଦେଖାଯାଇଥିଲା। ନୀଳଗିରି ଆଇଆଇସି ନଳିତା ମୋଦି ଆସି ବୁଝାଶୁଝା କରିବା ପରେ ମୁଖ୍ୟ ଫାଟକରେ ତାଲା ଖୋଲାଯାଇଥିଲା। ନୀଳଗିରି ବ୍ଲକ ତେଲିପାଳ ଗ୍ରାମର ଆଶା ଦିଦି ଜ୍ୟୋତ୍ସ୍ନାରାଣୀ ପୃଷ୍ଟି ପେଟ ଯନ୍ତ୍ରଣା ପାଇଁ ଗତ ୨୯।୬।୨୦୧୮ ରିଖରେ ନୀଳଗିରି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଗତ ୧୨।୭।୨୦୧୮ ରିଖରେ ଡିସଚାର୍ଜ ହେବାର ଥିଲା। ଉକ୍ତ ଦିନ ଡାକ୍ତରଙ୍କ ବିନା ପରାମର୍ଶରେ ହେଲ୍‌ପ୍ ଡେସ୍କର କର୍ମଚାରୀ ମହିଳାଙ୍କ ବାମ ହାତରେ ଏକ ଟିଟି ଇଞ୍ଜେକଶନ୍ ଦେଇଥିଲେ। ଇଞ୍ଜେକସନ୍ ନେବାର କିଛି ଘଣ୍ଟା ପରେ ମହିଳାଙ୍କ ବାମହାତ ଅକର୍ମଣ୍ୟ ହୋଇଥିଲା। ଏ ବାବଦରେ ଆଶା ଦିଦି ଜଣଙ୍କ ନୀଳଗିରି ଏସ୍‌ଡିଏମ୍‌ଓ ଓ ବାଲେଶ୍ୱର ସିଡିଏମ୍‌ଓ ଲିଖିତ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ଶେଷରେ ନିରୁପାୟ ହୋଇ ମହିଳା ଜଣଙ୍କ ଅପରାହ୍ନରେ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ।

ଶିକ୍ଷକ ଓ କର୍ମଚାରୀ ମହାସଂଘ ଶାଖା ଗଠିତ ଉମେଶ ସଭାପତି, ଶତ୍ରୁଘ୍ନ ସମ୍ପାଦକ

ଖଇରା, ୧।୨(ଡି.ଏନ.ଏ.): ଖଇରା ବ୍ଲକର ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କର ଏକ ବୈଠକ ସୋମବାର ଖଇରା ବ୍ଲକର କୁପାରୀସ୍ଥିତ ଅମ୍ବିକା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର କୁମାର ରାଉତ ଏଥିରେ ପୌରୋହିତ୍ୟ କରିଥିଲେ। ସରକାର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମୀମାନଙ୍କୁ ମୁଣ୍ଡାମୁଣ୍ଡି ପେନସନ ବଦଳରେ ବାର୍ଷିକ ଇନକ୍ରିମେଣ୍ଟ ହିସାବରେ ପେନସନ, ସ୍ୱାସ୍ଥ୍ୟ ସୁବିଧା, ଅନ୍ୟ ରାଜ୍ୟପରି ଏଲଟିସି ପ୍ରଦାନ ପାଇଁ ବୈଠକରେ ଦୃଢ ଦାବି ଉପସ୍ଥାପନ କରାଯାଇଥିଲା। ଶେଷରେ ରାଜ୍ୟ ସଙ୍ଗଠନର ନୀତି ଓ ପରାମର୍ଶକ୍ରମେ ଖଇରା ବ୍ଲକ ଶାଖା ଗଠନ କରାଯାଇଥିଲା। ଏଥିରେ ପ୍ରଫେସର ଉମେଶ ଚନ୍ଦ୍ର ନାୟକଙ୍କୁ ସଭାପତି, ଶତ୍ରୁଘ୍ନ ଦାସଙ୍କୁ ସାଧାରଣ ସମ୍ପାଦକ, ଡ ଅଜୟ କୁମାର ନାୟକଙ୍କୁ କାର୍ଯ୍ୟକାରୀ ସଭାପତି, ଦେବେନ୍ଦ୍ର ରାଉତ, ସୁଦାମ ରାଉତ, ନରହରି ସାହୁ, ବୁଦ୍ଧିରାମ ପାଣିଗ୍ରାହୀଙ୍କୁ ଉପସଭାପତି, ଭରତ ଚନ୍ଦ୍ର ଦାସଙ୍କୁ ସଙ୍ଗଠନ ସମ୍ପାଦକ, ବାସୁଦେବ ପଣ୍ଡାଙ୍କୁ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା।

ନିର୍ମାଣ ଶ୍ରମିକଙ୍କୁ କିଟ୍ ବଣ୍ଟନ

ଖଇରା, ୧।୨(ଡି.ଏନ.ଏ.): ଖଇରା ବ୍ଲକର ୩୦ଜଣ ନିର୍ମାଣ ଶ୍ରମିକଙ୍କୁ ଶୁକ୍ରବାର କିଟ୍ ବଣ୍ଟନ କରାଯାଇଛି। ଏଥିନିମନ୍ତେ ନୂତନ ଭାବେ ଉଦ୍‌ଘାଟିତ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ଲେବର ନେଟର ପ୍ରଶିକ୍ଷକ ଦୁଃଶାସନ ସାହୁ ଓ ସୁଧୀର ମାଝି ଅତିଥି ଭାବେ ଯୋଗ ଦେଇ ଶ୍ରମିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ନିର୍ମାଣ ଶ୍ରମିକ ସାଥୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁଦ୍ଧିରାମ ସେଠା, ନିଶାକର ପଣ୍ଡା, କମଳାକାନ୍ତ ଜେନା, ବାବୁଲି ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ସମୀକ୍ଷା

ପ୍ରସ୍ତୁତ ହେଉନି ପୁଷ୍ଟିହୀନ ଶିଶୁଙ୍କ ପରିସଂଖ୍ୟାନ

ସମୀକ୍ଷା ବୈଠକରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ, ୧।୨

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଦା ଦୁଇ ଦିନିଆ ବାଲେଶ୍ୱର ଗସ୍ତରେ ଆସି ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ଜିଲାପରିଷଦ ସମ୍ମିଳନୀ କକ୍ଷରେ ସମସ୍ତ ବିଡିଓ, ତହସିଲଦାର, ସିଡ଼ିପିଓ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ନେଇ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବିଶେଷ କରି ଖାଦ୍ୟ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରି ନୂଆ ରାଶନକାର୍ଡ଼ ପାଇଁ ଆବେଦନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।

ସମୀକ୍ଷା ବୈଠକ ରିପୋର୍ଟ ଅନୁଯାୟୀ ଜିଲାରେ ସର୍ବମୋଟ୍ ୨୮୩୬ଟି ସ୍କୁଲର ୨,୬୮,୫୫୮ ଜଣ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ସାମିଲ ଅଛନ୍ତି। ୬ରୁ ୯ ବର୍ଷ ବୟସ ମଧ୍ୟରେ ୫୬୦୬୮୩ଜଣ ଛାତ୍ରୀଛାତ୍ରଙ୍କୁ ଜାତୀୟ ଲୌହ ସାରଯୁକ୍ତ ଉପକ୍ରମ (ନିପି)ରେ ସାମିଲ କରାଯାଇଛି। ସେହିପରି କୃମିନାଶକ କାର୍ଯ୍ୟକ୍ରମରେ ୨୦୨୮୯୭ ଜଣ ସାମିଲ ଅଛନ୍ତି। ଜିଲାର ୪୧୬୭ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ସଠିକ୍ ରୂପେ ଅତିଶୟ ପୁଷ୍ଟିହୀନତାରେ ଶିକାର ହୋଇଥିବା ଶିଶୁଙ୍କ ପରିସଂଖ୍ୟାନ ପ୍ରସ୍ତୁତି କରାଯାଉ ନ ଥିବା ଯୋଗୁ ଆୟୁକ୍ତ ବିରକ୍ତି ପ୍ରକାଶ କରିଥିଲେ। ଅଙ୍ଗନୱାଡି ସୁପରଭାଇଜରମାନେ ନିଜ ହେଡ୍‌କ୍ୱାର୍ଟର ରହୁ ନ ଥିବା ସେ ତାଙ୍କ କ୍ଷେତ୍ର ପରିଦର୍ଶନ ବେଳେ ଜାଣିବା ପରେ ଏଥିପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ସେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଜିଏନଆରଇଜିଏସ୍‌ରେ ଶ୍ରମିକମାନେ ଉଚିତ୍ ସମୟରେ ମଜୁରି ପ୍ରଦାନ କରି ଦକ୍ଷତାର ସହ ସଞ୍ଚାଳନ କରି ସଫଳତା ପାଇଁ ବିଡ଼ିଓମାନଙ୍କୁ

ଅସନ୍ତୋଷ ପ୍ରକାଶ କଲେ ଅଧ୍ୟକ୍ଷ

ପରାମର୍ଶ ଦେଇଥିଲେ। ଜଙ୍ଗଲ ଜମି ସତ୍ତ୍ୱ ପ୍ରଦାନ ଉପରେ ଗୁରୁତ୍ୱାରୋପ କରି କମିଶନ ବିଭାଗୀୟ ଅଧିକାରୀମାନଙ୍କୁ ପଟ୍ଟା ପ୍ରଦାନରେ ସ୍ୱଚ୍ଛତା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜମିର ବିକାଶ, ଓରଚାଡ୍ ପ୍ରସ୍ତୁତି, ଜଳସେଚନ ଓ ଜମି ସମତଳ ପରି ଭୂ-ବିକାଶ କାର୍ଯ୍ୟକ୍ରମ ଏମଜିଏନଆରଇଜିଏସ୍ ଅଧିନରେ କରାଯାଇପାରିବ ବୋଲି ସେ କହିଥିଲେ। ଜିଲାରେ ସ୍ୱାସ୍ଥ୍ୟ ସେବାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା, ନିରାମୟ ଯୋଜନା ଅଧୀନରେ ଶସ୍ତାରେ ଲୋକଙ୍କୁ ଔଷଧ ଯୋଗାଣ କରିବା ଉପରେ ହେବାକୁ ପରାମର୍ଶ ଦେଇଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପ-ଜିଲାପାଳ ନୀଲୁ ମହାପାତ୍ର, ଆୟୋଗର ସଦସ୍ୟା-ସଚିବ ଶିବାନୀ ମହାନ୍ତି, ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର କୁମାର ଷଡ଼ଙ୍ଗୀ, ପରାମର୍ଶଦାତା ନିରଞ୍ଜନ ବାରିୟାର ପ୍ରମୁଖ ଯୋଗ ଦେଇଥିଲେ।

ବାର୍ଷିକ ଉତ୍ସବରେ ବିଧାୟକ ଜୀବନପ୍ରଦୀପ ଦାଶଙ୍କ ସହ ଅତିଥିମାନେ।

■ ଶାନ୍ତିଲତା କଲେଜର ବାର୍ଷିକ ଉତ୍ସବ

'ବ୍ୟକ୍ତିତ୍ୱ ବିକାଶ ଦିଗରେ ଗୁରୁତ୍ୱ ଦିଅ'

ରୂପସା, ୧।୨(ଡି.ଏନ.ଏ.)

ବାସ୍ତବରେ ଛାତ୍ର ଜୀବନ ନିଆରା। ସତ୍ୟନିଷ୍ଠ ହୋଇ ବ୍ୟକ୍ତିତ୍ୱର ବିକାଶ ଦିଗରେ ବ୍ରତୀ ହେଲେ ନିଜର ଆତ୍ମପରିଚୟ ସୃଷ୍ଟି ହୋଇଥାଏ। ଛାତ୍ରୀଛାତ୍ର ସଂଗ୍ରାମୀ ହୋଇ ଜାତୀୟତାବୋଧକୁ ଆପଣାଇଲେ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ସଦର ବ୍ଲକ ଉଇଟିକିରି ଶାନ୍ତିଲତା କଲେଜର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଯତୀନ୍ଦ୍ରନାଥ ଦାସ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଜୀବନ ପ୍ରଦୀପ ଦାଶ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଓ ସମ୍ମାନନୀୟ ଅତିଥି ବରିଷ୍ଠ ଆଇନଜୀବୀ ବିନୋଦ କୁମାର ପାଣି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ମାନସ କୁମାର ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଉମାଶଙ୍କର ପାଣି, ସପନ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ଜୀବନକୃଷ୍ଣ ଗିରି, ଅଧ୍ୟାପିକା ମିନତି ଦେ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସରିଲା ଶିଶୁ ପ୍ରତିଭା ବିକାଶ ମହୋତ୍ସବ

ବାହାନଗା, ୧।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଜୁଣିଆଁଠାରେ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୪ର୍ଥ ଶିଶୁ ପ୍ରତିଭା ବିକାଶ ମହୋତ୍ସବ ଗୁରୁବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କୃତୀ ଛାତ୍ରୀଛାତ୍ର ଓ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଶିଶୁ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମହୋତ୍ସବ କମିଟି ସଭାପତି ଶଙ୍କର୍ଷଣ ଶିଅଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀଜଗନାଥ ଚେତନା ପରିଷଦର ଆବାହକ ଗୁରୁଜୀ ରବିନାରାୟଣ ମିଶ୍ର ଯୋଗଦେଇ ଶିଶୁ ପ୍ରତିଭା ବିକାଶ ମହୋତ୍ସବରେ ଛୋଟଛୋଟ ପିଲାମାନଙ୍କ ମଧ୍ୟରେ ଥିବା ପ୍ରତିଭା ପରିପ୍ରକାଶ ହୋଇପାରିବ ବୋଲି କହିଥିଲେ।

ମହୋତ୍ସବରେ ଉପସ୍ଥିତ ଅତିଥି।

ମୁଖ୍ୟବକ୍ତା ଭାବେ ଡାକ୍ତର ବ୍ରଜେନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଚଳଚ୍ଚିତ୍ର ଜଗତର ନାୟିକା ରେଖା ଯୋଗଦେଇ ନିଜ ଅଭିନୀତ ଚଳଚ୍ଚିତ୍ରର ସଂଳାପ କହି ଦର୍ଶକଙ୍କ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ରାଉରକେଲାର ରାଜ୍ୟ ଓ ଜାତୀୟ ସ୍ତରର ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିବା ନରେନ୍ଦ୍ର ନାଥ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଜଗନ୍ନାଥ ମହାରଣା, ଏସ୍‌କେଏସ୍ ଗୁରୁକୁଳର ସମ୍ପାଦକ ଆଦିତ୍ୟ ନାରାୟଣ ମିଶ୍ର, ଜାତୀୟ ସ୍ତରର କବାଡି ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଶିଶୁ ପ୍ରତିଭା ସୀମନ୍ତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିଶିର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଉତ୍ତରଓଡ଼ିଶା ବିଜୁ ଛାତ୍ର ଜନତା ଦଳର ପରିବର୍ଦ୍ଧିତ କମିଟି ଘୋଷିତ

ବାଲେଶ୍ୱର ଅଫିସ, ୧।୨

ଉତ୍ତରଓଡ଼ିଶା ତଥା ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ବିଜୁ ଛାତ୍ର ଜନତା ଦଳର ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ବାଲେଶ୍ୱର ଜୋନ୍ ସଭାପତି ତାପସ ପାଣିଗ୍ରାହୀ ଗୁରୁବାର ଏକ ପରିବର୍ଦ୍ଧିତ କମିଟି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ରାଜ୍ୟ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ରଙ୍କ ଅନୁମୋଦନ କ୍ରମେ ପାଣିଗ୍ରାହୀ ଘୋଷଣା କରିଛନ୍ତି। ୪ଟି ଜିଲାର ସମସ୍ତ ଏମ୍‌ପି, ବିଧାୟକ ଓ ବରିଷ୍ଠ ରାଜନେତାମାନଙ୍କ କଥାକୁ ଗୁରୁତ୍ୱ ଦେଇ ଏହି ପରିବର୍ଦ୍ଧିତ କମିଟିରେ ବିଭିନ୍ନ କଲେଜର ପୂର୍ବତନ ଛାତ୍ରନେତା ଓ ଦକ୍ଷ ଛାତ୍ର ସଙ୍ଗଠକମାନଙ୍କୁ ସାମିଲ୍ କରାଯାଇଛି।

ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି।

ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ରେମୁଣା,୧।୨(ଡି.ଏନ.ଏ.)

ରେମୁଣା ବ୍ଲକରେ ଥିବା ଯଦୁନାଥ ମହାବିଦ୍ୟାଳୟ ପରିସରରେ ଅବସର ଗ୍ରହଣ କରିଥିବା ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷ ଡ. ଗୌରୀଶଙ୍କର ପଣ୍ଡାଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ଶିକ୍ଷାବର୍ଷରେ ଅବସର ଗ୍ରହଣ କରିଥିବା ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶ, ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ନବ କୁମାର ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ରବିନାରାୟଣ ପାଢ଼ୀ, ଧନ୍ଦାମୂଳକ ବିଭାଗର ପ୍ରଶିକ୍ଷିକା ନିୟତି ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଦୟାନିଧି ମହାପାତ୍ର, ପ୍ରାଧ୍ୟାପକ ରାମଶଙ୍କର ମିଶ୍ର, ସୁରେନ୍ଦ୍ର ନାଥ ତ୍ରିପାଠୀ, ପ୍ରଭାତ କୁମାର ପରିଡ଼ା, ଡେମନଷ୍ଟ୍ରେଟର ସଞ୍ଜୟ କୁମାର ସାହୁ ପ୍ରମୁଖ ମହାବିଦ୍ୟାଳୟକୁ ଦୀର୍ଘଦିନ ସେବା କରି ଅବସର ନେଉଥିବା ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କର ଗୁଣଗାନ କରିଥିଲେ। ଅଧ୍ୟକ୍ଷ ଡ. ଗୌରୀଶଙ୍କର ପଣ୍ଡା ସମସ୍ତଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ତ୍ରିପାଠୀ, ପ୍ରଭାତ କୁମାର ପରିଡ଼ା, ଡ. ମଧୁସ୍ମିତା ଦାଶ, ଡ. ମନୀଷା ବର୍ଦ୍ଧନ ପ୍ରମୁଖ ମାନପତ୍ର ପାଠ କରିଥିଲେ। ଡ. ଜୟନ୍ତ କୁମାର ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ସହଯୋଗ କରିଥିଲେ।

ରବୀନ୍ଦ୍ରଙ୍କୁ ଶ୍ରେଷ୍ଠ ଏମ୍‌ପି ସମ୍ମାନ

ବାଲେଶ୍ୱର ଅଫିସ,୧।୨

ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କୁ ମିଳିଛି ୨୦୧୮ବର୍ଷ ପାଇଁ ଶ୍ରେଷ୍ଠ ଏମ୍‌ପି ସମ୍ମାନ। ଦିଲ୍ଲୀ ବିଜ୍ଞାନ ଭବନରେ 'ଫେମ ଇଣ୍ଡିଆ' ଓ ଏସିଆ ପୋଷ୍ଟ ପକ୍ଷରୁ ଆୟୋଜିତ ସମ୍ମାନପ୍ରଦାନ ଉତ୍ସବରେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ତଥା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ, କେନ୍ଦ୍ର ଯୋଗାଯୋଗ ଓ ରେଳମନ୍ତ୍ରୀ ମନୋଜ ସିହ୍ନା, ଏମଏସଏମଇର ରାଜ୍ୟ ମନ୍ତ୍ରୀ ଗିରିଜା ସିଂଙ୍କ ସହ ଫେମ ଇଣ୍ଡିଆର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମାଶଙ୍କର ସୋନ୍ଧାଲିଆ ପ୍ରମୁଖଙ୍କ ଉପସ୍ଥିତିରେ ଜେନା ଏହି ସମ୍ମାନ ଗ୍ରହଣ କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

୨୦୧୮ ଲୋକସଭାରେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଆଲୋଚନା ଅଂଶଗ୍ରହଣକୁ ମନୋନୟନ ବେଳେ ବିଚାରକୁ ନିଆଯାଇଥିଲା। ଦେଶର ପ୍ରଥମ ୧୦ଜଣ ଏମ୍‌ପିଙ୍କ ମଧ୍ୟରେ ଏକମାତ୍ର ଅଣଭାଜପା ଏମ୍‌ପି ଭାବରେ ବାଲେଶ୍ୱର ଏମ୍‌ପି ଜେନା ସ୍ଥାନ ପାଇଛନ୍ତି। ଲୋକସଭାରେ ୩୩୭ଟି ପ୍ରସଙ୍ଗ ଉପରେ ଭାଗନେଇ ଥିବାବେଳେ ଉପସ୍ଥିତ ୯୬ ପ୍ରତିଶତ ରହିଛି। ଜାତୀୟସ୍ତରରେ ଲୋକସଭାରେ ୪୯୯ଟି ପ୍ରଶ୍ନ, ୧୭ଟି ସରକାରୀ ବିଧେୟକ ଉପସ୍ଥାପନା କରିଥିବା ବେଳେ ଏମ୍ପ୍ଲୟମେଣ୍ଟ ଏଜେନ୍ସି ରେଗୁଲେଶନ ବିଲ୍, ବାଲେଶ୍ୱରରେ ଓଡ଼ିଶା ହାଇକୋର୍ଟ ବେଞ୍ଚ ସ୍ଥାପନା ବିଲ୍, ନିର୍ବାଚନରେ ଏକାଧିକ ଆସନରୁ ଲଢ଼ିବା ବାରଣ ପାଇଁ ଜନପ୍ରତିନିଧିଙ୍କ ଆଇନ ସଂଶୋଧନ ବିଧେୟ ସମେତ କୋଡ୍ ଅଫ୍ କ୍ରିମିନାଲ୍ ପ୍ରସିଜିୟରରେ ସଂଶୋଧନ ଆଦି ସମୁଦାୟ ୨୦ଟି ପ୍ରାଇଭେଟ୍ ମେମ୍ବର ବିଲ୍ ଲୋକସଭାରେ ଆଗତ କରିଥିଲେ। ଏହି ଦୃଷ୍ଟାନ୍ତମୂଳକ କାର୍ଯ୍ୟକୁ ଆଧାର କରି ଦେଶର ଅଗ୍ରଣୀ ପତ୍ରିକା 'ଫେମ ଇଣ୍ଡିଆ' ଓ ଏସିଆ ପୋଷ୍ଟ ପକ୍ଷରୁ ଅନଲାଇନ ସର୍ଭେରେ ଦେ

ସଂକ୍ଷେପରେ

ସାନବେଲାକୁଟି ବିଦ୍ୟାଳୟର ବାର୍ଷିକୋତ୍ସବ

କୁଆଁମରା, ୧।୨(ଡି.ଏନ୍.ଏ.): ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପଶୁଦା ପଞ୍ଚାୟତର ସାନବେଲାକୁଟି ବାପୁଜୀ ଉଚ୍ଚ ବିଦ୍ୟାଳୟ ଓ କିଷାନ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଡ଼ିଓ ମନୋଜ କୁମାର ବେହେରା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଗୋଛାୟତ, ସମ୍ମାନିତ ଅତିଥି ସରପଞ୍ଚ ମାଇନ ଟୁଡୁ, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସାହୁ, ନୋଡ଼ାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାସ ଏବଂ ପ୍ରମିଳା ଦାସ ଯୋଗ ଦେଇ ଜୀବନରେ ଭଲ ଲୋକ ହେବା ପାଇଁ ସ୍ୱପ୍ନ ଦେଖିବା ଆବଶ୍ୟକ, ଏଥିପାଇଁ ଅଧ୍ୟବସାୟ ଜାରି ରଖିବା ଦରକାର ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ଅନନ୍ତ କେଶରୀ ମହାନ୍ତି ଅତିଥି ପରିଚୟ ଓ ରବୀନ୍ଦ୍ର ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସାଧନା ହୋତା, ମିନାକ୍ଷୀ ପ୍ରଧାନ, ଜଗତାନନ୍ଦ ବାରିକ, ଧନଞ୍ଜୟ ଗୟା ଓ ଅଞ୍ଜନା ଦିଦି ମଞ୍ଚ ପରିଚାଳନା କରିଥିଲେ।

'ଜିଲା ପରିଷଦ ସଭ୍ୟା ବୈଠକର ଶୃଙ୍ଖଳା ଭଙ୍ଗ କରିଛନ୍ତି'

ଭଦ୍ରକ ଅଫିସ, ୧।୨

୭ମ ଜିଲା ପରିଷଦ ବୈଠକରେ ସଭ୍ୟା ରଞ୍ଜିତା ସ୍ୱାଇଁ ବୈଠକର ଶୃଙ୍ଖଳା ଭଙ୍ଗ କରିଛନ୍ତି ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଆରୋପ ଆଣିଛି ବିଜେଡି। ବିଜେଡି ଅଭିଯୋଗ କରିଛି ଯେ, ବୈଠକରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜିଲା ପରିଷଦ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ଉପସ୍ଥିତ ସଭ୍ୟାସଭ୍ୟ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ଯୋଜନା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ସମୟରେ ଧୁକ୍ଷୁରୀ ଜୋନ୍‌ର ଜିଲା ପରିଷଦ ସଭ୍ୟା ସ୍ୱାଇଁ ବୈଠକର ନୀତିନିୟମକୁ ଉଲ୍ଲଙ୍ଘନ କରି ଉଦ୍ଦେଶ୍ୟମୂଳକ ଭାବେ ଜିଲାପାଳଙ୍କୁ ପ୍ରଥମେ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ କୁହନ୍ତୁ ବୋଲି ଦାବି କରିଥିଲେ। ଜିଲାପାଳ ବାରମ୍ବାର ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ଉତ୍ତ୍ୟକ୍ତ ହୋଇ ନିଜ ଚେୟାର ଛାଡି ପୋଡିୟମ୍ ପାଖକୁ ଆସି ଜିଲାପାଳ ଓ ବିଧାୟକମାନଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ତାଙ୍କର ଏଭଳି ବ୍ୟବହାରକୁ ସମସ୍ତ ସଭ୍ୟାସଭ୍ୟ ବିରୋଧ କରିବାରୁ ସେ ନିଜ ଚେୟାରକୁ ଫେରି ସଭାକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଏହାପରେ କାର୍ଯ୍ୟସୂଚୀ ଅନୁସାରେ ବୈଠକ ଚାଲୁଥିବା ବେଳେ ପ୍ରାୟ ୧ ଘଣ୍ଟା ପରେ ସେ ଅନ୍ୟ ୩ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସହ ଗୃହ ଛାଡି ଚାଲିଯାଇଥିଲେ। ତାଙ୍କର ଏତାଦୃଶ ଅଶାଳୀନ ବ୍ୟବହାର, ବୈଠକରେ ବିଶୃଙ୍ଖଳିତ ଆଚରଣକୁ ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟ ବିରୋଧ କରିବା ସହ ତାଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ। ଏଣୁ ସେ ବୈଠକରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଯୁବ ବିଜେଡିର ଜିଲା ସଭାପତି ଦୁର୍ଗାପ୍ରସନ୍ନ ଦାସ, ଛାତ୍ର ବିଜେଡି ସଭାପତି ତଥାଗତ ସାମଲ, ମହିଳା ବିଜେଡି ସଭାପତି ବିଦ୍ୟୁତଲତା ନାୟକ ଖବରଦାତା ସମ୍ମିଳନୀ ମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାକେଶ ପଣ୍ଡା, ସଞ୍ଜୀବ ମଲିକ, ବିଶ୍ୱଜିତ ସ୍ୱାଇଁ, ହୃଦୟ ରଞ୍ଜନ ମହାପାତ୍ର, ଆଶିଷ ଦାସ, ରାଜେଶ କୁମାର ଜେନା, ପୂର୍ଣ୍ଣିମା ଜେନା, ରଘୁନାଥ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

ଶାନ୍ତିନିକେତନ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖୁଣ୍ଟା, ୧।୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ବାହାନଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ପ୍ରଧାନ ଶିକ୍ଷକ ଭୁବନେଶ୍ୱର କର ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ମୁଖ୍ୟଅତିଥି ଓ ବିଇଓ ସୁଦର୍ଶନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଡିଓ ଦେବଦତ୍ତ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ସିଧନାଥ ସରେନ, ସରପଞ୍ଚ ଧନେଶ୍ୱର ଟୁଡୁ, ପୂର୍ବତନ ବିଇଓ ଚୈତନ୍ୟ ପ୍ରସାଦ ବାରିକ, ସିଆର୍‌ସିସି ଶଶିଧର ମହାନ୍ତ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାହ୍ନୁଚରଣ ମୁର୍ମୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ କର ବିବରଣୀ ପାଠ କରିବା ଅବସରରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କଅଣ,
ଘର ଭିତରେ ଚାରିଟା କଣ
ନଇଁ ପଡ଼ି କରି ଗଣ ।

ଥଳାଳିଆ ଓ ବେଖାତିରିଆ ଉତ୍ତର। ଜଣକୁ କଥା କ'ଣ, ବିଷୟ କ'ଣ ବୋଲି ଜାଣିବାକୁ ପଚାରିଲେ ବେଳେ ବେଳେ ଅନ୍ୟ ଜଣକ ଉପଯୁକ୍ତ ଉତ୍ତର ନ ଦେଇ ବୁଲେଇ ବଙ୍କେଇ କଥା କହିଥାଏ। ପଚାରିଥିବା ବ୍ୟକ୍ତିର କିଛି ଜାଣିବାର ଆବଶ୍ୟକତା ନ ଥିବା ବିଚାର କରି ଯାଉଯାଉ କଥା କହି ମୋଡ଼ ବଦଳେଇ ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କାଟି ନ ଜାଣି କଟୁରି ଦୋଷ
ଚାଲି ନ ଜାଣି ବାଟର ଦୋଷ ।

କୌଶଳ ନ ଜାଣି ହାତ ହତିଆରର ଦୋଷ ଦେବା ମୂର୍ଖାମିର ପରିଚୟ ହୋଇଥାଏ। ପରୋକ୍ଷରେ ନିଜ ଦୋଷ ଦୁର୍ବଳତାକୁ ନ ଦେଖି ପରକୁ ଅଯଥା ଦୋଷ ଦେବାରେ କିଛି ଲାଭ ମିଳି ନ ଥାଏ। ନିଜର ବିଫଳତାକୁ ନ ମାନି ଅନ୍ୟ ଉପରେ ଦୋଷ ଲଦିଦେବା କୌଣସି ପରିସ୍ଥିତିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ମା' ସାତପୁଟୁଳି ଠାକୁରାଣୀଙ୍କ ପାହାଡ଼ି ପୂଜା

ବାଙ୍ଗିରିପୋଷି,୧।୨(ଡି.ଏନ.ଏ)

ବାଙ୍ଗିରିପୋଷି ବ୍ଲକର ବୁଢିଖମାରୀ,ବଡଗାଁ ଓ ଭୁଆଶୁଣୀ ଗ୍ରାମ ପଂଚାୟତ ସଂଲଗ୍ନ ପାହାଡରେ ମା' ସାତପୁଟୁଳି ଠାକୁରାଣୀଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ପାହାଡି ପୂଜା ଭାବେ ଖ୍ୟାତ ଏହି ପୂଜାରେ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ପଡ଼ୋଶୀ ଝାଡଖଣ୍ଡ, ପଶ୍ଚିମବଙ୍ଗର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ । ଦେହୁରୀ ଶରତ ନାଏକ ସମେତ ପୂଜା କମିଟିର ସଭାପତି ଶ୍ରୀ ମାତ ମୁର୍ମୁ, ସମ୍ପାଦକ ଦୁର୍ଗାଚରଣ ମୁର୍ମୁ, ଉପସଭାପତି ବୁଦ୍ଧଦେବ ସିଂ,ପିଢଛାଟିଆ ରୁସୁ ଟୁଡୁ ପ୍ରମୁଖ କର୍ମୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ରାତିରେ ପାଦ ଦେଶରେ ଥିବା ଚାକଦର ଗ୍ରାମର ଦେବୀଙ୍କ ସ୍ଥାୟୀ ପୀଠ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

No.V-66

ଓଡ଼ିଶା ସରକାର
କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

ନଥି ସଂ : IX(D)-3/2019/71 Date : 19.01.2019

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (appropriate Government) ସରକାରୀ ବ୍ୟୟରେ ମୌଜା- ବାଡୋ, ଥାନା- ରାମଚନ୍ଦ୍ରପୁର, ତହସିଲ- ଘସିପୁରା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୪.୧୨ କର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013)ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ
୧. ସାର୍ବଜନୀନ ଉଦ୍ଦେଶ୍ୟ ସ୍ୱରୂପ -ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - Executive Engineer Baitarani Division Salapada, Keonjhar.
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତା କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ଆନନ୍ଦପୁର।
୬. ଜମିର ବିବରଣୀ :-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ ନଂ	ପ୍ଲଟ୍‌ର ମୋଟ ରକବା (ଏକରରେ)	ଅଧିସୂଚିତ ଜମିର ରକବା (ଏକରରେ)	ରୟତ୍‌ର ନାମ
କେନ୍ଦୁଝର	ଘସିପୁରା	ବାଡୋ	ଗ୍ରାମାଞ୍ଚଳ	ଏଥିସହ ସଂଲଗ୍ନ	ଏଥିସହ ସଂଲଗ୍ନ	୧୦.୭୧	୪.୧୨	ଏଥିସହ ସଂଲଗ୍ନ

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୦.୪୪ ସଂରକ୍ଷିତ ଗୋଚର ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର

ଭୂମି ଅନୁସୂଚୀ

ପ୍ରକଳ୍ପର ନାମ : ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ
ମୌଜା : ବାଡୋ, ଥାନା- ରାମଚନ୍ଦ୍ରପୁର, ତହସିଲ : ଘସିପୁରା,
ଭୂ-ଅର୍ଜନ ମାମଲା ସଂ:- ୦୩/୨୦୧୮

କ୍ରମିକ ନଂ	ଖାତା ନଂ	ରୟତଙ୍କ ନାମ	ପ୍ଲଟ୍ ନଂ	ଜିସମ	ମୋଟ ରକବା (ଏକରରେ)	ଅର୍ଜନ ରକବା (ଏକରରେ)	ମନ୍ତବ୍ୟ
୧	୩୧	ଯୁଧିଷ୍ଠିର ବାରିକ, ପି- ଭଗବାନ ବାରିକ, ବା- ନିଜଗାଁ, ଜା-ଭଣ୍ଡାରି	୧୦୦	ଶାରଦ-୨	୦.୩୨	୦.୦୩	
୨	୫୨	ବନମାଳି ଦେହୁରୀ, ଦୋଳଗୋବିନ୍ଦ ଦେହୁରୀ, ପି-ସିନ୍ଧୁ ଦେହୁରୀ, ଅଯୋଧ୍ୟା ଦେହୁରୀ, ସ୍ୱା: ଗିରିଧାରି ଦେହୁରୀ, କଣ୍ଡୁରୀ ଦେହୁରୀ, ନାଣ୍ଡୁ ଦେହୁରୀ, ପି- ବନ୍ଧୁ ଦେହୁରୀ, ବା: ନିଜଗାଁ, ଜା- ବାଗୁଡି	୧୦୩	ବିଆଳି ଦୋଫସଲି	୦.୧୧	୦.୦୨	
୩	୨୩	ଗୋପି ପରିଡା, ପି- ସଦେଇ ପରିଡା, ବା: ନିଜଗାଁ, ଜା: ଗଉଡ	୧୦୪	ବିଆଳି ଦୋଫସଲି	୦.୧୫	୦.୦୭	
୪	୪୩	ଧରଣି ମାଝୀ, ବାଇଧର ମାଝୀ, ପି- ଦିନା ମାଝୀ, ବା- ନିଜଗାଁ, ଜା-କୈବର୍ତ୍ତ	୧୦୫	ଶାରଦ-୧	୦.୫୫	୦.୦୩	
୫	୭୧	ମହୀ ମାଝୀ, ପି- ରତନ ମାଝୀ, ବା: ନିଜଗାଁ, ଜା: କୈବର୍ତ୍ତ	୧୧୩	ଶାରଦ-୨	୦.୭୮	୦.୦୨	
			୧୩୫	ବିଆଳି ଦୋଫସଲି	୦.୧୭	୦.୧୦	
			୧୩୭	ବଗାୟତ-୨	୦.୫୨	୦.୧୪	
			୧୯୮	ଘରବାରୀ	୦.୨୧	୦.୧୧	
			୧୦୫/ ୭୦୦	ଶାରଦ-୧	୦.୧୯	୦.୧୦	
୬	୧୧୨	କୃଷି ସାଉ, ପି- କଣ୍ଡୁରି ସାଉ, ଧନେଶ୍ୱର ସାଉ, ନାରାୟଣ ସାଉ, ପି- ଛୁଞ୍ଚି ସାଉ, ଗୁରି ସାଉ, ସ୍ୱା: ଛୁଞ୍ଚି ସାଉ, ହାଡିବନ୍ଧୁ ସାଉ, ପି- ଚକର ସାଉ, ଦାମଦର ସାଉ, ଭଗି ସାଉ, ପି- ରତନ ସାଉ, ବା- ନିଜଗାଁ, ଜା- କୁମ୍ଭାର	୧୪୧	ବିଆଳି ଦୋଫସଲି	୦.୨୪	୦.୦୫	
			୧୪୨	ବିଆଳି ଦୋଫସଲି	୦.୧୫	୦.୦୫	
			୧୪୩	ବିଆଳି ଦୋଫସଲି	୦.୧୫	୦.୦୩	
			୧୪୪	ବିଆଳି ଦୋଫସଲି	୦.୧୫	୦.୦୨	
୭	୧୮୯	ଶ୍ରୀ ବକୁଳି ଗୋସାଇଁ ବିଜେ ନିଜଗାଁ, ମାର୍ଫତ- ଚୈତନ ଚରଣ ଦାସ, ପି- ରାମ ଦାସ, ବା: ନିଜଗାଁ, ଜା- ବୈଷ୍ଣବ	୫୪୫	ବିଆଳି ଦୋଫସଲି	୧.୦୫	୦.୭୮	
			୫୪୬	ଆମ୍ବ ବଗାୟତ-୨	୦.୮୨	୦.୦୧	
୮	୧୦୮	ହରିପଦ ନାଏକ, ନାରଣ ନାଏକ, ରଘୁନାଥ ନାଏକ, ପି- କାଙ୍ଗାଳି ନାଏକ, ମହେଶ୍ୱର ନାଏକ, ପି- ନିଧି ନାଏକ, ବା: ନିଜଗାଁ, ଜା- ତେଲି	୫୯୬	ଶାରଦ-୧	୦.୧୪	୦.୦୩	
୯	୨୯	ଯୁଧିଷ୍ଠିର ସାହୁ, ପି- ବାବାଜି ସାହୁ, ହରି ସାହୁ, ପି- କଣ୍ଡୁରି ସାହୁ, କାଳି ସାହୁ, ପି- ବେରାଗି ସାହୁ, ରଘୁ ସାହୁ, ଶ୍ୟାମ ସାହୁ, ପି- ନାଲୁ ସାହୁ, ବା- ନିଜଗାଁ, ଜା- ପାଟରା	୬୦୨	ଶାରଦ-୧	୦.୧୩୫	୦.୦୨	
			୬୦୩	ଶାରଦ-୧	୦.୦୧୫	୦.୦୧୫	
			୬୦୪	ଶାରଦ-୧	୦.୧୭	୦.୦୮	
			୬୦୭	ଶାରଦ-୧	୦.୧୮	୦.୦୮	
୧୦	୭୫	ମହେଶ୍ୱର ନାଏକ, ପି- ନିଧି ନାଏକ, ହରିପଦ ନାଏକ, ପି- କାଙ୍ଗାଳି ନାଏକ, ବା: ନିଜଗାଁ, ଜା- ତେଲି	୬୩୯	ବିଆଳି ଦୋଫସଲି	୦.୨୮	୦.୦୯	
			୬୪୦	ବଗାୟତ-୨	୦.୧୦	୦.୦୮	
			୬୪୬	ଜଳାଶୟ-୨	୦.୦୭	୦.୦୩	
୧୧	୧୦୬	ହରିପଦ ନାଏକ, ନାରଣ ନାଏକ, ରଘୁ ନାଏକ, ପି- କାଙ୍ଗାଳି ନାଏକ, ମହେଶ୍ୱର ନାଏକ, ପି- ନିଧି ନାଏକ, ବାବାଜି ନାଏକ, ପି- ବାରେଣି ନାଏକ, ବା- ନିଜଗାଁ, ଜା- ତେଲି	୬୪୧	ବିଆଳି ଦୋଫସଲି	୦.୩୦	୦.୦୬	
			୬୪୩	ବିଆଳି ଦୋଫସଲି	୦.୨୭	୦.୧୫	
			୬୪୪	ବିଆଳି ଦୋଫସଲି	୦.୨୭	୦.୧୬	
			୬୪୫	ବିଆଳି ଦୋଫସଲି	୦.୨୦	୦.୨୦	
			୬୬୭	ଶାରଦ-୨	୦.୨୩	୦.୦୭	
୧୨	୭୯	ମାଧବ ଚନ୍ଦ୍ର ସାହୁ, ପି- ବୈରାଗି ସାହୁ, ବା: ନିଜଗାଁ, ଜା- ପାଟରା	୬୭୨	ଶାରଦ-୧	୦.୧୫	୦.୦୬	
୧୩	୧୦୨	ହରିପଦ ନାଏକ, ପି- କାଙ୍ଗାଳି ନାଏକ, ବା- ନିଜଗାଁ, ଜା- ତେଲି	୬୭୬	ଶାରଦ-୧	୦.୨୩	୦.୨୩	
			୬୭୦	ଶାରଦ-୧	୦.୫୦	୦.୨୩	
୧୪	୧୧୪/ ୧୪	ବାବାଜୀ ନାୟକ, ପି- ବାରେଣି ନାୟକ, ମହେଶ୍ୱର ନାୟକ, ପି- ନିଧି ନାୟକ, ହରିପଦ ନାୟକ, ନାରାୟଣ ନାୟକ, ରଘୁନାଥ ନାୟକ, ପି- କାଙ୍ଗାଳି ନାୟକ, ଜା- ତେଲି, ବା- ବାଡୋ	୬୭୧	ଶାରଦ-୧	୦.୧୯	୦.୦୯	
			୬୭୨	ଶାରଦ-୧	୦.୩୦	୦.୧୫	
୧୫	୭୩	ମଣିତରଣ ସାହୁ, ପି- ହାଡିବନ୍ଧୁ ସାହୁ, ମାଳ ସାହୁ, ପି- ହାଡିବନ୍ଧୁ ସାହୁ, ଗଭା ସାହୁ, ସ୍ୱା- ହାଡିବନ୍ଧୁ ସାହୁ, ବା- ନିଜଗାଁ, ଜା- ପାଟରା	୬୭୩	ଶାରଦ-୧	୦.୪୭	୦.୨୨	
୧୬	୧୧୪/୮୦	ନୀର ସାହୁ, ସ୍ୱା- ସିନ୍ଧୁମଣି ସାହୁ, ଜା- ପାଟରା, ବା- ବାଡୋ	୬୦୨/ ୮୩୨	ଶାରଦ-୧	୦.୧୩୫	୦.୦୨	
			୬୦୩/ ୮୩୩	ଶାରଦ-୧	୦.୦୧୫	୦.୦୧୫	
୧୭	୫୬	ବାଇଧର ସାହୁ, ଶିବ ସାହୁ, ମଦନ ମୋହନ ସାହୁ, ପି- ହାଡିବନ୍ଧୁ ସାହୁ, ବା- ନିଜଗାଁ, ଜା- କୁମ୍ଭାର	୧୦୦/ ୬୮୪	ଶାରଦ-୨	୦.୩୪

ଜିଭଠାରୁ ତୁମ ହାତ ପ୍ରକୃତରେ ଭଲ ଧର୍ମବାଣୀ ପ୍ରଚାର କରିପାରିବ।

- ଗୋଲ୍ଡସ୍ମିଥ

ସଂକ୍ଷେପରେ

୪ରେ ଓଡ଼ିଶା ସରପଞ୍ଚ ମହାସଂଘର ଧାରଣା

ବଡ଼ସାହି, ୧।୨(ସ୍ୱ.ପ୍ର.): ଓଡିଶା ସରପଞ୍ଚ ମହାସଂଘ ପକ୍ଷରୁ ୧୧ଦଫା ଦାବି ନେଇ ଆସନ୍ତା ୪ତାରିଖରେ ଭୁବନେଶ୍ୱର ଲୋୟର ପିଏମଜି ଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ସଂଘର ରାଜ୍ୟ ସମ୍ପାଦକ ତଥା ବଡ଼ସାହି ବ୍ଲକ କୋଚିଲାଖୁଣ୍ଟା ସରପଞ୍ଚ ନରେନ୍ଦ୍ର ସିଂ ଜଣାଇଛନ୍ତି । ଏହି ଧାରଣାରେ ସାମିଲ ହେବା ପାଇଁ ଓଡିଶାରେ କାର୍ଯ୍ୟରତ ସମସ୍ତ ସରପଞ୍ଚ ଓ ୱାର୍ଡ ସଭ୍ୟମାନଙ୍କୁ ରାଜ୍ୟ ମହାସଂଘ ପକ୍ଷରୁ ନିବେଦନ କରିଛନ୍ତି।

ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାଙ୍ଗିରିପୋଷି,୧।୨(ଡି.ଏନ.ଏ): ବାଙ୍ଗିରିପୋଷି ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦାବନ ଚନ୍ଦ୍ର ପେଡା ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୁରୁବାର ଅନୁଷ୍ଠିତ ଏହି ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରୀ-ଛାତ୍ର, ଶିକ୍ଷୟତ୍ରୀ-ଶିକ୍ଷକ ଏବଂ କର୍ମଚାରୀ ଯୋଗ ଦେଇଥିଲେ । ଅବସର ଜୀବନକୁ ସମାଜ ସେବାରେ ଲଗାଇବେ ବୋଲି ପ୍ରଧାନ ଶିକ୍ଷକ ପେଡ଼ା ମତ ଦେଇଥିଲେ।

ମା'ହିଙ୍ଗୁଳାଙ୍କ ବାର୍ଷିକ ପୂଜା ପ୍ରସ୍ତୁତି ବୈଠକ

ବଡ଼ସାହି,୧।୨(ସ୍ୱ.ପ୍ର.): ୨୩ତାରିଖରେ ହେବାକୁ ଥିବା ଉତ୍ତର ଓଡିଶାର ପ୍ରସିଦ୍ଧ ମା'ହିଙ୍ଗୁଳାଙ୍କ ବାର୍ଷିକ ବଡ ପୂଜାର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟର ସ୍ଥାୟୀ ସଭାପତି ସୁନୀଲ କୁମାର ଦାଶଙ୍କ ସଭାପତିତ୍ୱରେ ଟ୍ରଷ୍ଟର ସଦସ୍ୟଙ୍କ ଉପସ୍ଥିତି ରହିଥିଲେ। ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗର ଡା. ସନତ୍ ଦାଶ, ତହସିଲଦାର ଅମୀୟ ରାଉତ, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଏବଂ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କ ସହ ବୁଦ୍ଧିଜୀବୀ ଯୋଗ ଦେଇ ୧୦ଟି ପ୍ରସ୍ତାବ ଉପସ୍ଥାନ ହୋଇ ଗୃହୀତ ହୋଇଛି । ଏହି ପ୍ରସ୍ତାବ ମଧ୍ୟରୁ ପାନୀୟଜଳ ଯୋଗାଣ ପାଇଁ ୪ଟି ଟ୍ୟାଙ୍କର ଓ ପରିମଳ ପାଇଁ ୩୦ଟି ଅସ୍ଥାୟୀ ପରିଶ୍ରାଗାର ଓ ପାଇଖାନା ସ୍ଥାପନ, ସ୍ୱାସ୍ଥ୍ୟସେବା ସହିତ ଆମ୍ବୁଲାନ୍ସ ଗାଡି, ଟ୍ରାଫିକ ନିୟନ୍ତ୍ରଣ, ପଲ୍ଲିଶ୍ରୀ ମେଳା, କ୍ଷେତ୍ର ପ୍ରଚାର ପ୍ରଦର୍ଶନୀ, ଦମକଳ ସେବା, ରାସ୍ତା ମରାମତି, ସୂଚନାକେନ୍ଦ୍ର ସ୍ଥାପନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ବଡ ପୂଜାର ପୂର୍ବଦିନ ଓ ପୂଜା ଦିନ ବିଦ୍ୟୁତ କାଟ ନ କରିବାକୁ ବିଭାଗକୁ ଅନୁରୋଧ କରାଗଲା। ବାର୍ଷିକ ପୂଜାର ଅଗ୍ନି ସଂଯୋଗ ପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଅଗ୍ନି ଉତ୍ସବ ଠାରୁ ପୂଜା ପର୍ଯ୍ୟନ୍ତ ମେଳାକୁ ଅଧିକ ଦିନ ଚାଲୁ ରଖିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଶେଷରେ ଟ୍ରଷ୍ଟର ସଦସ୍ୟ ରାଜେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଛନ୍ତି ।

୪୨ ବର୍ଷରେ ପାଉଁଶିଆ ଭୀମମେଳା

ବଡ଼ସାହି,୧।୨(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ମୁଖ୍ୟାଳୟଠାରୁ ୧୦କି.ମି. ଦୂର ପାଉଁଶିଆ ଗ୍ରାମରେ କିମ୍ବଦନ୍ତୀ ପ୍ରସିଦ୍ଧ ଭୀମମେଳା ପାଇଁ ପ୍ରସ୍ତୁତି ଚାଲିଛି। ଅଞ୍ଚଳବାସୀଙ୍କ ମଧ୍ୟରେ ସଂହତି, ସଂସ୍କୃତି ଓ ଭାଇଚାରାକୁ ସୁଦୃଢ କରିବା ସହ ସାମାଜିକ ଜୀବନକୁ ସରସ ସୁନ୍ଦର କରୁଛି । ୧୯୭୮ ମସିହାରୁ ଆରମ୍ଭ ହୋଇ ଦୀର୍ଘ ୪୨ବର୍ଷ ଧରି ବସିଆସୁଥିବା ଭୀମମେଳାରେ ଅଞ୍ଚଳବାସୀଙ୍କୁ ଭାରତର ଐତିହ୍ୟ ଓ ପୁରାଣ ସମ୍ପର୍କିତ କଥାବସ୍ତୁକୁ ମନେପକାଇବା ସହ ବିଭିନ୍ନ ସଚେତନତା ସୃଷ୍ଟି କରୁଛି। ଆଖପାଖ ଗ୍ରାମର ଗ୍ରାମବାସୀଙ୍କ ଉଦ୍ୟମରେ ମେଳା ପଡିଆରେ ବିଭିନ୍ନ ନିର୍ମାଣ କାର୍ଯ୍ୟ କରାଯାଇଥିଲେ ମଧ୍ୟ ସରକାରୀ ପ୍ରୋତ୍ସାହନ ଓ ରକ୍ଷଣାବେକ୍ଷଣ ଅଭାବରୁ ତାହା ଭାଙ୍ଗିରୁଜି ଗଲାଣି । ବିଭିନ୍ନ କୁଞ୍ଜ ପ୍ରଦର୍ଶନ ପାଇଁ ନିର୍ମାଣ ହୋଇଥିବା ଆଜବେଷ୍ଟସ୍ ଘରଗୁଡିକ ଭାଙ୍ଗିରୁଜି ଗଲାଣି । ଫଳରେ ବର୍ଷାଦିନେ ପାଣି ଗଳୁଛି। ଲକ୍ଷ୍ମୀନାରାୟଣଙ୍କ ପୂଜାସ୍ଥଳର କଙ୍କ୍ରିଟ ଛାତ ଫାଟିଯାଇଥିବାରୁ ବିପଦସଙ୍କୁଳ ଅବସ୍ଥାରେ ପଡିରହିଛି। ଏହା ସତ୍ତ୍ୱେ ଆସନ୍ତା ଫେବୃୟାରୀ ୧୬ତାରିଖରୁ ଆରମ୍ଭ ହେଉଥିବା ଏହି ମେଳା ଲାଗି ପ୍ରସ୍ତୁତି ଜୋର୍ ଧରିଛି । ୨୦ଫୁଟ ଉଚ୍ଚର ଭୀମଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି ସମେତ ବିଭିନ୍ନ କୁଞ୍ଜ ଲାଗି ମୂର୍ତ୍ତି ତିଆରି ଚାଲିଛି।

କୁଞ୍ଜଲାଗି ମୂର୍ତ୍ତି ତିଆରି ଚାଲିଛି।

ପୁରାଣ ବର୍ଣ୍ଣିତ ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବଙ୍କ ବନବାସ କାଳରେ ଭୀମ ଉପବାସ ରହି ଏକାଦଶୀ ବ୍ରତ ପାଳନ କରିଥିଲେ । ଅଗ୍ନିପୂର୍ଣ୍ଣିମାରେ ଅଗ୍ନିରୂପି ମା' ହିଙ୍ଗୁଳାଙ୍କ ଜନ୍ମ । ନିଜ ପେଟରେ ଥିବା ଜଠରାଗ୍ନୀଙ୍କୁ ସମ୍ମାନ କରି ଭୀମ ମାଘ ଶୁକ୍ଳ ଏକାଦଶୀରେ ଅଗ୍ନିରୂପି ମା' ହିଙ୍ଗୁଳାଙ୍କୁ ବିଶ୍ରାମ ଦେଇଥାନ୍ତି । ତେଣୁ ଭୀମ ମାଘ ଶୁକ୍ଳ ଏକାଦଶୀରେ ମା'ହିଙ୍ଗୁଳାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି କିମ୍ବଦନ୍ତୀକୁ ଜନମାନସରେ ଉଜ୍ଜୀବିତ ରଖିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଭୀମମେଳା ଆୟୋଜନ ହୋଇଆସୁଛି ବୋଲି ମୟୂରଭଞ୍ଜର ଐତିହ୍ୟ ଓ କିମ୍ବଦନ୍ତୀ ସମ୍ପର୍କରେ ଗବେଷଣା କରୁଥିବା ଡକ୍ଟର ସନତ କୁମାର ଦାଶ କହନ୍ତି । ପାଉଁଶିଆ ଗ୍ରାମର ପ୍ରାୟ ୫ଏକର ପରିମିତ ପଡିଆରେ ହେଉଥିବା ଅନ୍ୟତମ ଆକର୍ଷଣ ଭୀମଙ୍କ ୨୦ଫୁଟ ଉଚ୍ଚତାର ବିରାଟକାୟ ପ୍ରତିମୂର୍ତ୍ତି। ମୁଖ୍ୟ ପୂଜା ମଣ୍ଡପରେ ଅନନ୍ତ ଶଯ୍ୟାରେ ପ୍ରଭୁ ଲକ୍ଷ୍ମୀ ନାରାୟଣଙ୍କ ସମେତ ଅନ୍ୟ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଭୈମ ଏକାଦଶୀ ଠାରୁ ୫ଦିନ ଧରି ପୂଜାର୍ଚ୍ଚନା ହୋଇଥାଏ। ପୂର୍ଣ୍ଣିମା ଦିନ ନାମ ସଂକୀର୍ତ୍ତନ, ଅଗ୍ନିଉତ୍ସବ ଅନୁଷ୍ଠିତ ହୋଇଥାଏ। ମେଳାରେ ବସିବା ପାଇଁ ପକ୍କା ପିଣ୍ଡିର ଆବଶ୍ୟକତା ଥିବା ବେଳେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ଏକ ସଭାଗୃହର ଆବଶ୍ୟକତା ରହିଛି ବୋଲି କହନ୍ତି କମିଟିର ସମ୍ପାଦକ ଦେବେନ୍ଦ୍ର ରାଉତ । ଚଳିତ ବର୍ଷ ମେଳାକୁ ଆକର୍ଷଣୀୟ କରିବା ପାଇଁ ଅନ୍ୟ ବର୍ଷ ଭଳି ପ୍ରୟାସ ଚାଲିଛି। ମେଳାରେ ପିଇବା ପାଣି, ଯାତାୟାତର ଅସୁବିଧା ଓ ମେଳା ପଡିଆର ଉନ୍ନତୀକରଣ ହେଉ ନ ଥିବାରୁ ବହୁ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହଉଛନ୍ତି । ଏହି ମେଳା ୧୫ଦିନ ଧରି ବସୁଥିବାରୁ ବହୁ ଦୋକାନୀ ପସରା ମେଲାଇଥାନ୍ତି। ମେଳାପଡିଆକୁ ସଂଯୋଗ କରୁଥିବା ମୋରମ ରାସ୍ତାକୁ ପକ୍କାରେ ନିର୍ମାଣ କରିବା ପାଇଁ ଦାବି ହେଉଛି । ମେଳା ପରିସରରେ ଥିବା ଆମ୍ବ, ମହୁଲ, ଶାଳ ଗଛର ରକ୍ଷଣାବେକ୍ଷଣ ପାଇଁ ପାଚେରିର ଆବଶ୍ୟକତା ରହିଛି। ମେଳାର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ଅଞ୍ଚଳର ଭାଇଚାରା,ଏକତା ଓ ବନ୍ଧୁ ମିଳନ ବଜାୟ ରହିବ ବୋଲି ଗ୍ରାମବାସୀ କୃଷ୍ଣ ମୋହନ ଗିରି, ଶରତ ଚନ୍ଦ୍ର ଭୋଇ ପ୍ରକାଶ କରିଛନ୍ତି । ସେହିପରି ପ୍ରଶାସନ ପକ୍ଷରୁ ମେଳା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପାଚେରି ନିର୍ମାଣ ସାଙ୍ଗକୁ ପାନୀୟ ଜଳର ସଙ୍କଟ, ପକ୍କା ରାସ୍ତା, ବିଦ୍ୟୁତୀକରଣ, ସଭାଗୃହ ସହିତ କୁଞ୍ଜଗୃହର ନବୀକରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ପ୍ରଶାସନିକ ଅଣଦେଖା

- ■ଲୋକଙ୍କ ପାଇଁ ନାହିଁ ଆନୁଷଙ୍ଗିକ ସୁବିଧା
- ■ଭାଙ୍ଗିରୁଜି ଗଲାଣି ଆଜବେଷ୍ଟସ, ପିଣ୍ଡି

ଜଣେ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଭେଙ୍କଟେଶ୍ୱର ସ୍କୁଲ ବାର୍ଷିକ ଉତ୍ସବ

ବାରିପଦା ଅଫିସ, ୧।୨

ବାରିପଦା ସହରସ୍ଥିତ ଶହୀଦ ସ୍ମୃତି ଭବନଠାରେ ଭେଙ୍କଟେଶ୍ୱର ସ୍କୁଲର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ବିଜୟାଲକ୍ଷ୍ମୀ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାନସଭାର ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ପୌର ପରିଷଦର ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଅନୁଷ୍ଠାନର ଟ୍ରଷ୍ଟି ସୁଭ୍ରାନ୍ତି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ନମିତା ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ବଚ୍‌ପନ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ମିନାକ୍ଷୀ ପାତ୍ର ସଭାପତିତ୍ୱ କରିଥିଲେ। ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲିକ ମୁଖ୍ୟଅତିଥି, ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା ମୁଖ୍ୟବକ୍ତା ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଟ୍ରଷ୍ଟି ସୁଭ୍ରାନ୍ତି ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀ ନିକିତା ଲେଙ୍କା ଓ ଏମ୍. ବରଖା ଧନ୍ୟବାଦ ଦେଇଥିଲେ।

ରୋଜଗାର ଦାବିରେ ଯୁବ ଭାଜପାର ବିକ୍ଷୋଭ

ବାରିପଦା ଅଫିସ,୧।୨

ମୟୂରଭଞ୍ଜ ଜିଲା ଯୁବ ଭାଜପା ପକ୍ଷରୁ ରୋଜଗାର ଦାବିରେ ଶୁକ୍ରବାର ଯୁବ ସଭାପତି କୁମାର ମଙ୍ଗଳମଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଛି।

ଭାଜପା କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

ଏ ନେଇ ସହରରେ ଶୋଭାଯାତ୍ରା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲାର ଯୁବକମାନେ ରୋଜଗାର ନ ପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେଠାରେ ଉଚିତ ପ୍ରାପ୍ୟ ନ ପାଇ ନିର୍ଯାତିତ ହେଉଛନ୍ତି। ରାଜ୍ୟ ସରକାର ଯୁବକମାନଙ୍କୁ ନିଯୁକ୍ତି ନ ଦେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମଙ୍ଗଳମ ଚେତାବନୀ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି ପାୟଲ ରାୟ, ସମ୍ପାଦକ ଦୀପକ ବେହେରା, ରାଜେଶ କବି, ସେଖ ନାସିରୁଦ୍ଦିନ, ଅପୁ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

ରକ୍‌ଷ୍ଟାର ଆନୁକୂଲ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଆଦିବାସୀ ମହିଳାମାନେ ପାରମ୍ପରିକ ବେଶଭୂଷାରେ ନୃତ୍ୟ ପରିବେଷଣ କରୁଛନ୍ତି।

ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ

ଉଦଳା, ୧।୨(ଡି.ଏନ.ଏ.)

ଉଦଳା ବ୍ଲକ ଅଧୀନ ଦିବ୍ୟସିଂହପୁରସ୍ଥିତ ଦି କୈବଲ୍ୟ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରତିଷ୍ଠାତା ଭାସ୍କର ବେଜଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ମୟୂରଭଞ୍ଜ ଧର୍ମଜାଗରଣ ସମନ୍ୱୟର ସଭାପତି ଡା. ସନତ କୁମାର ଦାସ, ସମ୍ମାନନୀୟ ଅତିଥି ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାକର ବେହେରା, ସାମାଜିକ କର୍ମୀ ଅନୁପ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'କୌସ୍ତୁଭ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରବୀର କୁମାର ଦାସମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖେଳଶିକ୍ଷକ କ୍ଷିତିଶ ଚନ୍ଦ୍ର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିଦ୍ୟାଳୟର ଅଧକ୍ଷା କାକୋଳି ନନ୍ଦି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଦିବ୍ୟେନ୍ଦୁ କୁମାର ବେଜ, ସଭାପତି ମୃଗାଙ୍କ ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

'ଦୃଢ଼ ମାନସିକତା ରହିଲେ ସଫଳତା ମିଳେ'

ବଡସାହି,୧।୨(ସ.ପ୍ର)

ଛାତ୍ରୀଛାତ୍ରମାନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କର୍ତ୍ତବ୍ୟ ସାଧନା ନିତାନ୍ତ ଆବଶ୍ୟକ। ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟା ସହିତ ଦୃଢ ମାନସିକତା ରହିଲେ ସଫଳତା ମିଳିଥାଏ ବୋଲି ଦେଉଳିଆ ଉଚ୍ଚ ବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବେତନଟୀ କଲେଜର ପୂର୍ବତନ ଅଧକ୍ଷ ରମାକାନ୍ତ ସିଂ, ମୁଖ୍ୟବକ୍ତା ଭାବେ ବିକେବି ମହାବିଦ୍ୟାଳୟ, ମାଣତ୍ରୀର ଅଧକ୍ଷ ରମାକାନ୍ତ ମିଶ୍ର, ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ ମହେନ୍ଦ୍ର ନାଥ ବେହେରା, ସମ୍ମାନିତ ଅତିଥି ଡବ୍ଲ୍ୟୁଇଓ ମଧୁଛନ୍ଦା ଗିରି, ସରପଞ୍ଚ ବୈଦ୍ୟନାଥ ସିଂ ଓ ପ୍ରତିଷ୍ଠାତା ସମ୍ପାଦକ ବିଦ୍ୟାଧର ସଦୁଆଳ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଛନ୍ତି। ପ୍ରାରମ୍ଭରେ ସରସ୍ୱତୀ ଓ ଗଣେଶଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନେ ଧୂପପୁଷ୍ପ ପ୍ରଦାନ କରିଛନ୍ତି । ଏହାପରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଛି । ବରିଷ୍ଠ ଶିକ୍ଷକ ପ୍ରଣବ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଛନ୍ତି । ବାର୍ଷିକ କ୍ରୀଡାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଛନ୍ତି । ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଛି । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ହୃଷିକେଶ ଦେହୁରୀଙ୍କ ସମେତ ସମସ୍ତ କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟାସଦସ୍ୟମାନେ ସହଯୋଗ କରିଛନ୍ତି।

ଆଧ୍ୟାତ୍ମିକ ବିକାଶ ଜ୍ଞାନ ବଢ଼ାଏ

ବଡସାହି, ୧।୨(ସ୍ୱ.ପ୍ର.)

ଆଧ୍ୟାତ୍ମିକ ବିକାଶ ଦ୍ୱାରା ଜ୍ଞାନ ଅର୍ଜନ ହୋଇଥାଏ। ଏହା ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଭାବେ ଗଢ଼ିବାରେ ସହାୟକ ହୋଇଥାଏ। ପରୋପକାରୀ ସହିତ ଈଶ୍ୱର ବିଶ୍ୱାସୀ ହେଲେ ସମାଜର ସାମଗ୍ରିକ ବିକାଶ ଘଟେ ବୋଲି ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ କଲେଜର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧକ୍ଷା ଅମିତା ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିରୀଶ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ବଡ଼ସାହି କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପ୍ରଧାନ, ପୁରୁଷୋତ୍ତମ ଶତପଥୀ, ପ୍ରଦୀପ କୁମାର ପଣ୍ଡା ଓ ଦେବାଶିଷ ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରାକ୍ତନ ଅଧକ୍ଷ ସ୍ୱର୍ଗତ ରାଜକିଶୋର ବେହେରାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୋକ ପ୍ରକାଶ କରାଯାଇଥିଲା। ଅଧ୍ୟାପକ ଅନ୍ତର୍ଯ୍ୟାମୀ ନାୟକ ଅତିଥି ପରିଚୟ ପ୍ରଦାନ ଓ ହରିହର ଦତ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ରମାକାନ୍ତ ମିଶ୍ର ପ

ଶିଳ୍ପ ପକ୍ଷରୁ ପ୍ରତିକ୍ରିୟା

ପ୍ରଗତିଶୀଳ ବଜେଟ

ଚଳିତ ବର୍ଷର ଅନ୍ତରୀଣ ବଜେଟ ଏକ ପ୍ରଗତିଶୀଳ ତଥା ଭବିଷ୍ୟତ ପନ୍ଥୀ ବଜେଟ। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ବିଭିନ୍ନ ଘୋଷଣା, ସୁଧଛାଡ଼ ଯୋଜନାଗୁଡ଼ିକ ଦେଶର ନୂତନ ମଧ୍ୟବିତ୍ତ ଶ୍ରେଣୀ ଲାଗି ବେଶ ଲାଭଦାୟୀ ହେବ। ଏହା ଦ୍ୱାରା ମଧ୍ୟବିତ୍ତ ଶ୍ରେଣୀକୁ ଫାଇଦା ଦେବା ସହ ଦେଶର ଅର୍ଥନୀତିରେ ସେମାନଙ୍କ ଯୋଗଦାନ ରହିବ।

– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ

ବିକାଶ ଦିଗରେ ସହାୟକ

ବଜେଟର ଘୋଷଣା ପ୍ରତି ବର୍ଗର ଲୋକଙ୍କୁ ଶସନ୍ତ କରିବା ଦିଗରେ କାର୍ଯ୍ୟ କରିବ। ବିଜୟ ଛାଡ଼ ସୁବିଧା ଏକ ଐତିହାସିକ ପଦକ୍ଷେପ। ଏଭଳି ପଦକ୍ଷେପ ଦେଶର ଅର୍ଥନୈତିକ ବିକାଶ ଦିଗରେ ମଧ୍ୟ ବିଶେଷ ଭାବେ ସହାୟକ ହେବ। କୃଷି ଏବଂ ଗ୍ରାମୀଣ ଭିତ୍ତିଭୂମି ବ୍ୟୟବରାଦ ଉନ୍ନତ ହେବା ଯୋଗୁ ଏହା ଦେଶର ଦୁଇ ଚକିଆ ଯାନ ବଜାର ପାଇଁ ମଧ୍ୟ ଭଲ ଖବର ଆଣିବ।

–ଭେନ୍କୁ ଶ୍ରୀନିବାସ, ଅଧ୍ୟକ୍ଷ ,ଟିଭିଏସ୍ ମୋଟର୍ସ କମ୍ପାନୀ

ସନ୍ତୁଳିତ ବ୍ୟୟବରାଦ

ବଜେଟର ବିଭିନ୍ନ କ୍ଷେତ୍ରକୁ ସବୁଦିନ ଭାବେ ବିଚାର କରି ବ୍ୟୟ ବରାଦ ହୋଇଛି। ନିର୍ବାଚନ ବର୍ଷକୁ ଧ୍ୟାନରେ ରଖି ବଜେଟ ଲୋକଲୁଭାଣି ହୋଇଛି। ମାତ୍ର ଜୀବନଦାୟୀ କ୍ଷେତ୍ର ଲାଗି ବିଶେଷ ଭାବେ କିଛି ଘୋଷଣା କରାଯାଇ ନାହିଁ। ଚିକିତ୍ସା ସାମଗ୍ରୀ ବୃଦ୍ଧି ହୋଇଥିବାରୁ ଏହା ଦ୍ୱାରା ଲୋକଙ୍କ ଖର୍ଚ୍ଚ ବ୍ୟବହାରରେ ବୃଦ୍ଧି ଘଟିବ।

– ଚନ୍ଦୁଲ ଚୌଗ, ଏମ୍‌ଡି ସିଇଓ, ବଜାଜ ଆଲିଆଞ୍ଜ

ସ୍ୱାଗତଯୋଗ୍ୟ ପଦକ୍ଷେପ

ଆୟୁଷ୍ମାନ ଭାରତ ଲାଗି ହୋଇଥିବା ବ୍ୟୟ ବରାଦ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତ୍ୱ ଦେଇ କରାଯାଇଥିବା ବିଭିନ୍ନ ପଦକ୍ଷେପ ଦେଶକୁ ପ୍ରଗତିକ୍ଷେତ୍ରରେ ଆଗେଇ ନେବ ବୋଲି ଆଶା।

– ଡ. ପ୍ରତାପ.ସି ରେଡ୍ଡି, ଅଧ୍ୟକ୍ଷ, ଆପୋଲୋ ହସ୍ପିଟାଲ ଗ୍ରୁପ

ମଧ୍ୟବିତ୍ତଙ୍କ ଲାଗି ଆଶ୍ୱସ୍ତି

ଟିକସ ଛାଡ ସୀମା ବୃଦ୍ଧି ଯୋଗୁ ଏହା ମଧ୍ୟବିତ୍ତଙ୍କ ଲାଗି ଆଶ୍ୱସ୍ତି ଆଣିଛି। ଏହା ଦ୍ୱାରା ଲୋକଙ୍କ ହାତରେ ଅଧିକ ପୁଞ୍ଜି ରହିବା ସହ ଚାହିଦା ବୃଦ୍ଧିରେ ସହାୟକ ହେବ।

–ଟି.ଏସ୍. କଲ୍ୟାଣ ରମଣ, ଅଧ୍ୟକ୍ଷ କଲ୍ୟାଣ ଜୁଏଲର୍ସ

ଚାହିଦା ବଢାଇବ

କୃଷକ ଏବଂ ମଧ୍ୟବିତ୍ତଙ୍କୁ ବଜେଟରେ ପ୍ରାଥମିକତା ଦିଆଯାଇଥିବାରୁ ଏହା ବ୍ୟବସାୟକୁ ବଢାଇବ। ଗ୍ରାମ୍ୟାଞ୍ଚଳ ଚାହିଦାରେ ଦ୍ରୁତ ବୃଦ୍ଧି ଘଟିବ। ସମ୍ପୂର୍ଣ୍ଣ ବଜେଟରେ ଏସବୁ ଶିଳ୍ପ ଲାଗି ମଧ୍ୟ ଭଲ ଘୋଷଣା ଆସିପାରେ।

–ଜୟନ୍ତ ନନ୍ଦା, ଗୋଦରେଜ ଆଗ୍ରୋଭେଟ୍ ବାଣିଜ୍ୟ ମୁଖ୍ୟ

ଅର୍ଥନୀତିକୁ ଅଗ୍ରସର କରିବ

ଦେଶର ଅଭିବୃଦ୍ଧି ତଥା ସବୁଜିତ ବିକାଶକୁ ନଜରରେ ରଖି ସରକାର ବଜେଟରେ ବିଭିନ୍ନ ପଦକ୍ଷେପ ଘୋଷଣା କରିଛନ୍ତି। ଏହା ଗ୍ରାମୀଣ ଅର୍ଥନୀତିକୁ ଆଗକୁ ନେବାରେ ସହାୟକ ହୋଇପାରିବ।

–ଯଦବିନ୍ଦର ସିଂ ଗୁଲେରିଆ, ବରିଷ୍ଠ ଉପସଭାପତି, ହୋଣ୍ଡା ମୋଟର ସାଇକେଲ ଇଣ୍ଡିଆ

କ୍ଷୁଦ୍ର ମଧ୍ୟମ ସଂସ୍ଥାଙ୍କ ଲାଗି ଲାଭକାରୀ

କ୍ଷୁଦ୍ର ମଧ୍ୟମ ଶିଳ୍ପ ସଂସ୍ଥାଗୁଡ଼ିକ ଲାଗି ସରକାର ବଜେଟରେ ଘୋଷଣା କରିଥିବା ବିଭିନ୍ନ ପଦକ୍ଷେପ ଜିଏସ୍‌ଟି ପଞ୍ଜିକୃତ ସଂସ୍ଥାଗୁଡ଼ିକ ଲାଗିଙ୍କ ଲାଭ ପ୍ରଦାନ କରିବ ବୋଲି ଆଶାବାଦୀ ।

– ଉତ୍ତମ ମଲାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସେଞ୍ଚୁରୀ

ଶିଳ୍ପ ଏବଂ ଅର୍ଥନୀତି ପାଇଁ ଫାଇଦା ଦେବ

ସରକାର ଅନ୍ତରୀଣ ବଜେଟରେ ଘୋଷଣା କରିଥିବା ବିଭିନ୍ନ ପ୍ରସ୍ତାବ ଦ୍ୱାରା ଉଭୟ ଶିଳ୍ପ ଏବଂ ଅର୍ଥନୀତି ଫାଇଦା ପାଇବ। ଭବିଷ୍ୟତ ଅଭିବୃଦ୍ଧିକୁ ନଜରରେ ରଖି ସରକାର ବଜେଟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି।

– ଶୁଭ୍ରକାନ୍ତ ପଣ୍ଡା, ଅଧ୍ୟକ୍ଷ , ଫିକି ଓଡ଼ିଶା ପରିଷଦ

ଏମ୍‌ଏସ୍‌ଏମଇଙ୍କୁ ଗୁରୁତ୍ୱ ଦିଆଯାଇନି

ବଜେଟ ସ୍ୱାଗତଯୋଗ୍ୟ। ଏହା ଦ୍ୱାରା ମଧ୍ୟବିତ୍ତଶ୍ରେଣୀ ତଥା କ୍ଷୁଦ୍ର ବାଣିଜ୍ୟଗୁଡ଼ିକ ଲାଭବାନ ହେବେ। ମାତ୍ର ଏଥିରେ ଏମ୍‌ଏସ୍‌ଏମ୍‌ଇ ଲାଗି ବିଶେଷ କିଛି ନାହିଁ। ରୁଣର ଜିଡ଼୍‌ଜୁଡ଼ିକର ଫୁଟୁଛାର ପାଇଁ ଫ୍ୟାକ୍ଟର ଆଣିବାକୁ ଦାବୀ ହୋଇଥିଲେ ମଧ୍ୟ ଏହା ସ୍ପଷ୍ଟ ହୋଇନାହିଁ।

–ସାଦ୍ରିକ ସ୍ୱାଇଁ, ମହାସଚିବ, ଓସ୍‌ମେ



ଆୟକର ଛାଡ଼ ସୀମା ୫ ଲକ୍ଷ ଟଙ୍କାକୁ ବଢ଼ିଲା

- ୫୦ ହଜାର ହେଲା ଷ୍ଟାଣ୍ଡାର୍ଡ ଡିଡକ୍‌ଶନ
- ଡାକଘର,ବ୍ୟାଙ୍କ ସଞ୍ଚୟ ଜମାରେ ଟିଡିଏସ୍ ସୀମା ୪୦ ହଜାର ଟଙ୍କାକୁ ବୃଦ୍ଧି
- ଉପକୃତ ହେବେ ୩ କୋଟି

ନୂଆଦିଲ୍ଲୀ,୧-୨

ମଧ୍ୟବିତ୍ତ ପରିବାରଙ୍କୁ ଆୟକରରେ ଆଶ୍ୱସ୍ତି ପୂର୍ବକ ସରକାର ଅନ୍ତରୀଣ ବଜେଟରେ ଆୟକର ଛାଡ ସୀମାକୁ ଦୁଇଗୁଣ ବଢାଇ ୫ ଲକ୍ଷ ଟଙ୍କା କରିଛନ୍ତି। ସେହିଭଳି ଷ୍ଟାଣ୍ଡାର୍ଡ ଡିଡକ୍‌ଶନକୁ ବୃଦ୍ଧି କରାଯାଇ ୫୦,୦୦୦ ଟଙ୍କା କରାଯାଇଛି। ଭଡା ଜନିତ ଆୟ ଏବଂ ବ୍ୟାଙ୍କର ସୁଧଜନିତ ଆୟ କ୍ଷେତ୍ରରେ ମଧ୍ୟ ରିହାତି ପ୍ରଦାନ କରାଯାଇଛି। ଯେଉଁ ବ୍ୟକ୍ତିମାନେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି ସେମାନଙ୍କୁ କୌଣସି ଆୟକର ଦେବାକୁ ପଡ଼ିବ ନାହିଁ ବୋଲି ଅନ୍ତରୀଣ ବଜେଟରେ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଏହା କହିଛନ୍ତି। ସେହିଭଳି ବାର୍ଷିକ ୬.୫ ଲକ୍ଷ ଟଙ୍କାର ଆୟ ଏବଂ ବିଭିନ୍ନ ସଞ୍ଚୟ ଯୋଜନାରେ ନିବେଶ ଉପରେ ଆୟକର ପ୍ରଦାନରୁ ସେମାନଙ୍କୁ ବାଦ ଦିଆଯିବ ବୋଲି ଗୋୟଲ କହିଛନ୍ତି। ଏହା ଦ୍ୱାରା ୩ କୋଟି ମଧ୍ୟବିତ୍ତ ପରିବାର ଉପକୃତ ହେବେ। ସ୍ୱାସ୍ଥ୍ୟ ଏବଂ ପେନଶନ ଜଳି ସ୍କିମରେ ନିବେଶ ଉପରେ ଅଧିକ ଲୋକ ଛାଡ଼ ସୁବିଧା ପାଇ ପାରିବେ।

ବ୍ୟାଙ୍କ ଏବଂ ଡାକଘର ଜମା ଉପରେ ଲୋକମାନେ ପାଉଥିବା ସୁଧ ଉପରେ ଟିଡିଏସ୍ ସୀମାକୁ ୧୦ଗୁଣ ବୃଦ୍ଧି କରାଯାଇ ୪୦ ହଜାର କରାଯାଇଛି। ଘରଭଡା ଉପରେ ଟିଡିଏସ୍ ପରିମାଣ ୧.୮ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇ ୨.୪୦ ଲକ୍ଷ ଟଙ୍କା କରାଯାଇଛି। ଏହା ବାଦ ନିଜ ଅଧୀନରେ ଥିବା ଦ୍ୱିତୀୟ ଘରର ନୋଟାନାଲ ରେଣ୍ଟ ଉପରୁ ଟିକସ ଛାଡ କରାଯିବା ସମ୍ପର୍କରେ ଘୋଷଣା କରାଯାଇଛି। ଆୟକର ବିଭାଗ ଆଧାମୀ ଦିନରେ ଫେସଲେସ ଆସେସମେଣ୍ଟ ଏବଂ ଡିଜିଟାଲ ଯାଞ୍ଚ ଉପରେ ପଦକ୍ଷେପ ଗ୍ରହଣ କରୁଛି। ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦ ହଜାରକୁ ବୃଦ୍ଧି କରାଯିବା ଯୋଗୁ ୩ କୋଟି ବେତନଭୋଗୀ ଲାଭବାନ ହେବେ । ଅବସର ନେଇଥିବା କର୍ମଚାରୀଙ୍କ ଗ୍ରାଚ୍ୟୁଇଟିକୁ ୧୦ଗୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଢାଇ ଦିଆଯାଇଛି। ସରକାର ଆୟକର ଛାଡ ସୀମାରେ ବୃଦ୍ଧି କରି ଗୋଟିଏ ପକ୍ଷରେ ମଧ୍ୟବିତ୍ତଙ୍କୁ ଖୁସି କରିଥିବା ବେଳେ ଅନ୍ୟ ପକ୍ଷରେ ଟିକସ ସ୍ଲାବରେ କୌଣସି ପରିବର୍ତ୍ତନ କରିନାହାନ୍ତି। ଏହା ବାଦ୍ ଦ୍ୱିତୀୟ ସ୍ୱାଥ୍ୟକୁଡ଼ ଆବାସ ଉପରେ ଆନୁମାନିକ ଭଡା ଉପରେ ଟିକସ ଛାଡ,ଆବାସ ଲିଅନ ଇଣ୍ଟେରେଷ୍ଟ ପ୍ରୋଭାଇଡନ,ଦୁଇ କୋଟି ଟଙ୍କାର ପୁଞ୍ଜି ଲାଭ ଉପରେ ପୁଞ୍ଜିଗତ ଲାଭର ରୋଲ ଓଭରକୁ ଗୋଟିଏ ଆବାସ ପାଇଁ ନିବେଶୁଛୁ ବୃଦ୍ଧି କରି ଦୁଇଟି ଆବାସ କରାଯାଇଛି। ଆୟକର ଆଇନ ୮୦-ଆଇବିଏ ଧାରା ଅଧୀନରେ ଶସ୍ତା ଆବାସ ପାଇଁ ଟିକସ ଲାଭର ଅବଧି ୩୧ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିଡ଼ି ହୋଇ ନ ଥିବା ଘରର ଆନୁମାନିକ ଭଡା ଉପରେ ଟିକସ ଛାଡ଼ରୁ ଗୋଟିଏ ବର୍ଷରୁ ଦୁଇ ବର୍ଷକୁ ବୃଦ୍ଧି କରାଯାଇଛି। ମଧ୍ୟବିତ୍ତଙ୍କ ଲାଗି ଟିକସ ଛାଡ଼ କରିବା ଅବସରରେ ଗୋଲାଇ ଟିକସବିଚାରାଧୀନ ନିର୍ବାଚନ ପାଇଁ ଆଶିର୍ବାଦ ଲିଆ କରିଥିଲେ।

ରେଲ୍‌ୱେ ପାଇଁ ୧.୫୮ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ

ନୂଆଦିଲ୍ଲୀ,୧-୨

ରେଳ ମନ୍ତ୍ରଣାଳୟକୁ ଅନ୍ତରୀଣ ବଜେଟରେ ୧.୫୮ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ବ୍ୟୟ ବରାଦ ସବୁଠାରୁ ସର୍ବାଧିକ । ଏହା ମଧ୍ୟରେ ୨୦୧୯-୨୦ ପାଇଁ ୬୪,୪୮୭ କୋଟି ଟଙ୍କାର ବଜେଟ ସହାୟତା ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଗତବର୍ଷ ସରକାର ବଜେଟରେ ରେଲୱେକୁ ୧.୪୮ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ଚଳିତ ବର୍ଷ ରେଲୱେର କ୍ରୁଜରରେ ଥିବା ସମସ୍ତ ମାନବ ବିହୀନ ଲେଭଲ କ୍ରସିଂକୁ ସମ୍ପୂର୍ଣ୍ଣ ଭାବେ ହଟାଯାଇଥିବା ରେଳମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଯାତ୍ରୀଙ୍କ ଆରାମକୁ ଧ୍ୟାନରେ ରଖି ଦେଶରେ ସ୍ୱଳ୍ପ ଦୂରଗାମୀ ଟ୍ରେନ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ କରିବାକୁ ପଦକ୍ଷେପ ହାତକୁ ନିଆଯାଇଛି। ମୋବାଇଲ୍ ଲଣ୍ଡ ଲଣ୍ଡିଆ କାର୍ଯ୍ୟକ୍ରମରେ ଦେଶର ଲାଖିନିୟନମାନେ ଏଭଳି ସଫଳତା ହାସଲ କରିଥିବା ଗୋୟଲ କହିଛନ୍ତି। ନୂଆ ଲାଇନ ବିଛାଇବା ଲାଗି ୭,୨୫୫ କୋଟି ଟଙ୍କା ପାଣ୍ଠି ବ୍ୟବସ୍ଥା ହୋଇଛି।

ସେହିଭଳି ଗଡ଼୍ ପରିବର୍ତ୍ତନ ଲାଗି ୨,୨୦୦ କୋଟି, ଲାଇନ ଦୋହରୀକରଣ ଲାଗି ୭୦୦ କୋଟି, ରୋଜିଂ ଷ୍ଟକ ଲାଗି ୬,୧୧୫.୮୨ କୋଟି ଏବଂ ସିଗନାଲିଂ ଏବଂ ଟେଲିକମ ପାଇଁ ୧୭୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ରେଲୱେର ପରିଚାଳନା ଅନୁପାତ ଉନ୍ନତ ହେବା ସହ ୯୬.୨% ହୁଇଁଛି। ଆସନ୍ତା ବର୍ଷ ଏହାକୁ ୯୫%ରେ ପହଞ୍ଚାଇବାକୁ ଯୋଜନା ଉଖାଯାଇଛି। ବଜେଟରେ ଯାତ୍ରୀଭଡା ବୃଦ୍ଧି ନେଇ କୌଣସି ଘୋଷଣା କରାଯାଇ ନାହିଁ। ୨୦୧୪ ଜୁଲାରେ ରେଲୱେର ଯୋଜନା ବ୍ୟୟରେ ୧୪.୮% ବୃଦ୍ଧି ଘଟିଛି। ଯାତ୍ରୀ ସୁବିଧାର ଉନ୍ନତୀକରଣ ପାଇଁ ୩,୪୨୨ କୋଟି ଏବଂ ଯାତ୍ରୀଙ୍କୁ ସୁରକ୍ଷାର ଲାଗି ଅତିରିକ୍ତ ୧,୦୦୦ କୋଟି ବ୍ୟବରାଦ ହୋଇଥିବା ଜଣା ପଡ଼ିଛି।

ଚଳଚ୍ଚିତ୍ର ନିର୍ମାଣ ପାଇଁ ସିଙ୍ଗଲ ୱିଣ୍ଡୋ ସୁବିଧା

ନୂଆଦିଲ୍ଲୀ,୧-୨

ଦେଶ ମଧ୍ୟରେ ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବାକୁ ସରକାର ବଜେଟରେ ସିଙ୍ଗଲ ଉିଣ୍ଡୋ ସୁବିଧା ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି। ନିୟାମକ ବ୍ୟବସ୍ଥାଗୁଡ଼ିକୁ ସ୍ୱଚ୍ଛାଧିନ କରାଯିବାକୁ ସରକାର ପ୍ରସ୍ତାବ କରିଛନ୍ତି। ସିନେମା ଶିଳ୍ପରେ ପାଇରେସିକୁ ରୋକିବା ଲାଗି ସିନେମାଟୋଗ୍ରାଫର ଆଇନରେ କ୍ୟାମକୋଡିଂ ନିରୋଧି ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ସିନେମା ଟୋଗ୍ରାଫର ଆଇନରେ କ୍ୟାମକୋଡିଂ ବିରୋଧି ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି।

ବିତ୍ତୀୟ ନିଅଣ୍ଟ ୩.୪%

ନୂଆଦିଲ୍ଲୀ,୧-୨

୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବିତ୍ତୀୟ ନିଅଣ୍ଟ ୩.୩% ରହିଛି। ସେହିଭଳି ଚଳିତ ବର୍ଷ ଲାଗି ଚଳନ୍ତି ଖାତା ନିଅଣ୍ଟ ମୋଟ ଜିଡ଼ିପିର ୨.୫% ରହିଥିବା ଅର୍ଥମନ୍ତ୍ରୀ ଗୋୟଲ କହିଛନ୍ତି। ଗତ ପାଞ୍ଚ ବର୍ଷରେ ଭାରତ ୨୩୮ ବିଲିୟନ ଡଲାରର ଏଫ୍‌ଡ଼ିଆଇକୁ ଆକୃଷ୍ଟ କରିବାକୁ ସକ୍ଷମ ହୋଇଥିବା ସେ କହିଛନ୍ତି। ଏଫଡିଆଇ ନୀତିକୁ ଲୋକପ୍ରିୟ କରିବା ଯୋଗୁ ଦେଶ ମଧ୍ୟକୁ ଏଭଳି ଏଫଡିଆଇ ଆସିଥିବା ଗୋୟଲ କହିଛନ୍ତି। ସରକାର ପୁଞ୍ଜୀଖାତିକୁ ନିୟନ୍ତ୍ରଣ କରିବା ସହ ଜିଏସ୍‌ଟି ସଂଶୋଧନ ଆଣିଥିବା ବେଳେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ନ ହୋଇଥିବାର ଦେଶର ପରିବାରଗୁଡ଼ିକୁ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପ୍ରାୟ ୩୫%ରୁ ୪୦% ଖର୍ଚ୍ଚ କରିବାକୁ ପଡ଼ିଥାଇ। ୨୦୨୦-୨୧ ପୂର୍ତ୍ତା ବିତ୍ତୀୟ ନିୟନ୍ତ୍ର ୩% ଲକ୍ଷ୍ୟ ଧାର୍ଯ୍ୟ ରଖାଛି। ଗତ ୬ ବର୍ଷ ପୂର୍ବରୁ ବିତ୍ତୀୟ ନିୟନ୍ତ୍ର ୬% ଥିବା ବେଳେ ୨୦୧୮-୧୯ରେ ଏହାକୁ ୩.୪%କୁ ହ୍ରାସ କରାଯାଇଛି। ଦେଶର ମୋଟ ବ୍ୟୟ ପରିମାଣ ୧୩% ବୃଦ୍ଧି ଘଟି ୨୭.୮୪ ଲକ୍ଷ କୋଟି ଟଙ୍କା ହୁଇଁଛି। ସରକାର ୨୦,୦୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ନେଇ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି।

ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ରାଷ୍ଟ୍ରମନ୍ତ୍ରୀ ଓ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଗଣ।

ଦେଶରେ ସ୍ଥାପନ ହେବ ୧ ଲକ୍ଷ ଡିଜିଟାଲ ଗ୍ରାମ

ନୂଆଦିଲ୍ଲୀ,୧-୨

ସରକାର ନୂତନ ୟୁଗର ଟେଲୋଲୋଜିକୁ ଅଗ୍ରାଧିକାର ପୂର୍ବକ ଦେଶରେ ଆଗାମୀ ୧ ଲକ୍ଷ ଡିଜିଟାଲ ଗ୍ରାମ ସ୍ଥାପନ କରିବେ। ଏହାକୁ ଧ୍ୟାନରେ ରଖି ସାରା ଦେଶରେ ଭାରତୀୟ ଆର୍ଥିପିଆଇ ଇଣ୍ଟେଲିଜେନ୍ସ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଭାରତ ବର୍ତ୍ତମାନ ଷ୍ଟାର୍ଟ ଅପ୍ ଏକ୍ସେରେ ବିଶ୍ୱର ବୃହତ୍ ହବ୍ ହୋଇଛି। ଆର୍ଥିପିଆଇ ଇଣ୍ଟେଲିଜେନ୍ସ ସମେତ ଅନ୍ୟାନ୍ୟ ଟେଲୋଲୋଜି ଦ୍ୱାରା ଦେଶରେ ନ୍ୟାଶନାଲ ସେଣ୍ଟର ଅଫ ଏଆଇ ସ୍ଥାପନ କରାଯିବ। ଏହା ମଧ୍ୟରେ ୯ ପ୍ରମୁଖ କ୍ଷେତ୍ରକୁ ସରକାର ପ୍ରାଥମିକତା ପ୍ରଦାନ କରିବେ। ଏହି ଧାରାକୁ ଆଗକୁ ବଢାଇବା ଲାଗି ନ୍ୟାଶନାଲ ଏଆଇ ପୋର୍ଟାଲ୍ ଉନ୍ନତୀକରଣ କରାଯିବ। ଦେଶରେ ମୋବାଇଲ ଡାଟା ବ୍ୟବହାର ମାସିକ ୫୦ ଗୁଣ ବୃଦ୍ଧି ଘଟିଥିବା ବେଳେ ଡାଟା ଏବଂ ଭଏସ୍ କଲ୍ ଫୁଲଲ ମୂଲ୍ୟରେ ଉପଲବ୍ଧ ହେଉଛି। ସାରା ଦେଶରେ ୩ ଲକ୍ଷ କମନ ସର୍ଭିସ କାର୍ଯ୍ୟ କରୁଛି। ୨୦୩୦ ବେଳକୁ ଡିଜିଟାଲ ଟେଲୋଲୋଜି ଡିଜିଟାଲ ଇକୋନୋମି କ୍ଷେତ୍ରରେ ଭାରତ ବିଶେଷ ଯୋଗଦାନ କରିପାରିବ।

୫ ବର୍ଷରେ ଅର୍ଥନୀତି ୫ ଟ୍ରିଲିୟନ ଡଲାର ହେବ

ନୂଆଦିଲ୍ଲୀ,୧୨(ପି.ଟି.)

ଆଗାମୀ ୫ ବର୍ଷ ମଧ୍ୟରେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ ହେବାକୁ ଥିବାବେଳେ ପରବର୍ତ୍ତୀ ୮ ବର୍ଷରେ ଏହାର ଅର୍ଥନୀତି ୧୦ ଟ୍ରିଲିୟନ ଡଲାରରେ ପହଞ୍ଚାଇବାର ବୋଲି ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ନରେନ୍ଦ୍ର ମୋଦି ସରକାର ଗତ ୫ ବର୍ଷରେ ଅନେକ ଭାଷାଗତ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି, ଯାହା ଆଗାମୀ ବର୍ଷଗୁଡ଼ିକରେ ଭଲ ଅଭିବୃଦ୍ଧି ହାସଲ କରିବାକୁ ଯାଉଛି। ଭାରତ ଏବେ ଠିକ ରାସ୍ତାରେ ଏବଂ ଅଭିବୃଦ୍ଧି ଓ ସମୃଦ୍ଧିର ମାର୍ଗରେ ଆଗେଇ ଚାଲିଛି। ବିଶ୍ୱ ଅର୍ଥନୀତିରେ ଭାରତର ସ୍ଥିତି ଉଚ୍ଚକୁ ହୋଇପାରିଛି ବୋଲି ଗୋୟଲ କହିଛନ୍ତି।

ଶିକ୍ଷାକୁ ୯୩,୮୪୭ କୋଟି

ନୂଆଦିଲ୍ଲୀ,୧୨(ପି.ଟି.)

ଅର୍ଥମନ୍ତ୍ରୀ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଶିକ୍ଷାକ୍ଷେତ୍ରକୁ ୯୩,୮୪୭.୬୪ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହା କି ପୂର୍ବ ବଜେଟ ତୁଳନାରେ ୧୦ ପ୍ରତିଶତ ଅଧିକ। ଉଚ୍ଚ ଶିକ୍ଷା ପାଇଁ ୩୭,୪୬୧.୦୧ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ବିଦ୍ୟାଳୟ ଶିକ୍ଷା ଲାଗି ୫୬,୩୮୬.୬୩ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଚଳିତବର୍ଷ ଲାଗି ଶିକ୍ଷା କ୍ଷେତ୍ରକୁ ଦୁଇଟି ପ୍ରୋଜେକ୍ଟ ଲାଗି ୮୫,୦୧୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ରବେଷଣା ଓ ଶିକ୍ଷା ଭିତ୍ତିଭୂମିର ବିକାଶ ଲାଗି ଅର୍ଥମନ୍ତ୍ରୀ ରାଜକ (ରିଭାଇଟାଲାଇଜିଂ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ସିଷ୍ଟମ୍‌ସ ଇନ୍ ଏଜୁକେଶନ)ରେ ଘୋଷଣା କରିଛନ୍ତି। ଏହି ଯୋଜନାରେ ଆଗାମୀ ୪ ବର୍ଷରେ ୧ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ। ଗବେଷଣା ପାଇଁ ୬୦୮.୮୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଦୁଇଟି ଯୋଜନା ଓ ସ୍ଥାପତ୍ୟ ବିଦ୍ୟାଳୟ (ସା) ଖୋଲିବା ଲାଗି ପ୍ରସ୍ତାବ ରହିଛି। ଏହା ବ୍ୟତୀତ ଆଇଆଇଟି ଏବଂ ଏନ୍‌ଆଇଟିଗୁଡ଼ିକରେ ୧୮ଟି ନୂଆ ଶା ଖୋଲା

କାନାରା ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

ଅଞ୍ଚଳ କାର୍ଯ୍ୟାଳୟ, ପ୍ରଥମ ମହଲା, ରେଡକ୍ରସ ଭବନ, ୟୁନିଟ୍-୯ ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୨୨, ଜିଲ୍ଲା-ଖୋର୍ଦ୍ଧା, ଫୋନ୍ ନଂ.: ୦୬୭୪-୨୩୯୧୫୨୯, ୨୩୯୧୫୨୮

ସୁନା ନିଲାମ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ **ତା.୨୦.୦୨.୨୦୧୯ରିଖରେ** ହେବାକୁ ଥିବା ସୁନା ନିଲାମ ନିମନ୍ତେ **ତା.୧୯.୦୨.୨୦୧୯ରିଖ** ଏବଂ **ତା.୨୧.୦୨.୨୦୧୯ରିଖରେ** ହେବାକୁ ଥିବା ସୁନା ନିଲାମ ନିମନ୍ତେ **ତା.୨୦.୦୨.୨୦୧୯ରିଖ** ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ସମ୍ପୃକ୍ତ ଶାଖାରେ ଦର୍ଶିତ ତାରିଖମାନଙ୍କରେ **ଅପରାହ୍ନ ୩.୩୦ ଘଟିକା** ସମୟରେ ଆମ୍ଭ ବ୍ୟାଙ୍କର ସଂମ୍ପୃକ୍ତ ଶାଖା ପରିସରରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ ।

କ୍ର. ନଂ.	ଋଣ ଆକାଉଣ୍ଟ ନଂ.	ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା	ବକେୟା ରାଶି (ଟଙ୍କାରେ)	ମୋଟ ଓଜନ (ଗ୍ରାମରେ)	ସଂରକ୍ଷିତ ମୂଲ୍ୟ (ଟଙ୍କାରେ)
		ଛେଣ୍ଡିପଦା ଶାଖା (ନିଲାମ ତାରିଖ: ୨୦.୦୨.୨୦୧୯)			
୧.	୩୩୬୯୮୪୨୦୦୦୧୨୫	**ଲକ୍ଷ୍ମୀ ବେହେରା,** ପିତା: ନରସିଂହ ବେହେରା, ଶାଳଖମଣ, କମ୍ପସଲା, ଛେଣ୍ଡିପଦା, ଜିଲ୍ଲା: ଅନୁଗୁଳ, ଓଡ଼ିଶା	୪,୬୦୯.୦୦	୨.୯୦୦	୬,୦୯୦/-
		ସୋନପୁର ଶାଖା (ନିଲାମ ତାରିଖ: ୨୦.୦୨.୨୦୧୯)			
୧.	୪୧୨୯୮୪୨୦୦୦୦୧୪	**ଦିଲ୍ଲୀପ ନିଆଲ,** ପିତା: ରଞ୍ଜିତ ନିଆଲ, ସା/ପୋ: ବିଶିମୁଣ୍ଡା, ଥାନା/ଜିଲ୍ଲା: ସୋନପୁର, ଓଡ଼ିଶା	୧୨,୧୫୦.୦୦	୮.୨୧୦	୧୮,୨୦୦/-
		ରାଉରକେଲା ବିଶ୍ରା ରୋଡ୍ ଶାଖା (ନିଲାମ ତାରିଖ: ୨୦.୦୨.୨୦୧୯)			
୧.	୨୫୬୪୮୪୨୦୦୦୦୯୫	**ଅସିତ ସ,** ପିତା: ମଣ୍ଟୁ ସ, ଗୋଲୁ ହାଉସ୍, ପଟେଲ କମ୍ପ୍ଲେକ୍ସ, ବିଶ୍ରା ରୋଡ୍, ରାଉରକେଲା, ଓଡ଼ିଶା	୪୨,୨୨୯.୦୬	୪୬.୬୭୦	୧,୦୮,୨୭୬/-
୨.	୨୫୬୪୮୪୨୦୦୦୦୬୯	**ଅମୀୟ ଜେନା,** ପିତା: ସୁବଳ ଜେନା, ୱାର୍ଡ ନଂ.-୧୩, ରାଉରକେଲା ମ୍ୟୁନିସିପାଲିଟି ପ୍ଲାଣ୍ଟ ସାଇଟ୍, ରାଉରକେଲା, ଓଡ଼ିଶା	୬୧,୩୧୨.୨୫	୪୫.୪୦୦	୧,୦୭,୨୯୬/-
		ରାଉରକେଲା ହମିରପୁର ଶାଖା (ନିଲାମ ତାରିଖ: ୨୦.୦୨.୨୦୧୯)			
୧.	୨୮୮୯୮୩୬୦୦୦୦୦୭	**ଲକ୍ଷ୍ମୀପ୍ରିୟା ସାହୁ,** ସ୍ୱାମୀ: ରବିନ୍ଦ୍ର କୁମାର ସାହୁ, ଏଡ୍ ନଂ.-ସିମ୍ପାଏଲ୍-୬୮, ଫେଜ୍-୨, ଛେଣ୍ଡ, କଳିଙ୍ଗ ବିହାର, ରାଉରକେଲା, ସୁନ୍ଦରଗଡ଼	୫୬,୨୮୯.୧୫	୩୬.୭୮୦	୭୦,୫୬୦/-
୨.	୨୮୮୯୮୪୨୦୦୦୨୬୩	**ନିଲମ ଦେବୀ,** ସ୍ୱାମୀ: ରାଜେନ୍ଦ୍ର ଶର୍ମା, ଦ୍ୱିବେଦୀ ମାର୍କେଟ କମ୍ପ୍ଲେକ୍ସ, ଗୁପ୍ତା କଲୋନୀ ନିକଟ, ରାଉରକେଲା, ଓଡ଼ିଶା	୧୬,୫୯୧.୨୦	୧୦.୬୧୦	୨୧,୦୦୦/-
୩.	୨୮୮୯୮୩୬୦୦୦୦୦୭	**ସଶ୍ମିତା ସ୍ୱାଇଁ,** ସ୍ୱାମୀ: ମଙ୍ଗରାଜ ସ୍ୱାଇଁ, ସେକ୍ଟର-୨୦ ପମ୍ପ ହାଉସ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା	୮୩,୫୧୫.୬୫	୫୭.୫୦୦	୧,୦୫,୦୦୦/-
		ବରଗଡ଼ ଶାଖା (ନିଲାମ ତାରିଖ: ୨୦.୦୨.୨୦୧୯)			
୧.	୩୧୪୦୮୪୨୦୦୧୧୫୨	**ବୁଦ୍ଧରାମ ସାହୁ,** ପିତା: କହ୍ନେଇ ସାହୁ, କୁୟାରପଡ଼ା, ୱାର୍ଡ ନଂ. ୦୨, ନିଳି ବନ୍ଧ ନିକଟ, ଜିଲ୍ଲା: ବରଗଡ଼, ଓଡ଼ିଶା	୧୯,୬୪୫.୩୬	୧୧.୪୦୦	୨୪,୬୪୦/-
୨.	୩୧୪୦୮୪୨୦୦୧୧୯୩	**ରବି ନାରାୟଣ ଦାସ,** ପିତା: ୪ ଶ୍ରୀତରଣ ଦାସ, ରେଲୱେ ଷ୍ଟେସନ୍ ରୋଡ୍, ଓମଫେଡ୍ ପ୍ଲାଣ୍ଟ ନିକଟ, ୱାର୍ଡ-୧୪, ବରଗଡ଼	୭୮,୦୦୬.୮୨	୪୪.୫୭୦	୯୯,୬୮୦/-
୩.	୩୧୪୦୮୪୨୦୦୧୧୭୮	**ସୁଧିର କୁମାର ମହାପାତ୍ର,** ପିତା: ଲଳିତ ମୋହନ ମହାପାତ୍ର, ଅମ୍ବାପାଲି, ୱାର୍ଡ ନଂ.-୧୭, ଜିଲ୍ଲା: ବରଗଡ଼, ଓଡ଼ିଶା	୨୩,୪୨୫.୭୫	୧୩.୩୨୦	୨୯,୬୮୦/-
୪.	୩୧୪୦୮୪୨୦୦୧୧୭୪	**କଲ୍ୟାଣୀ ଦାସ,** ସ୍ୱାମୀ: ରବିନାରାୟଣ ଦାସ, ଓମଫେଡ୍ ଚିଲିଂ ପ୍ଲାଣ୍ଟ ନିକଟ, ରେଲୱେ ଷ୍ଟେସନ୍ ରୋଡ୍, ଜିଲ୍ଲା: ବରଗଡ଼, ଓଡ଼ିଶା	୧,୦୭,୪୯୭.୬୩	୬୦.୯୭୦	୧,୩୬,୩୬୦/-
୫.	୩୧୪୦୮୪୨୦୦୧୧୭୫	**କଲ୍ୟାଣୀ ଦାସ,** ସ୍ୱାମୀ: ରବିନାରାୟଣ ଦାସ, ଓମଫେଡ୍ ଚିଲିଂ ପ୍ଲାଣ୍ଟ ନିକଟ, ରେଲୱେ ଷ୍ଟେସନ୍ ରୋଡ୍, ଜିଲ୍ଲା: ବରଗଡ଼, ଓଡ଼ିଶା	୧,୦୮,୦୬୫.୫୮	୬୨.୧୫୦	୧,୩୯,୧୬୦/-
୬.	୩୧୪୦୮୪୨୦୦୧୧୯୦	**ସିମାଦ୍ରୀ ଭେଙ୍କଟେଶ୍ୱର,** ପିତା: ସିମାଦ୍ରୀ ସତ୍ୟନାରାୟଣ, ୱାର୍ଡ ନଂ.-୧୬, କପିଲେଶ୍ୱର ନଗର, ଶିବ ମନ୍ଦିର ନିକଟ, ବରଗଡ଼	୨୨,୦୬୩.୨୩	୧୩.୮୪୦	୩୦,୮୦୦/-
		କଣ୍ଟାବାଞ୍ଜି ଶାଖା (ନିଲାମ ତାରିଖ: ୨୦.୦୨.୨୦୧୯)			
୧.	୬୧୨୮୮୩୬୦୦୦୦୧୬	**ପର୍ଶୁରାମ ସୁନା,** ସା/ପୋ: ଚଣାବାହାଲ, ଥାନା: ସଇଁତଲା, ବଲାଙ୍ଗିର	୧୬,୬୧୧.୦୨	୯.୨୦୦	୨୦,୬୦୮/-
୨.	୬୧୨୮୮୪୨୦୦୦୩୨୪	**କୃଷ୍ଣ ଚନ୍ଦ୍ର ମେହେର,** ପିତା: ଭୋଳାନାଥ ମେହେର, ସା/ପୋ: ଚାଉଲସୁଖା, ଥାନା: କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା	୧,୧୨,୫୦୨.୫୩	୬୮.୫୦୦	୧,୪୩,୮୩୬/-
୩.	୬୧୨୮୮୪୨୦୦୦୨୯୫	**ମହେଶ୍ୱର ନାଗ,** ପିତା: ଇନ୍ଦ୍ର ନାଗ, ସା: ପଙ୍ଗନିଆ, ପୋ: ଚାଉଲସୁଖା, ଥାନା: କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା	୧୯,୬୮୨.୭୩	୧୧.୯୦୦	୨୪,୯୭୬/-
୪.	୬୧୨୮୮୪୨୦୦୦୨୮୧	**ବିଶ୍ୱାମିତ୍ର ପାଢୀ,** ସା/ପୋ: ଇଛାପଡ଼ା, ଭାୟା: ମୁରିବାହାଲ, କଣ୍ଟାବାଞ୍ଜି	୧୦,୬୬୮.୯୬	୬.୫୦୦	୧୩,୬୩୬/-
୫.	୬୧୨୮୮୪୨୦୦୦୨୬୨	**ସୟଦ୍ ଅବଦୁଲ କାଦର,** ପିତା: ସୟଦ୍ ମୁସ୍ତଫା, ତଳପଡା, ସା: ଡେଣ୍ଡେଲଖୁଣ୍ଟି, ପୋ: ମହୁଲବାହାଲ, ଥାନା: ଗୁରେଲେଲା, ବଲାଙ୍ଗିର	୧,୭୪,୧୬୦.୫୮	୧୦୫.୦୦୦	୨,୨୦,୫୦୦/-
୬.	୬୧୨୮୮୪୨୦୦୦୩୦୮	**ବେଣୁଧର ନାଗ,** ପିତା: ଶଙ୍କର ନାଗ, ସା: ଅଶୋକ ନଗର, ୱାର୍ଡ ନଂ.-୬, ପୋ: କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା	୫୪,୩୧୬.୨୫	୪୫.୦୦୦	୯୪,୫୦୦/-
		ବଲାଙ୍ଗିର ଶାଖା (ନିଲାମ ତାରିଖ: ୨୦.୦୨.୨୦୧୯)			
୧.	୩୧୪୨୮୩୬୦୦୦୦୧୭	**ଜିତେନ୍ଦ୍ର କୁଅଁର,** ପିତା: ପ୍ରତାପ କୁଅଁର, ସା: ମାଧିଆପାଲି, ପୋ: ବଲାଙ୍ଗିର, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା	୧,୨୦,୬୬୯.୦୦	୭୧.୮୦୦	୧,୬୦,୭୨୦/-
୨.	୩୧୪୨୮୪୨୦୦୦୪୫୧	**ଆକାଶ ବାରିକ,** ପିତା: ମନୋରଞ୍ଜନ ବାରିକ, ସା: ଉଦୟନଗର, ରେଲୱେ ଷ୍ଟେସନ୍ ନିକଟ, ପୋ/ଜିଲ୍ଲା: ବଲାଙ୍ଗିର, ଓଡ଼ିଶା	୧,୧୫,୯୬୪.୯୪	୫୧.୬୦୦	୧,୧୮,୪୪୦/-
୩.	୩୧୪୨୮୪୨୦୦୦୭୮୦	**ଉଦ୍ଧବ ସୁନା,** ପିତା: ରତନ ସୁନା, ସା: ଅଇଁଲାସାରି, ପୋ: ସାଉନ୍ତପୁର, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା	୨୬,୩୬୪.୦୦	୧୬.୪୫୦	୩୬,୮୨୦/-
୪.	୩୧୪୨୮୪୨୦୦୦୭୯୦	**ଚକ୍ରଧର ପଧାନ,** ପିତା: ନିତ୍ୟାନନ୍ଦ ପଧାନ, ସା: ଅଇଁଲାସାରି, ପୋ: ସାଉନ୍ତପୁର, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା	୨୦,୩୨୧.୦୦	୧୩.୩୦୦	୨୯,୬୮୦/-
୫.	୩୧୪୨୮୪୨୦୦୦୮୩୮	**ସଂଗ୍ରାମ କୁମାର ପଣ୍ଡା,** ପିତା: ୪ ଉମେଶ ଚନ୍ଦ୍ର ପଣ୍ଡା, ସା: ଗାନ୍ଧୀ ନଗର ପଡା, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା	୨,୨୮,୬୪୨.୧୦	୧୨୯.୦୦୦	୨,୮୮,୪୦୦/-
୬.	୩୧୪୨୮୪୨୦୦୦୮୪୦	**ସଂଗ୍ରାମ କୁମାର ପଣ୍ଡା,** ପିତା: ୪ ଉମେଶ ଚନ୍ଦ୍ର ପଣ୍ଡା, ସା: ଗାନ୍ଧୀ ନଗର ପଡା, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା	୧,୧୬,୩୭୬.୫୧	୭୫.୫୦୦	୧,୬୮,୦୦୦/-
୭.	୩୧୪୨୮୪୨୦୦୦୮୭୦	**ରାଜେଶ୍ୱରୀ ନାଗ,** ସ୍ୱାମୀ: ସୁନାଧର ସୁନା, ସା/ପୋ: କୁରୁଲ, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା	୧,୧୨,୭୬୬.୦୯	୬୭.୯୦୦	୧,୫୨,୦୪୦/-
		ବଣାଇଗଡ଼ ଶାଖା (ନିଲାମ ତାରିଖ: ୨୦.୦୨.୨୦୧୯)			
୧.	୫୯୨୯୮୪୨୦୦୦୧୪୧	**ଅବନୀ କୁମାର ପଣ୍ଡା,** ପିତା: ଶେଷଦେବ ପଣ୍ଡାଁ, ସା: ତୁରମୁରା, ପୋ: ନରେନ୍ଦ୍ର, ବଣାଇଗଡ଼, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା	୧,୦୪,୮୦୧.୮୧	୬୦.୯୦୦	୧,୩୧,୮୮୦/-
୨.	୩୫୨୨୮୪୨୦୦୦୬୫୦	**ଗଣେଶ ଚନ୍ଦ୍ର ସାହୁ,** ପିତା: ହଳଧର ସାହୁ, ସା: ଗୋଳାବନ୍ଧ କୋଡ଼ପଡ଼ା, ଥାନା: ଆନନ୍ଦପୁର, କେନ୍ଦୁଝର, ଓଡ଼ିଶା	୧୮,୦୫୫.୨୫	୧୨.୬୦୦	୨୬,୬୦୦/-
୩.	୩୫୨୨୮୪୨୦୦୦୬୭୮	**ବ୍ରହ୍ମାନନ୍ଦ ତରେଇ,** ପିତା: ନବଘନ ତରେଇ, ସା/ପୋ: ବଞ୍ଚୋ, ଭାୟା: ଫକୀରପୁର, ଥାନା: ଆନନ୍ଦପୁର, କେନ୍ଦୁଝର, ଓଡ଼ିଶା	୨୫,୦୫୦.୦୦	୧୯.୭୦୦	୩୫,୦୦୦/-
୪.	୩୫୨୨୮୪୨୦୦୦୬୯୦	**ସତ୍ୟାନନ୍ଦ ମହାନ୍ତି,** ପିତା: ମାୟାଧର ମହାନ୍ତି, ସା/ପୋ: ଫକୀରପୁର, ଭାୟା: ଆନନ୍ଦପୁର, କେନ୍ଦୁଝର, ଓଡ଼ିଶା	୩୪,୮୨୬.୦୦	୨୩.୦୦୦	୪୭,୬୦୦/-
୫.	୩୫୨୨୮୪୨୦୦୦୭୧୧	**ପ୍ରିୟତମା ମହାନ୍ତି,** ସ୍ୱାମୀ: ଉମେଶ ମହାନ୍ତି, ସା/ପୋ: ଆନନ୍ଦପୁର, ୱାର୍ଡ ନଂ.-୫, ଆନନ୍ଦପୁର, ଜିଲ୍ଲା: କେନ୍ଦୁଝର, ଓଡ଼ିଶା	୩୩,୪୫୮.୨୧	୩୨.୪୦୦	୭୦,୦୦୦/-
୬.	୩୫୨୨୮୪୨୦୦୦୭୧୯	**ଅଭିରାମ ରାଉତ,** ପିତା: ଅର୍ପତି ରାଉତ, ସା/ପୋ: ଜଳାସରପୁର, ଆନନ୍ଦପୁର, ଜିଲ୍ଲା: କେନ୍ଦୁଝର, ଓଡ଼ିଶା	୫୧,୪୪୯.୬୮	୨୯.୯୦୦	୬୧,୬୦୦/-
୭.	୩୫୨୨୮୪୨୦୦୦୭୨୦	**ଜ୍ଞାନେନ୍ଦ୍ର କୁମାର ପଣ୍ଡା,** ପିତା: ଚକ୍ରଧର ପଣ୍ଡା, ସା/ପୋ: ଫକୀରପୁର, ଆନନ୍ଦପୁର, ଜିଲ୍ଲା: କେନ୍ଦୁଝର, ଓଡ଼ିଶା	୬୩,୭୧୭.୭୪	୪୦.୨୦୦	୮୯,୬୦୦/-
୮.	୩୫୨୨୮୪୨୦୦୦୭୩୦	**ହେମନ୍ତ ଦାସ,** ସା/ପୋ: ଫକୀରପୁର, ଭାୟା: ଆନନ୍ଦପୁର, କେନ୍ଦୁଝର	୮୫,୪୬୫.୧୧	୬୪.୭୦୦	୧,୩୫,୮୦୦/-
୯.	୩୫୨୨୮୪୨୦୦୦୭୩୭	**ପ୍ରଫୁଲ୍ଲ କୁମାର ସେଠୀ,** ପିତା: ପିନାଥ ସେଠୀ, ସା: କୁୟାରସାହି, ଆନନ୍ଦପୁର, ଥାନା: ଆନନ୍ଦପୁର, କେନ୍ଦୁଝର, ଓଡ଼ିଶା	୨୫,୯୬୯.୮୨	୩୮.୬୦୦	୭୫,୬୦୦/-
୧୦.	୩୫୨୨୮୪୨୦୦୦୭୩୩	**ସ୍ୱୟଂପ୍ରଭା ନାୟକ,** ସ୍ୱାମୀ: ମୁକ୍ତିକାନ୍ତ ନାୟକ, ସା/ପୋ: ଆନନ୍ଦପୁର, ବାରିକ ସାହି, କେନ୍ଦୁଝର, ଓଡ଼ିଶା	୧,୩୫,୯୦୫.୪୫	୧୦୩.୬୦୦	୨,୨୪,୦୦୦/-
୧୧.	୩୫୨୨୮୪୨୦୦୦୭୩୪	**ମିନତୀ ମଲିକ,** ସ୍ୱାମୀ: ବୃନ୍ଦାବନ ମଲିକ, ସା/ପୋ: ଫକୀରପୁର, ଆନନ୍ଦପୁର, ଜିଲ୍ଲା: କେନ୍ଦୁଝର, ଓଡ଼ିଶା	୮୨,୫୪୩.୧୪	୪୮.୦୫୦	୧,୦୫,୫୬୦/-
୧୨.	୩୫୨୨୮୪୨୦୦୦୭୩୫	**ତୁଳସୀ ଜେନା,** ସ୍ୱାମୀ: ବିଜୟ ଜେନା, ସା/ପୋ: ଫକୀରପୁର, ଆନନ୍ଦପୁର, ଜିଲ୍ଲା: କେନ୍ଦୁଝର, ଓଡ଼ିଶା	୪୫,୨୪୮.୭୩	୩୭.୭୦୦	୫୯,୬୪୦/-
୧୩.	୩୫୨୨୮୪୨୦୦୦୭୩୬	**ପଦ୍ମାବତୀ ପାତ୍ର,** ସ୍ୱାମୀ: ପର୍ଶୁରାମ ପାତ୍ର, ସା/ପୋ: ଆନନ୍ଦପୁର ମାଳିସାହି, ଜିଲ୍ଲା: କେନ୍ଦୁଝର, ଓଡ଼ିଶା	୧,୦୬,୧୬୨.୨୮	୭୭.୫୦୦	୧,୬୮,୦୦୦/-
୧୪.	୩୫୨୨୮୪୨୦୦୦୭୪୩	**ରଶ୍ମିତା ପଣ୍ଡା,** ସ୍ୱାମୀ: ମିତେନ୍ଦ୍ର କୁମାର ପଣ୍ଡା, ଫକୀରପୁର, ଆନନ୍ଦପୁର	୯୬,୮୨୩.୭୫	୫୨.୩୦୦	୧,୨୪,୬୦୦/-
୧୫.	୩୫୨୨୮୪୨୦୦୦୭୪୪	**ଦିଲ୍ଲୀପ କୁମାର ନାୟକ,** ପିତା: ସାନ୍ତନୁ କୁମାର ନାୟକ, ସା: ଜନ୍ତାଳପାଢୀ, ପୋ: ଅଢାଳପଙ୍କ, ବନ୍ତ, ଓଡ଼ିଶା	୨୩,୬୪୦.୭୨	୧୩.୬୦୦	୩୦,୮୦୦/-
		ବୌଦ୍ଧଗଡ଼ ଶାଖା (ନିଲାମ ତାରିଖ: ୨୦.୦୨.୨୦୧୯)			
୧.	୪୧୩୦୮୩୬୦୦୦୦୦୮	**ପଦ୍ମଲୋଚନ ପଣ୍ଡା,** ପିତା: ସୁବାସ ପଣ୍ଡା, ମାଳିସାହି, ଜିଲ୍ଲା: ବୌଦ୍ଧ	୬୨,୬୭୮.୫୮	୩୩୩.୩୦୦	୭୩,୯୨୦/-
୨.	୪୧୩୦୮୪୨୦୦୦୦୬୩	**ସତ୍ୟନାରାୟଣ ବାରିକ,** ପିତା: ରାଜେଶ୍ୱର ବାରିକ, ସା: ମଜୁନ୍ଦପୁର, ପୋ: ଜହ୍ନାପଙ୍କ, ବୌଦ୍ଧ, ଓଡ଼ିଶା	୨୭,୮୨୬.୯୯	୧୨.୮୦୦	୩୦,୮୦୦/-
୩.	୪୧୩୦୮୪୨୦୦୦୦୬୬	**ସତ୍ୟନାରାୟଣ ବାରିକ,** ପିତା: ରାଜେଶ୍ୱର ବାରିକ, ସା: ମଜୁନ୍ଦପୁର, ପୋ: ଜହ୍ନାପଙ୍କ, ବୌଦ୍ଧ, ଓଡ଼ିଶା	୩୩,୮୧୦.୨୬	୧୬.୫୦୦	୩୬,୪୦୦/-
୪.	୪୧୩୦୮୪୨୦୦୦୩୧୮	**ସନ୍ତୋଷ କୁମାର ପାଣିଗ୍ରାହୀ,** ପିତା: ଗୌତମ ପାଣିଗ୍ରାହୀ, ସା: ନାଏକପଡ଼ା, ପୋ: ବାମଣ୍ଡା, ବୌଦ୍ଧ, ଓଡ଼ିଶା	୧୫,୭୦୦.୦୦	୧୦.୦୦୦	୨୩,୮୦୦/-
୫.	୪୧୩୦୮୪୨୦୦୦୬୩୩	**ଦିଗାୟର ସାହୁ,** ପିତା: ଘାସି ସାହୁ, ସା: ରାଣୀସାହି, ପୋ: ବନ୍ଧପଥର, ବୌଦ୍ଧ, ଓଡ଼ିଶା	୨୦,୦୫୫.୭୫	୧୧.୨୦୦	୨୫,୦୮୮/-
୬.	୪୧୩୦୮୪୨୦୦୦୬୫୯	**ଗିରିଶ ଚନ୍ଦ୍ର ସାହୁ,** ପିତା: ଗୌରହରି ସାହୁ, ସା/ପୋ: ତେଲିବନ୍ଧ, ବୌଦ୍ଧ, ଓଡ଼ିଶା	୪୧,୯୮୪.୪୫	୨୨.୩୦୦	୪୯,୮୪୦/-
୭.	୪୧୩୦୮୪୨୦୦୦୬୬୫	**ସୁଶାନ୍ତ ପ୍ରଧାନ,** ପିତା:୪ ଖଗେଶ୍ୱର ପ୍ରଧାନ, ସା: ଲୁଣ୍ଡାବେରୁଣୀ, ପୋ: ବଲାସିଙ୍ଗା, ଜିଲ୍ଲା: ବୌଦ୍ଧ, ଓଡ଼ିଶା	୪୧,୨୦୦.୬୫	୨୪.୨୦୦	୪୯,୦୦୦/-
୮.	୪୧୩୦୮୪୨୦୦୦୭୦୨	**ସତ୍ୟବାନ ପ୍ରଧାନ,** ପିତା: ଶୋଭକର ପ୍ରଧାନ, ସା: ମଜୁନ୍ଦପୁର, ପୋ: ଜହ୍ନାପଙ୍କ, ବୌଦ୍ଧ, ଓଡ଼ିଶା	୨୯,୪୫୧.୫୪	୧୬.୫୦୦	୩୬,୪୦୦/-
୯.	୪୧୩୦୮୪୨୦୦୦୭୦୫	**ଚିତ୍ତରଞ୍ଜନ ଭୁକ୍ତା,** ପିତା: ଭାଗିରଥି ଭୁକ୍ତା, ସା/ପୋ: ଲୁଣିବାହାଲ, ବୌଦ୍ଧ, ଓଡ଼ିଶା	୭୧,୯୬୦.୧୪	୪୦.୭୦୦	୮୯,୬୦୦/-
୧୦.	୪୧୩୦୮୪୨୦୦୦୭୦୯	**ବିପିନ ବିହାରୀ ବ୍ରହ୍ମା,** ପିତା: ପ୍ରଫୁଲ୍ଲ ବ୍ରହ୍ମା, ସା: ଗୋଛାପଡା, ପୋ: ବଗିଆପଡ଼ା, ବୌଦ୍ଧ, ଓଡ଼ିଶା	୨୪,୬୧୬.୭୦	୧୫.୨୦୦	୩୦,୮୦୦/-

କ୍ର. ନଂ.	ଋଣ ଆକାଉଣ୍ଟ ନଂ.	ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା	ବକେୟା ରାଶି (ଟଙ୍କାରେ)	ମୋଟ ଓଜନ (ଗ୍ରାମରେ)	ସଂରକ୍ଷିତ ମୂଲ୍ୟ (ଟଙ୍କାରେ)
୧୧.	୪୧୩୦୮୪୨୦୦୦୧୩୪	**ଘସିରାମ ପ୍ରଧାନ,** ପିତା: ଲକ୍ଷ୍ମୀଧର ପ୍ରଧାନ, ସା: ଚଣ୍ଡିଗଡ, ପୋ: ଖୁଣ୍ଟବନ୍ଧ, ବୌଦ୍ଧ, ଓଡ଼ିଶା	୧୬,୫୬୨.୪୯	୯.୭୦୦	୨୦,୭୨୦/-
୧୨.	୪୧୩୦୮୪୨୦୦୦୭୧୮	**ସନତ କୁମାର ବେହେରା,** ପିତା: ଭାଗିରଥି ବେହେରା, ସା: ଗୋବିନ୍ଦପୁର, ପୋ: ଖୁଣ୍ଟବନ୍ଧ, ବୌଦ୍ଧ, ଓଡ଼ିଶା	୧୫,୦୬୫.୦୦	୮.୭୦୦	୧୮,୭୬୦/-
୧୩.	୪୧୩୦୮୪୨୦୦୦୭୨୦	**ଅରୁଣ କୁମାର ବେହେରା,** ପିତା: କାଳିଆ ବେହେରା, ସା: ନାଏକପଡ଼ା, ବୌଦ୍ଧ, ଜିଲ୍ଲା: ବୌଦ୍ଧ, ଓଡ଼ିଶା	୨୯,୦୯୨.୬୫	୧୬.୧୦୦	୩୬,୦୬୪/-
୧୪.	୪୧୩୦୮୪୨୦୦୦୭୩୩	**ନୀଳ ରୋହିତ ବେହେରା,** ପିତା: ବିଷ୍ଣୁଚରଣ ବେହେରା, ସା/ପୋ: ବନ୍ଧପଥର, ବୌଦ୍ଧ, ଓଡ଼ିଶା	୩୯,୭୩୪.୭୩	୨୨.୫୦୦	୪୯,୫୬୦/-
୧୫.	୪୧୩୦୮୪୨୦୦୦୭୪୧	**ସୁଭଦ୍ରା ପ୍ରଧାନ,** ସ୍ୱାମୀ: ଖଗେଶ୍ୱର ପ୍ରଧାନ, ସା: ଜଟେସିଙ୍ଗା, ପୋ: ବାମଣ୍ଡା, ବୌଦ୍ଧ, ଓଡ଼ିଶା	୩୧,୪୧୧.୬୪	୧୮.୪୦୦	୩୯,୨୦୦/-
୧୬.	୪୧୩୦୮୪୨୦୦୦୭୪୫	**ବିଶ୍ୱ ନାଏକ,** ପିତା: ଋଷି ନାଏକ, ସା: ରାଜନପାଲି, ପୋ: ବୁଟୁପାଲି, ବୌଦ୍ଧ, ଓଡ଼ିଶା	୨୬,୪୦୮.୫୬	୧୫.୩୦୦	୩୩,୩୨୦/-
୧୭.	୪୧୩୦୮୪୨୦୦୦୭୬୮	**ସୁବୁବାବୁ ଭୋଇ,** ପିତା: ଅଜନୁ ଭୋଇ, ସା: ବୁଢିପଦର, ପୋ: ତେଲିବନ୍ଧ, ବୌଦ୍ଧ, ଓଡ଼ିଶା	୭,୫୫୧.୮୦	୭.୩୦୦	୯,୫୨୦/-
୧୮.	୪୧୩୦୮୪୨୦୦୦୭୬୯	**ଧର୍ମେନ୍ଦ୍ର ପାଣିଗ୍ରାହୀ,** ପିତା: ରଘୁନାଥ ପାଣିଗ୍ରାହୀ, ସାରଣ୍ଡା, ମୁରୁଗୁଣ୍ଡି, ଜିଲ୍ଲା: ବୌଦ୍ଧ, ଓଡ଼ିଶା	୯,୧୨୭.୫୮	୫.୮୦୦	୧୨,୩୨୦/-
୧୯.	୪୧୩୦୮୪୨୦୦୦୭୭୯	**ସୁମନ୍ତ ପ୍ରଧାନ,** ପିତା: ବରୁଣ ପ୍ରଧାନ, ସା/ପୋ: ଜହ୍ନାପଙ୍କ, ବୌଦ୍ଧ	୪୦,୬୮୪.୭୯	୨୭.୧୦୦	୫୧,

କ୍ର. ନଂ.	ଋଣ ଆକାଉଣ୍ଟ ନଂ.	ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା	ବକେୟା ରାଶି (ଟଙ୍କାରେ)	ମୋଟ ଓଜନ (ଗ୍ରାମରେ)	ସଂରକ୍ଷିତ ମୂଲ୍ୟ (ଟଙ୍କାରେ)
୧୬.	୬୧୪୯୮୪୨୦୦୦୧୯୬	**ଜୟଦାନ ନାଏକ,** ପିତା: ଚାଟିରୀ ନାଏକ, ସା/ପୋ: ବିଲାମାଳ, ଗ୍ରା.ପ./ଥାନା: ଟିକିରି, ଜିଲ୍ଲା: ରାୟଗଡା, ଓଡ଼ିଶା	୧୮,୭୪୭.୯୦	୧୦.୮୦୦	୨୪,୧୯୨/-
୧୭.	୬୧୪୯୮୪୨୦୦୦୨୦୩୨	**କୁରୁପା ତୁରୁକ,** ପିତା: ମସିଣା ତୁରୁକ, ସା: ମାଇଲିଗୁଡ଼ା, ପୋ/ଥାନା: ଟିକିରି, ଜିଲ୍ଲା: ରାୟଗଡା, ଓଡ଼ିଶା	୨୩,୫୩୬.୪୫	୧୩.୮୦୦	୩୦,୪୬୪/-
୧୮.	୬୧୪୯୮୪୨୦୦୦୨୦୭୭	**ସନ୍ତୋଷ କୁମାର ମହାନ୍ତି,** ପିତା: ଲାଲ ମୋହନ ମହାନ୍ତି, ସା: ଓଲ୍ଡ ବ୍ୟାଙ୍କ ଷ୍ଟ୍ରିଟ୍, ଟିକିରି, ଜିଲ୍ଲା: ରାୟଗଡା, ଓଡ଼ିଶା	୬୬,୦୬୫.୦୨	୩୬.୪୦୦	୮୬,୬୩୨/-
୧୯.	୬୧୪୯୮୪୨୦୦୦୨୧୦	**ମୀନକେତନ ବିଶୋଇ,** ପିତା: ଗଣେଶ ବିଶୋଇ, ସା/ପୋ/ଥାନା: ଟିକିରି, ଜିଲ୍ଲା: ରାୟଗଡା, ଓଡ଼ିଶା	୨୭,୫୭୮.୫୨	୧୫.୨୦୦	୩୬,୧୨୦/-
ବଡ଼ପଣ୍ଡୁସର ଶାଖା (ନିଲାମ ତାରିଖ: ୨୧.୦୨.୨୦୧୯)					
୧.	୫୬୧୫୮୪୨୦୦୨୭୭୦	**ବସନ୍ତ କୁମାର ବେହେରା,** ପିତା: ହରି ବେହେରା, ସା/ପୋ/ଥାନା: ଖଣ୍ଡପଡା, ଜିଲ୍ଲା: ନୟାଗଡ, ଓଡ଼ିଶା	୧୬,୭୭୭.୮୫	୧୧.୦୦୦	୨୨,୦୩୬/-
୨.	୫୬୧୫୮୪୨୦୦୩୦୮୬	**ଭଗବାନ ବିଶ୍ୱାଳ,** ପିତା: ବଂଶାଧର ବିଶ୍ୱାଳ, ସା: ଯାକେଡା, ପୋ: ଗୋଡିପଡା, ଥାନା: ଶରଣକୁଳ, ଜିଲ୍ଲା: ନୟାଗଡ, ଓଡ଼ିଶା	୩୩,୦୭୩.୭୦	୨୦.୬୦୦	୪୩,୨୬୦/-
୩.	୫୬୧୫୮୪୨୦୦୨୮୯୯	**ବିପିନ କୁମାର ମହାନ୍ତି,** ପିତା: ବିରେନ୍ଦ୍ର ମହାନ୍ତି, ସା: ସରପଡା, ପୋ: ହରେକୃଷ୍ଣପୁର, ଥାନା: ଇଟାମାଟି, ଜିଲ୍ଲା: ନୟାଗଡ, ଓଡ଼ିଶା	୨୬,୬୫୭.୩୮	୧୮.୮୦୦	୩୫,୨୮୦/-
୪.	୫୬୧୫୮୪୨୦୦୨୬୮୦	**ଚତୁର୍ଭୁଜ ପ୍ରଧାନ,** ପିତା: ହଜାରୀ ପ୍ରଧାନ, ସା: ଜେମାଦେଇପୁର ରଘୁନାଥ ପ୍ରସାଦ, ପୋ: ମାନ୍ଧାତାପୁର, ଜିଲ୍ଲା: ନୟାଗଡ, ଓଡ଼ିଶା	୩୧,୪୬୪.୭୫	୨୩.୭୦୦	୪୦,୫୭୨/-
୫.	୫୬୧୫୮୪୨୦୦୨୩୭୭	**ଚିନ୍ମୟ କୁମାର ସାହୁ,** ପିତା: ହରିହର ସାହୁ, ସା/ପୋ: ହରେକୃଷ୍ଣପୁର, ଭାୟା: ଇଟାମାଟି, ଜିଲ୍ଲା: ନୟାଗଡ, ଓଡ଼ିଶା	୩୩,୬୨୦.୯୧	୨୧.୦୦୦	୪୪,୧୦୦/-
୬.	୫୬୧୫୮୪୨୦୦୨୭୮୦	**ଚିନ୍ମୟ କୁମାର ସାହୁ,** ପିତା: ହରିହର ସାହୁ, ସା/ପୋ: ହରେକୃଷ୍ଣପୁର, ଭାୟା: ଇଟାମାଟି, ଜିଲ୍ଲା: ନୟାଗଡ, ଓଡ଼ିଶା	୨୫,୬୮୨.୧୪	୧୫.୭୦୦	୩୩,୦୪୦/-
୭.	୫୬୧୫୮୪୨୦୦୨୯୬୬	**ଦୟାନିଧି ଭୂୟାଁ,** ପିତା: ଗୋବର୍ଦ୍ଧନ ଭୂୟାଁ, ସା: ସାନପଣ୍ଡୁସର, ପୋ: ବଡ଼ପଣ୍ଡୁସର, ଥାନା: ଇଟାମାଟି, ଜିଲ୍ଲା: ନୟାଗଡ, ଓଡ଼ିଶା	୨୨,୧୬୩.୪୦	୧୯.୩୦୦	୨୯,୬୮୦/-
୮.	୫୬୧୫୮୪୨୦୦୨୫୩୨	**ଧୃବଚରଣ ଭୂୟାଁ,** ପିତା: ବାଟି ଭୂୟାଁ, ସା/ପୋ: ହରେକୃଷ୍ଣପୁର, ଥାନା: ଇଟାମାଟି, ଜିଲ୍ଲା: ନୟାଗଡ, ଓଡ଼ିଶା	୧୭,୮୫୦.୦୭	୧୬.୦୦୦	୨୧,୫୬୦/-
୯.	୫୬୧୫୮୪୨୦୦୨୫୬୨	**କାଶିନାଥ ସ୍ୱାଇଁ,** ପିତା: ମହାଦେବ ସ୍ୱାଇଁ, ସା/ପୋ: ବାଉଁସିଆପଡା, ଇଟାମାଟି, ଜିଲ୍ଲା: ନୟାଗଡ, ଓଡ଼ିଶା	୬୫,୪୭୧.୧୧	୬୨.୭୦୦	୮୪,୦୦୦/-
୧୦.	୫୬୧୫୮୪୨୦୦୩୦୯୪	**ଲକ୍ଷ୍ମୀପ୍ରିୟା ପ୍ରଧାନ,** ସ୍ୱାମୀ: ଅଶୋକ କୁମାର ଜେନା, ସା/ପୋ: ବଡ଼ପଣ୍ଡୁସର, ଜିଲ୍ଲା: ନୟାଗଡ, ଓଡ଼ିଶା	୪୦,୭୬୫.୭୫	୫୫.୪୦୦	୫୩,୨୦୦/-
୧୧.	୫୬୧୫୮୪୨୦୦୨୭୫୫	**ପ୍ରକାଶ କୁମାର ବେହେରା,** ପିତା: ଚୈତନ୍ୟ ବେହେରା, ସା/ପୋ: ଗୁଣ୍ଡୁଣୀ, ଥାନା: ଖଣ୍ଡପଡା, ଜିଲ୍ଲା: ନୟାଗଡ, ଓଡ଼ିଶା	୨୨,୯୫୬.୩୫	୨୧.୮୦୦	୨୮,୭୫୬/-
୧୨.	୫୬୧୫୮୪୨୦୦୩୫୦୨	**ପୁରଣ ଚନ୍ଦ୍ର ନାୟକ,** ପିତା: ଅଧିକାରୀ ନାୟକ, ସା: ଜନ୍ମିପଡା, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ, ଓଡ଼ିଶା	୧୦,୦୦୦.୦୦	୧୩.୯୦୦	୧୬,୫୨୦/-
୧୩.	୫୬୧୫୮୪୨୦୦୨୮୭୧	**ରାଜ କିଶୋର ମହାନ୍ତି,** ପିତା: ଦୟାନିଧି ମହାନ୍ତି, ସା: ପୁରୁଷୋତମପୁର, ପୋ: ହରେକୃଷ୍ଣପୁର, ଥାନା: ଇଟାମାଟି, ନୟାଗଡ	୪୭,୮୮୩.୬୦	୨୯.୮୦୦	୬୨,୪୪୦/-
୧୪.	୫୬୧୫୮୪୨୦୦୨୬୫୯	**ରଞ୍ଜୁବାଳା ନାୟକ,** ସ୍ୱାମୀ: କୈଳାଶ ନାୟକ, ସା/ପୋ: ହରେକୃଷ୍ଣପୁର, ଥାନା: ଇଟାମାଟି, ଜିଲ୍ଲା: ନୟାଗଡ, ଓଡ଼ିଶା	୬,୭୭୬.୭୯	୫.୭୦୦	୮,୭୩୬/-
୧୫.	୫୬୧୫୮୪୨୦୦୩୧୦୬	**ରିତୁ ରଞ୍ଜନ ପରିଡା,** ପିତା: ଲକ୍ଷ୍ମୀଧର ପରିଡା, ସା/ପୋ: ବଡ଼ପଣ୍ଡୁସର, ଜିଲ୍ଲା: ନୟାଗଡ, ଓଡ଼ିଶା	୧,୦୫,୨୦୨.୩୭	୫୭.୯୦୦	୧,୩୭,୪୮୦/-
୧୬.	୫୬୧୫୮୪୨୦୦୩୦୦୮	**ସଂସାରୀ ନାୟକ,** ପିତା: ଉଦୟନାଥ ନାୟକ, ସା: ପ୍ରତାପ ପ୍ରସାଦ, ପୋ/ଥାନା: ଇଟାମାଟି, ଜିଲ୍ଲା: ନୟାଗଡ, ଓଡ଼ିଶା	୩୩,୧୮୮.୨୯	୨୦.୯୦୦	୪୩,୬୮୦/-
୧୭.	୫୬୧୫୮୪୨୦୦୨୬୧୧	**ଶରତ ଚନ୍ଦ୍ର ବେହେରା,** ପିତା: ଅରକ୍ଷିତ ବେହେରା, ସୁନଲାଟି, ଇଟାମାଟି, ଜିଲ୍ଲା: ନୟାଗଡ, ଓଡ଼ିଶା	୧୪,୬୫୨.୫୬	୧୧.୦୦୦	୧୮,୭୬୦/-
୧୮.	୫୬୧୫୮୪୨୦୦୨୬୮୬	**ଶରତ ଚନ୍ଦ୍ର ବେହେରା,** ପିତା: ଅରକ୍ଷିତ ବେହେରା, ସୁନଲାଟି, ଇଟାମାଟି, ଜିଲ୍ଲା: ନୟାଗଡ, ଓଡ଼ିଶା	୨୧,୩୨୬.୭୮	୧୩.୦୦୦	୨୭,୧୬୦/-
୧୯.	୫୬୧୫୮୪୨୦୦୨୭୬୭	**ସତ୍ୟବାନ ବିଶୋଇ,** ପିତା: ନନ୍ଦ ବିଶୋଇ, ସା: କୁରୁଡଙ୍ଗ, ପୋ: ଗୋଡିପଡା, ଜିଲ୍ଲା: ନୟାଗଡ, ଓଡ଼ିଶା	୬୪,୮୨୬.୭୧	୩୭.୭୦୦	୮୪,୪୪୮/-
୨୦.	୫୬୧୫୮୪୨୦୦୨୮୩୩	**ସତ୍ୟବାନ ବିଶୋଇ,** ପିତା: ନନ୍ଦ ବିଶୋଇ, ସା: କୁରୁଡଙ୍ଗ, ପୋ: ଗୋଡିପଡା, ଜିଲ୍ଲା: ନୟାଗଡ, ଓଡ଼ିଶା	୧୬,୭୭୫.୮୬	୧୧.୬୦୦	୨୨,୨୬୦/-
୨୧.	୫୬୧୫୮୪୨୦୦୩୦୪୨	**ସତ୍ୟବାନ ବିଶୋଇ,** ପିତା: ନନ୍ଦ ବିଶୋଇ, ସା: କୁରୁଡଙ୍ଗ, ପୋ: ଗୋଡିପଡା, ଜିଲ୍ଲା: ନୟାଗଡ, ଓଡ଼ିଶା	୮୬,୦୩୫.୫୮	୬୧.୨୦୦	୧,୧୨,୫୬୦/-
୨୨.	୫୬୧୫୮୪୨୦୦୨୭୪୪	**ୟୁନୁସ୍ ଖାନ୍,** ପିତା: ଫଜୁଲ ଖାନ୍, ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା	୧,୦୫,୧୫୧.୧୬	୬୦.୭୦୦	୧,୩୫,୯୬୮/-
ଛତ୍ରପୁର ଶାଖା (ନିଲାମ ତାରିଖ: ୨୧.୦୨.୨୦୧୯)					
୧.	୩୩୬୭୮୩୬୦୦୦୩୬୮	**ଏ ସିମାଲି,** ପିତା: ଏ ଜେଙ୍ଗାଲି, ସା: ଏସ୍ ଏନ୍ ନୂଆଗାଁ, ପୋ: ଅଗସ୍ତି ନୂଆଗାଁ, ଛତ୍ରପୁର, ଓଡ଼ିଶା	୨୧,୩୩୫.୦୦	୧୬.୮୦୦	୨୮,୦୦୦/-
୨.	୩୩୬୭୮୩୬୦୦୦୫୫୮	**ସୁନିତା ବେହେରା,** ସ୍ୱାମୀ: ଶତ୍ରୁଘନ ବେହେରା, ସା/ପୋ: ସୁନ୍ଦରପୁର, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୨୨,୬୭୪.୪୦	୧୦.୫୦୦	୧୯,୬୦୦/-
୩.	୩୩୬୭୮୩୬୦୦୦୫୩୩	**ସରସ୍ୱତୀ ବେହେରା,** ସ୍ୱାମୀ: ଭିକାରୀ ବେହେରା, ସା: ମୁନିସିପେଣ୍ଡ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୪୯,୩୨୮.୯୨	୨୬.୦୦୦	୬୧,୬୦୦/-
୪.	୩୩୬୭୮୩୬୦୦୦୬୯୦	**ଜୟସେନ ପରିଡା,** ପିତା: ଶଶିଆ ପରିଡା, ସା: ଅଗସ୍ତି ନୂଆଗାଁ, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୧୪,୮୪୪.୦୬	୧୩.୮୦୦	୨୮,୦୦୦/-
୫.	୩୩୬୭୮୩୬୦୦୦୭୫୫	**ନିରୁପମା ମିଶ୍ର,** ସ୍ୱାମୀ: ଆଦିତ୍ୟନାରାୟଣ ମିଶ୍ର, ସା: ମୁସିଲିକଣ୍ଡିସାହି, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୫,୫୦୧.୫୭	୫.୮୦୦	୮,୪୦୦/-
୬.	୩୩୬୭୮୩୬୦୦୦୭୭୪	**ନିରୁପମା ମିଶ୍ର,** ସ୍ୱାମୀ: ଆଦିତ୍ୟନାରାୟଣ ମିଶ୍ର, ସା: ମୁସିଲିକଣ୍ଡିସାହି, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୨୬,୮୬୧.୦୯	୧୮.୮୦୦	୩୬,୪୦୦/-
୭.	୩୩୬୭୮୩୬୦୦୦୭୭୮	**ମନୋଜ କୁମାର ପୁରୋହିତ,** ପିତା: ସାତାରାମ ପୁରୋହିତ, ବଳତା, ସୁନ୍ଦରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୩୪,୭୨୨.୧୧	୨୨.୮୦୦	୪୪,୮୦୦/-
୮.	୩୩୬୭୮୩୬୦୦୦୭୯୦	**ଜି ସୁକୁରିଆ ପାତ୍ର,** ପିତା: ଜି କ୍ରିଷ୍ଣା ପାତ୍ର, ସା: କମାପଲ୍ଲି, ପୋ: ଭିକାରୀପଲ୍ଲି, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୨୧,୦୫୦.୨୧	୨୦.୩୦୦	୩୦,୮୦୦/-
୯.	୩୩୬୭୮୩୬୦୦୦୭୯୫	**ନରସିଂହ ପାଢ଼ୀ,** ପିତା: ରଘୁନାଥ ପାଢ଼ୀ, ରାମକୃଷ୍ଣ ନଗର, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୪୭,୨୭୪.୨୫	୩୦.୪୦୦	୬୦,୨୦୦/-
୧୦.	୩୩୬୭୮୩୬୦୦୦୭୯୬	**ନରସିଂହ ପାଢ଼ୀ,** ପିତା: ରଘୁନାଥ ପାଢ଼ୀ, ରାମକୃଷ୍ଣ ନଗର, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୫୧,୮୫୪.୧୦	୩୩.୫୦୦	୬୭,୨୦୦/-
୧୧.	୩୩୬୭୮୩୬୦୦୦୮୧୨	**କୈଳାସ ସାହୁ,** ପିତା: ୪ ତ୍ରିନାଥ ସାହୁ, ସା/ପୋ: ଏସ୍ ଆର୍ ପୁର, ଆଗ୍ରାହରମ, ଭାୟା: ମାଟିଖାଲ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୧୧,୦୩୫.୫୦	୧୨.୨୦୦	୨୨,୪୦୦/-
୧୨.	୩୩୬୭୮୩୬୦୦୦୮୬୦	**ପୁକାଲ ସନ୍ୟାସୀ,** ପିତା: ପୁକାଲ ତାଡେୟା, ସା: ସାନ ଆର୍ଯ୍ୟପଲ୍ଲି, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୮୩,୫୬୧.୬୩	୬୮.୭୦୦	୧,୩୧,୬୦୦/-
୧୩.	୩୩୬୭୮୩୬୦୦୦୮୭୧	**ଏନ୍ କ୍ରିଷ୍ଣା ରେଡ୍ଡି,** ପିତା: ଏନ୍ ଇଶ୍ୱର ରେଡ୍ଡି, ଚମାଖଣ୍ଡି, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୪୯,୦୮୯.୬୬	୩୬.୫୦୦	୬୩,୦୦୦/-
୧୪.	୩୩୬୭୮୩୬୦୦୦୮୭୩	**ରବିନ୍ଦ୍ର କୁମାର ଦାସ,** ପିତା: ବୈଷ୍ଣବ ଚରଣ ଦାସ, ସା: ରାମକୃଷ୍ଣ ନଗର, ପୋ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୭୭,୩୮୯.୭୨	୪୫.୮୦୦	୯୮,୦୦୦/-
୧୫.	୩୩୬୭୮୩୬୦୦୦୮୭୫	**ରବିନ୍ଦ୍ର କୁମାର ଦାସ,** ପିତା: ବୈଷ୍ଣବ ଚରଣ ଦାସ, ସା: ରାମକୃଷ୍ଣ ନଗର, ପୋ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା	୫୪,୭୭୮.୪୨	୩୨.୪୦୦	୭୦,୦୦୦/-
ଧାମନଗର ବ୍ଲକସ୍ତରୀୟ ଜନସେବା କେନ୍ଦ୍ର ପ୍ରତିନିଧିଙ୍କୁ ୭ମ ଇକୋନୋମି ସର୍ଭେ ଲାଗି ଗାଁ ଗାଁ ବୁଲି ତଥ୍ୟ ସଂଗ୍ରହ ନେଇ ତାଲିମ ପ୍ରଦାନ କରାଯାଇଛି। ବ୍ଲକର ସମସ୍ତ ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ର ମାଧ୍ୟମରେ ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ ଯୁବକମାନଙ୍କ ଦ୍ୱାରା ତଥ୍ୟ ସଂଗ୍ରହ କରିବା ଏବଂ ଡିଜିଟାଲରେ ସମ୍ପର୍କ ସ୍ଥାପନ ପାଇଁ ତାଲିମ ଦିଆଯାଇଛି। କୋଠାର ପଞ୍ଚାୟତ କାର୍ଯ୍ୟାଳୟରେ ଭଦ୍ରକ ଜିଲା କମନ ସର୍ଭିସ ସେଣ୍ଟର ପ୍ରବନ୍ଧକ ମୁରଲୀଧର ପ୍ରଧାନ ଯୋଗଦେଇ ପ୍ରତିନିଧିମାନଙ୍କୁ କେନ୍ଦ୍ର ସରକାରଙ୍କ ସୂଚନା ବିଭାଗ ସହିତ କିପରି ସମ୍ପର୍କ ସ୍ଥାପନ କରାଯିବ ସେନେଇ ତାଲିମ ପ୍ରଦାନ କରିଥିଲେ। ଜୀବନାନନ୍ଦ ଦାସ, ଭବେଶ ପୁହାଣ, ସୁଦୀପ୍ତ ଖଟୁଆ, ଦୁର୍ଗାଚରଣ ଜେନା, ସ୍ମୃତିରଞ୍ଜନ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନସେବା କେନ୍ଦ୍ର ପ୍ରତିନିଧି ଯୋଗ ଦେଇଥିଲେ।

ବେକାରଙ୍କୁ ନିଯୁକ୍ତି ଦାବିରେ ବିକ୍ଷୋଭ

ଭଦ୍ରକ ଅଫିସ, ୧।୨

ଭଦ୍ରକ ଜିଲାରେ ବେରୋଜଗାରଙ୍କୁ ନିଯୁକ୍ତି ପ୍ରଦାନରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଶିକ୍ଷିତ ବେକାର ଯୁବକ କେଉଁଠି ରିକ୍ସା ଟାଣୁଛନ୍ତି ତ ଆଉ କିଏ ପର ପାଖରେ ଗୋଲାମୀ କରୁଛନ୍ତି। ଆଉ କିଏ ଦାଦନ ନ ହେଲେ ଇଟା ଭାଟିରେ କାମ ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି। ମାତ୍ର ଜିଲାରେ ଦଳୀୟ ବିଧାୟକମାନେ ବିକାଶ ନାଁରେ ଲୁଟ୍ କରୁଛନ୍ତି। ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦାବିରେ ଶୁକ୍ରବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଯୁବମୋର୍ଚ୍ଚାର ଜିଲା ସଭାପତି ସୁରେଶ ସାମଲଙ୍କ ନେତୃତ୍ୱରେ ଶତାଧିକ କର୍ମୀ, ସମର୍ଥକ ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ନବୀନ ହଟାଅ ନାରା ଦେଇ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ସଭାପତି ସାମଲଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ହୋଇଥିଲା। ଭାଜପାର ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ, ଜିଲା ସଭାପତି ବଦ୍ରିନାରାୟଣ ଧଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ପ୍ରଦୀପ ନାୟକ, ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟପକ୍ଷେ ଜିଲା ପରିଷଦ ବୈଠକରେ ୧୩ ଜୋନ୍‌ର ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁଙ୍କୁ ଦୁଇ ବିଧାୟକଙ୍କ ଅଶାଳୀନ ବ୍ୟବହାର ଅତ୍ୟନ୍ତ ନିନ୍ଦନୀୟ ବୋଲି ସେମାନେ ବକ୍ତବ୍ୟ ରଖିଥିଲେ। ଶରତ ପଢିଆରୀ, ମନୋଜ ମଲ୍ଲିକ, ସୁରଥ ସେଠୀ, ମହମ୍ମଦ ଅଲୀ ସବର, ବୁଦ୍ଧଦେବ ଜେନା, ଶଶୀ ବିଶ୍ୱାଳ, ଚନ୍ଦ୍ରମୋହନ ମହାପାତ୍ର, ସରୋଜ ରାଉତ, ତପନ ମହାନ୍ତି, ଶୁଭ୍ରନାରାୟଣ ସେଠୀ, ମହେଶ୍ୱର ଧଳ, ଅମ୍ବିକା ଦାସ, ମମତା ନାୟକ, ପ୍ରଶାନ୍ତ ନାୟକ, ଭାସ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା।

ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିବା ଜଣେ ଯୁବକ ଶୋଭାଯାତ୍ରାରେ ରିକ୍ସା ଚାଳନା କରୁଛନ୍ତି।

ଜିଲା ପରିଷଦ ସଭ୍ୟାଙ୍କୁ ଅଶାଳୀନ ବ୍ୟବହାରକୁ ନିନ୍ଦା

ସାମାଜିକ ନିରାପତ୍ତା ବ୍ୟବସ୍ଥାରେ ଯୋଡ଼ି ହେଲେ ଖବରକାଗଜ ହକର

ଭଦ୍ରକ ଅଫିସ, ୧।୨

ସକାଳୁ ଘର ଘର ବୁଲି ଖବରକାଗଜ ପହଞ୍ଚାଉଥିବା ଭଦ୍ରକ ହକରମାନଙ୍କୁ ଶୁକ୍ରବାର ମିଳିଛି ସାମାଜିକ ନିରାପତ୍ତା। ଭଦ୍ରକ ସହରର ୭୨ଜଣ ଖବରକାଗଜ ହକରଙ୍କୁ ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ସରକାରଙ୍କ ସାମାଜିକ ସୁରକ୍ଷା କାର୍ଡ଼ ବଣ୍ଟନ କରିଛନ୍ତି। ବିଧାୟକ ପଟ୍ଟନାୟକ ହକରମାନଙ୍କୁ ଏହି କାର୍ଡ ବଣ୍ଟନ ଶୁଭାରମ୍ଭ କରିବା ସହ କେତେକ ଅଟୋ ଚାଳକ ଓ ଶ୍ରମିକଙ୍କୁ ମଧ୍ୟ କାର୍ଡ ପ୍ରଦାନ କରିଥିଲେ। ସରକାରଙ୍କ ଏହି କଲ୍ୟାଣକାରୀ ଯୋଜନାର ସୁଫଳ ହକରମାନଙ୍କୁ ମିଳିଥିବାରୁ ବିଧାୟକ ପଟ୍ଟନାୟକ ସନ୍ତୋଷ ବ୍ୟକ୍ତ କରିଥିଲେ।

ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡର ମାର୍ଗଦର୍ଶିକା ଅନୁଯାୟୀ, ଏହି ଯୋଜନାରେ ଏଣିକି ପ୍ରତି ହକରଙ୍କ ପାଇଁ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୨ଲକ୍ଷ ଟଙ୍କା ରହିଛି। ଏହାବ୍ୟତୀତ ସ୍ୱାଭାବିକ ମୃତ୍ୟୁ ହେଲେ ୧ ଲକ୍ଷ ଟଙ୍କା, ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ନିମିତ୍ତ ୧ ଲକ୍ଷ ୫୦ ହଜାର, ଆଂଶିକ ଶାରୀରିକ ଅକ୍ଷମତା ପାଇଁ ୮୦ହଜାର ଏବଂ ଶରୀରର କୌଣସି ଗୋଟିଏ ଅଙ୍ଗ ଦୁର୍ଘଟଣାରେ ନଷ୍ଟ ହେଲେ ୪୦ହଜାର ଟଙ୍କାର ସହାୟତା ରାଶି ମିଳିବ ବୋଲି ଏହି ଅବସରରେ କୁହାଯାଇଥିଲା। ଜିଲାପାଳ ସିଧାସଳଖ ଏହି ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରିପାରିବେ ବୋଲି ଉତ୍ସବରେ ସଭାପତିତ୍ୱ କରିଥିବା ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁ ସୂଚ

ORISSA WATER SUPPLY & SEWERAGE BOARD

(A Govt. of Odisha Undertaking)
OFFICE OF THE CHIEF ENGINEER, OISIP, JICA
At : Mahanadivihar, P.O. : Nayabazar, Cuttack-753004
Phone No.:0671-2444511, Fax No. : 0671-2441616, E-mail ID : ce_jica@owssb.in

ବିଜ୍ଞପ୍ତି

No. : 02/W-116 **Date : 28.01.2019**

ଏତଦ୍ୱାରା କଟକ ସହରର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଟକ ସହରରେ ସ୍ୱେରେଜ୍ ବ୍ୟବସ୍ଥାର ଉନ୍ନତିକରଣ ପାଇଁ "ଓଡ଼ିଶା ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ" (OISIP) କାର୍ଯ୍ୟ ଚାଲୁଅଛି । ଏହି ପ୍ରକଳ୍ପ "ଜାଇକା" (JICA)ର ଆର୍ଥିକ ସହାୟତାରେ "ଓଡ଼ିଶା ଜଳଯୋଗାଣ ଓ ପରିମଳ ପରିଷଦ" (OWSSB) ଦ୍ୱାରା କାର୍ଯ୍ୟକାରୀ ହେଉଅଛି । ଏହି ପ୍ରକଳ୍ପ ଅଧିନରେ କଟକ ସହରରେ ୩୮୦ କିଲୋମିଟର ଭୂତଳ ସ୍ୱେରେଜ୍ ପାଇପ୍ ଲାଇନ୍, ୫ କୋଟି ୨୦ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଦୁଇଟି ବର୍ଜ୍ୟଜଳ ବିଶୋଧନାଗାର (STP), ୩୬ଟି ସ୍ୱେରେଜ୍ ପମ୍ପିଙ୍ଗ୍ ଷ୍ଟେସନ୍ ଏବଂ ଡ୍ରେନେଜ୍ ବ୍ୟବସ୍ଥାର ପୁନଃରୁଦ୍ଧାର କାର୍ଯ୍ୟ ଅନ୍ତର୍ଭୁକ୍ତ ।

ସ୍ୱେରେଜ୍ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଚାଲୁଥିବା ଭୂତଳ ସ୍ୱେରେଜ୍ ପାଇପ୍ ଲାଇନ୍, ବର୍ଜ୍ୟଜଳ ବିଶୋଧନାଗାର, ହଜାର ହଜାର ସଂଖ୍ୟାରେ ମ୍ୟାନ୍‌ହୋଲ୍, ଗୃହରୁ ନିର୍ଗତ ବର୍ଜ୍ୟଜଳ ସଂଯୋଗ କରିବା ପାଇଁ ଉଦ୍ଦିଷ୍ଟ ଚେମ୍ବର (Sewer Connection Chamber) ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ପ୍ରାୟତଃ ସରିଆସିଲାଣି । କଟକ ସହରର ଗୃହମାନଙ୍କରୁ ନିର୍ଗତ ବର୍ଜ୍ୟଜଳକୁ ଏହି ସ୍ୱେରେଜ୍ ବ୍ୟବସ୍ଥା ସହିତ ସଂଯୋଗୀକରଣ ଉଦ୍ଦେଶ୍ୟରେ ଏବେ ଏକ ସର୍ଭେ କରାଯାଉଅଛି । ଏହି ସର୍ଭେ କାମ କରିବା ପାଇଁ ଟି.ଇ.ସି. କନସୋରଟିୟମ୍ (M/s TEC Consortium) କୁ ନିୟୋଜିତ କରାଯାଇଅଛି । ଏହି ସର୍ଭେ ଅଧିନରେ ଘରଗୁଡ଼ିକର ବାସ୍ତବ ସ୍ଥିତି, ଲେ-ଆଉଟ୍ (Lay Out) ଏବଂ ସଂଯୋଗୀକରଣ ବା କନେକ୍‌ସନ୍ ପାଇଁ ଖର୍ଚ୍ଚ ଆକଳନ (Estimate) କରାଯିବ ।

ଏଥିପାଇଁ ସର୍ଭେକରୁଥିବା ଅଧିକାରୀମାନେ ପ୍ରତ୍ୟେକ ଘରକୁ ଯାଇ ଆବଶ୍ୟକ ତଥ୍ୟ ସଂଗ୍ରହ କରିବେ । ସର୍ଭେ କରିବାବେଳେ ପ୍ରଥମେ ଅଧିକାରୀମାନେ ଏହି ସର୍ଭେର ଉଦ୍ଦେଶ୍ୟ ବିଷୟରେ ଗୃହ କର୍ତ୍ତାଙ୍କୁ ବୁଝାଇ କହିବେ । ସର୍ଭେ କରିବା ସମୟରେ ସେପ୍‌ଟିକ୍ ଟାଙ୍କି, ଗୃହର ନିଜସ୍ୱ ଇନିସ୍ପେକ୍‌ସନ୍ ଚେମ୍ବର (Inspection Chamber) ଇତ୍ୟାଦିର ଇନ୍‌ଭର୍ଟ ଲେବୁଲ (Invert Level) ଜାଣିବା ପାଇଁ ଘର ଭିତରକୁ ପ୍ରବେଶ କରିବା ଆବଶ୍ୟକ ପଡ଼ିପାରେ । ସର୍ଭେର ଆବଶ୍ୟକତା ଅନୁଯାୟୀ ଗୃହକର୍ତ୍ତା ନିଜର ଏକ ପରିଚୟପତ୍ରର ନକଲ ଯେମିତି ଆଧାର କାର୍ଡ଼, ପ୍ୟାନ୍‌କାର୍ଡ଼ ଇତ୍ୟାଦି ସର୍ଭେ ଅଧିକାରୀଙ୍କୁ ଦେବାକୁ ଅନୁରୋଧ । ସର୍ଭେ କରିସାରିବା ପରେ ଅଧିକାରୀମାନେ ସ୍ୱେରେଜ୍ କନେକ୍‌ସନ୍ ସମ୍ଭାବ୍ୟ ଲେ-ଆଉଟ୍ (Lay Out) ଏବଂ କନେକ୍‌ସନ୍ ପାଇଁ ଖର୍ଚ୍ଚ ଆକଳନ ବା (Estimate) ଗୃହକର୍ତ୍ତାଙ୍କୁ ପ୍ରଦାନ କରିବେ ।

ଏହି ସର୍ଭେ ଗୃହକର୍ତ୍ତାମାନଙ୍କୁ ନିଜ ଗୃହର ସ୍ୱେରେଜ୍ ସଂଯୋଗୀକରଣରେ ସାହାଯ୍ୟ କରିବ । ଏଣୁ ଏହି ସର୍ଭେ କାମରେ ସହଯୋଗ କରିବା ସଙ୍ଗେ ସଙ୍ଗେ ସର୍ଭେ ଅଧିକାରୀମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ପାଇଁ ଆମେ କଟକ ସହରର ସମସ୍ତ ଗୃହକର୍ତ୍ତାଙ୍କୁ ଅନୁରୋଧ କରୁଅଛୁ । ସର୍ଭେ ଦଳର ପ୍ରତ୍ୟେକ ସଦସ୍ୟ ନିଜର ପରିଚୟ ପତ୍ର ସଙ୍ଗରେ ବହନ କରିବେ ।

ଆପଣଙ୍କ ବିଶ୍ୱସ୍ତ
ବିନୋଦ ସରାଫ୍, ମୁଖ୍ୟଯନ୍ତା,
ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତିକରଣ ପ୍ରକଳ୍ପ, ଜାଇକା, ଓଡ଼ିଶା ଜଳଯୋଗାଣ ଓ ପରିମଳ ପରିଷଦ, କଟକ

idco ODISHA NEW OPPORTUNITIES

Your power to grow
ISO 9001 & 14001 CORPORATION

ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
Tender Call Notice No. H.O./P&C/EST-E-1092/04/2019 - 1939 Dated :- 31.01.2019

NOTICE INVITING TENDER THROUGH e-Procurement

Name of the Work : Construction of compound wall over plot no. 400/6696, khata no. 291/1999, Mahisapat, Dhenkanal.
Estimated cost : Rs.49.71 lakh (apprx).
Period of Completion : 05 (five) calendar months.

Procurement Officer	Bid Identification No.	Availability of Tender on-Line for Bidding	
		From	To
1	2	3	4
Chief General Manager (P&C), IDCO, Idco Tower, Bhubaneswar	Bid ID. No. PC-EST-E-**85/2018-19**	04.02.2019 at 10.00 hrs.	16.02.2019 up to 17.00 hrs.

Further details can be seen from the e-Procurement Portal. **www.tendersorissa.gov.in** and Corrigendum if any will not be published in news papers and can only be seen in the e-procurement portal **www.tenderorissa.gov.in** and IDCO Website **www.idco.in.**

Sd/-
Chief General Manager (P&C)
IDCO, Bhubaneswar

idco ODISHA NEW OPPORTUNITIES

Your power to grow
ISO 9001 & 14001 CORPORATION

ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

No. HO/OSDPC/09/2013/90 Dated :- 01.02.2019

EXPRESSION OF INTEREST

Odisha Sports Development & Promotion Company (OSDPC), a subsidiary of IDCO, Govt. of Odisha, invites sealed bids for rate of interest in the following prescribed format for fixed deposit amounting to **Rs.1.00 Crore (interest compounded quarterly)** from Bhubaneswar based eligible Govt. approved Banks as per Finance Department Order No.32648/F, dated 10.10.2018 Govt. of Odisha.

Sl. No.	Period	% Rate of Interest Per Annum (Only Callable)
		Rs. 1.00 Crore
1.	One Year	

The Bid should be super-scribed in red - "Rate of Interest" and must reach the undersigned in sealed cover by Speed Post / Special Messenger **on or before 1.00 P.M. on 12th February 2019** and the same shall be opened on the same day in the office chamber of CGM (P&A), IDCO & ED, OSDPC in the presence of representatives of the participating Banks. Interest offer of Bank shall remain valid till 14th February 2019. The interest rate quoted by the Bank is final and in no circumstances change of rate can be entertained. The decision of the management of OSDPC will be final.

Sd/-
CGM (P&A)
IDCO & ED, OSDPC

ORISSA WATER SUPPLY & SEWERAGE BOARD

OFFICE OF THE PROJECT ENGINEER,
Project Management Unit, OWSSB, Cuttack
Ph : (0671) 2302381, Fax : 2300381,
Email : peowssbctc@yahoo.co.in

Bid Identification No. 146/PMU/CTC/OWSSB/2018-19

Construction of Compound wall around the site selected for Construction of Sewage Treatment Plant (STP-II) at Baghuabol, Talcher can be viewed / downloaded from e-Procurement Portal of the State Govt **https://tendersodisha.gov.in** from 02.02.2019 (11.00 hrs IST) to 23.02.2019 (17 hrs IST).

-Sd-
Project Engineer

Office of the Chief Construction Engineer
Upper Kolab Project, Bariniput

Dist, Koraput, ODISHA-764006,
email id: ccekolab@yahoo.com , Phone / FAX:06854-242035

Quotations call notice no CCEUKP-QCN-01/2018-19
No. 414 Dated .29.01.2019

No.1206-A:- The Chief Construction Engineer, Upper Kolab Project, At/Po- Bariniput, Dist:- Koraput invited Sealed Quotations for procurement of testing apparatus for Quality Control Laboratory for quality control Division, Bariniput from the Manufacturers / Authorized dealers/Govt Order Suppliers having PAN card & valid GSTIN. The details of Quotation call notice along with detail specification and eligibility criteria can be purchased from the Office of the Executive Engineer, Quality Control Division, Bariniput on payment of Rs100/- for each booklet in between 11.00AM on 07.02.2019 to 18.02.2019 up to 5.00PM on any working days during the notice period or can also be downloaded from Official website of Government of Odisha (htpp//www.orissagov.nic.in) during the notice period. In this case the Bidder have to furnish the cost of the booklet amounting to Rs200/- In shape of Bank Draft in favour of the Executive Engineer, Q.C Division, Bariniput payable at SBI, Main Branch, Jeypore along with the Quotation documents.

The sealed quotation will be received by the undersigned or representative of the undersigned in between 11.00AM on 07.02.2019 to 20.02.2019 up to 1.00PM. The quotation will be opened on 20.02.2019 at 3.30PM in the Office of the Chief Construction Engineer, Upper Kolab Project, Bariniput.

The undersigned reserved the right to accept or reject any or all the quotations without assigning any reason thereof.

Further details can be seen from the Govt. website www.orissagov.nic.in / www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.

Sd./- Chief Construction Engineer
Upper Kolab Project, Bariniput

32197/11/0013/1819

ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)
ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲିଫାଫା ପ୍ରଣାଳୀରେ ଜଉମୁବା ପରସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **54/PCD/2018-19.** କାର୍ଯ୍ୟର ନାମ : ବାଲେଶ୍ୱରସ୍ଥ ସହଦେବଖୁଣ୍ଟା ପରିସରରେ କାର୍ଭିଙ୍ଗ୍ ଏରିଆ ଏବଂ ପ୍ରସ୍ତାବିତ ରାସ୍ତା ମଧ୍ୟରେ ବାଉଣ୍ଡରୀୱାଲ୍‌ର ବ୍ୟବସ୍ଥା । ଆନୁମାନିକମୂଲ୍ୟ : ଟ.୧୪,୧୮,୦୫୬/-, ଅମାନତ ଜମା ରାଶି : ଟ.୨୮,୩୬୧/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୬୭୩/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୬.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
2. NIT No. **55/PCD/2018-19.** କାର୍ଯ୍ୟର ନାମ : କେନ୍ଦୁଝର ଗଡ଼ ମୁଖ୍ୟ ଡାକଘରର ସ୍ୱେରେଜ୍ ଏବଂ ଡ୍ରେନେଜ୍ ସିଷ୍ଟମ୍‌ର ନବୀକରଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : ଟ.୫,୬୧,୦୫୦/-, ଅମାନତ ଜମା ରାଶି : ଟ.୧୧,୨୨୧/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୮୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୪୫ (ପଇଁଚଲିଶ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୬.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
3. NIT No. **56/PCD/2018-19.** କାର୍ଯ୍ୟର ନାମ : ରାଜଗାଙ୍ଗପୁର ଏମ୍.ଡି.ଜି.ର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : ଟ.୧୧,୨୧,୯୪୬/-, ଅମାନତ ଜମା ରାଶି : ଟ.୨୨,୪୩୯/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୩୨୪/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୬.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
4. NIT No. **57/PCD/2018-19.** କାର୍ଯ୍ୟର ନାମ : ବରଗଡ ମୁଖ୍ୟଡାକଘର ବିଲ୍‌ଡିଂର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : ଟ.୧୦,୭୮,୮୧୮/-, ଅମାନତ ଜମା ରାଶି : ଟ.୨୧,୫୭୬/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୨୭୩/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୬.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
5. NIT No. **58/PCD/2018-19.** କାର୍ଯ୍ୟର ନାମ : ଝାରସୁଗୁଡ଼ା ମୁଖ୍ୟଡାକଘରର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : ଟ.୭,୩୭,୨୫୦/-, ଅମାନତ ଜମା ରାଶି : ଟ.୧୪,୭୪୫/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୮୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୬.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizard.com ରୁ ପ୍ରାପ୍ତ କରାଯାଇ ପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

COLLECTOR & DISTRICT MAGISTRATE, KEONJHAR

WITHDRAWAL NOTIFICATION

SPLLAO.R.I.P.-JAJ-03/2018/2830/R.I.P., Sukinda **Date: 19.12.2018**

No.: V-58: In Exercise of Powers confered by Section 93(1) of the R.F.C.T.L.A.R&R, Act. 2013 (Act-1 of 2013), the Government of Odisha are proposed to withdraw from the acquisition of Land to the extent of Ac. 8.57 as per scheduled of land attached out of the total area Ac. 23.24 required to be taken by Government at the Public expenses for construction of Korei Branch Canal of Rengali Irrigation Project (Left.) L.B.C.-II in the Village: Katenikantal, P.S.- Ramachandrapur, No.-114, District- Keonjhar covered by Collector & District Magistrate, Keonjhar Notification No. 1555/R.I.P./JAJ Dated: 10.06.2018 published in the Extraordinary issue of the Odisha Gazette No. 1390 / Date: 08.08.2018.

By the Order of Government

Spl. L.A.R. & R.O.,
R.I.P., Sukinda

Collector & District Magistrate
Keonjhar

ପ୍ରତ୍ୟାହାର ଜମି ଅନୁସୂଚୀ

ଗ୍ରାମର ନାମ: କାଟେଣୀ କନ୍ତଳ, ଥାନାର ନାମ: ରାମଚନ୍ଦ୍ରପୁର ,ନଂ. ୧୧୪, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝର

ଜମି ଅଧିଗ୍ରହଣ କେସ୍ ନଂ.: ୦୩/୨୦୧୮

କ୍ର.ନଂ.	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧିସୂଚିତ ଜମିର ରକବା	ପ୍ରତ୍ୟାହାର ରକବା	ରୟତର ନାମ	ମନ୍ତବ୍ୟ
୧	୨	୩	୪	୫	୬	୭	୮
୧	୪	୮୨୫	୧.୦୪୦	୧.୦୪୦	୦.୧୨୦	ଆନନ୍ଦ ଚନ୍ଦ୍ର ଜେନା, ପିତା: ବାସୁଦେବ ଜେନା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ	
୨	୨୦	୬୮୩	୦.୦୯୦	୦.୦୫୦	୦.୦୫୦	କୁନ ପଣ୍ଡା, ପିତା: କୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୩	୨୪	୫୬୬	୧.୩୭୦	୦.୦୨୦	୦.୦୨୦	ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବତ୍ସ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୪		୬୭୦	୦.୫୧୦	୦.୧୦୦	୦.୧୦୦	ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବତ୍ସ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୫	୨୪	୬୭୩	୦.୩୮୦	୦.୧୬୦	୦.୧୬୦	ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବତ୍ସ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୬		୬୭୪	୦.୫୬୦	୦.୩୮୦	୦.୩୮୦	ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବତ୍ସ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୭		୬୭୫	୦.୮୦୦	୦.୦୪୦	୦.୦୪୦	ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବତ୍ସ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୮		୬୭୬	୦.୩୬୦	୦.୨୫୦	୦.୨୫୦	ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବତ୍ସ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୯	୨୬	୮୩୪	୦.୪୬୦	୦.୧୪୦	୦.୧୪୦	କୃଷ୍ଣଚନ୍ଦ୍ର ନାୟକ, ପିତା: ରଘୁନାଥ ନାୟକ, ଜା: ଜ୍ୟୋତିଷ, ବା: କରଡାପାଳ	
୧୦	୩୯	୫୬୮	୦.୮୪୦	୦.୪୬୦	୦.୪୬୦	ଗଣେଶ୍ୱର ବାରିକ, ପିତା: ଜାଇଗ ବାରିକ ଓଗେର, ଜା: ଗୋପାଳ, ବା: କରଡ଼ାପାଳ	
୧୧	୪୨	୭୨୦	୦.୦୭୦	୦.୦୪୦	୦.୦୪୦	ଗଙ୍ଗାଧର ହୋତା, ପିତା: ଚକ୍ରଧର ହୋତା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୧୨		୭୫୮	୦.୧୨୦	୦.୦୬୦	୦.୦୬୦	ଗଙ୍ଗାଧର ହୋତା, ପିତା: ଚକ୍ରଧର ହୋତା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୧୩	୪୭	୭୨୧	୦.୧୨୦	୦.୧୨୦	୦.୧୨୦	ଗୋବର୍ଦ୍ଧନ ପଣ୍ଡା, ପିତା: ଧରଣୀ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୧୪	୬୨	୭୧୩	୦.୭୭୦	୦.୧୬୦	୦.୧୬୦	ଚକ୍ରଧର ସେଠୀ, ପିତା: ଭାବ ସେଠୀ ଓଗେର, ଜା: ଧୋବା, ବା: ଅଙ୍ଗାରୁଆ	
୧୫		୮୨୬	୧.୧୪୦	୦.୩୨୦	୦.୩୨୦	ଚକ୍ରଧର ସେଠୀ, ପିତା: ଭାବ ସେଠୀ ଓଗେର, ଜା: ଧୋବା, ବା: ଅଙ୍ଗାରୁଆ	
୧୬		୮୩୩	୦.୧୩୦	୦.୦୩୦	୦.୦୩୦	ଚକ୍ରଧର ସେଠୀ, ପିତା: ଭାବ ସେଠୀ ଓଗେର, ଜା: ଧୋବା, ବା: ଅଙ୍ଗାରୁଆ	
୧୭	୬୪	୭୧୮	୦.୩୮୦	୦.୦୩୦	୦.୦୩୦	ଚିନ୍ତାମଣି ମହାରଣା, ପିତା: କହ୍ନେଇ ମହାରଣା ଓଗେର, ଜା: କମାର, ବା: କରଡ଼ାପାଳ	
୧୮	୭୧	୭୪୬	୦.୮୧୦	୦.୦୧୦	୦.୦୧୦	ଜଗନ୍ନାଥ ଶତପଥି, ପିତା: ହରି ଶତପଥି ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ	
୧୯		୮୧୧	୦.୫୩୦	୦.୧୩୦	୦.୧୩୦	ଜଗନ୍ନାଥ ଶତପଥି, ପିତା: ହରି ଶତପଥି ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ	
୨୦	୭୯	୮୦୮	୦.୫୨୦	୦.୨୦୦	୦.୨୦୦	ଯୁଧିଷ୍ଠିର ରଥ, ପିତା: ବାଇଧର ରଥ ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୨୧	୯୪	୬୮୬	୦.୨୭୦	୦.୨୩୦	୦.୨୩୦	ଧରଣୀଧର ହୋତା, ପିତା: ଅର୍ଜୁନ ହୋତା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୨୨		୬୮୮	୦.୦୬୦	୦.୦୨୦	୦.୦୨୦	ଧରଣୀଧର ହୋତା, ପିତା: ଅର୍ଜୁନ ହୋତା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ	
୨୩	୧୧୧	୭୧୫	୦.୧୭୦	୦.୦୮୦	୦.୦୮୦	ପଞ୍ଚାନନ ନାୟକ, ପିତା: ସନାତନ ନାୟକ, ଜା:

ଇଟାଲୀ ବିପକ୍ଷ ଡେଭିସ୍ କପ୍ କ୍ୱାଲିଫାୟରରେ ଆମ ପୁରୁଷ ଖେଳାଳିମାନେ ନିଜ ମାଟିରେ ସୁଯୋଗର ସଦୁପଯୋଗ କରିପାରିଲେନି ।

– ମହେଶ ଭୂପତି, ଭାରତୀୟ ଟେନିସ୍ ଟିମ୍‌ର ଅଣଖେଳାଳି ଅଧିନାୟକ

ଦେଶର କ୍ରିକେଟ ବୋର୍ଡରେ ଦୁର୍ନୀତି, ଖେଳାଳିଙ୍କ ମଧ୍ୟରେ ଅନ୍ତଃଦ୍ୱନ୍ଦ୍ୱ ଯୋଗୁ ଚଳିତବର୍ଷ ବିଶ୍ୱକପ୍‌ରେ ଆମ ଦଳଠାରୁ ଭଲ ଆଶା କରିବା ବୃଥା ।

– ଅର୍ଜୁନ ରଣତୁଙ୍ଗା, ଶ୍ରୀଲଙ୍କା କ୍ରିକେଟ କିମ୍ବଦନ୍ତୀ

ସଂକ୍ଷେପରେ

କ୍ରୀଡ଼ା ବଜେଟରେ ବୃଦ୍ଧି

ନୂଆଦିଲ୍ଲୀ, ୧।୨ (ପି.ଟି.)-କେନ୍ଦ୍ର ସରକାର ଶୁକ୍ରବାର ଲୋକ ସଭାରେ ୨୦୧୯-୨୦୨୦ ଆର୍ଥିକ ବର୍ଷ ପାଇଁ ଅନ୍ତରାଣ ବଜେଟ ଉପସ୍ଥାପନ କରିଛନ୍ତି। କ୍ରୀଡ଼ା ବଜେଟରେ ୨୧୪.୨୦ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଏଥିରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପାଇଁ ଉଦ୍ଦିଷ୍ଟ ପାଣ୍ଠି ସମେତ କ୍ରୀଡ଼ାବିତ୍‌ମାନଙ୍କ ଲାଗି ପ୍ରୋତ୍ସାହନ ରାଶି ବୃଦ୍ଧି ଅନ୍ତର୍ଭୁକ୍ତ। କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଅନ୍ତରାଣ ବଜେଟ ଉପସ୍ଥାପନ କରିଥିଲେ। ୨୦୧୯-୨୦୨୦ ପାଇଁ କ୍ରୀଡ଼ା ବଜେଟ ବର୍ତ୍ତମାନ ୨୦୦୨.୭୨ (୨୦୧୮-୨୦୧୯)ରୁ ୨୨୧୬.୯୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସାଇ ପାଇଁ ଅତିରିକ୍ତ ୫୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବାରୁ ମୋଟ ରାଶି ପରିମାଣ ୩୯୫ କୋଟିରୁ ୪୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଦେଶର କ୍ରୀଡ଼ାବିତ୍‌ଙ୍କ ଲାଗି ଖେଳ ଉପକରଣ ଏବଂ ଅନ୍ୟାନ୍ୟ ସରଞ୍ଜାମ ଖରିଦ କରିବା ବ୍ୟତୀତ ଜାତୀୟ କ୍ୟାମ୍ପ ଆୟୋଜନ କରିବାରେ ସାଇ ହେଉଛି ପ୍ରମୁଖ ସଂଗଠନ। ଏହାଛଡ଼ା ଜାତୀୟ କ୍ରୀଡ଼ା ଉନ୍ନୟନ ପାଣ୍ଠି (ଏନ୍‌ଏସ୍‌ଡିଏଫ୍)ର ପରିମାଣକୁ ୨କୋଟିରୁ ୭୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥମନ୍ତ୍ରୀ ଆହୁରି ମଧ୍ୟ କ୍ରୀଡ଼ାବିତ୍‌ମାନଙ୍କ ଲାଗି ପ୍ରୋତ୍ସାହନ ରାଶିକୁ ୬୩ କୋଟିରୁ ୮୯ କୋଟି ଟଙ୍କା ବୃଦ୍ଧି କରିଛନ୍ତି। କିନ୍ତୁ ଅନ୍ୟପକ୍ଷରେ ବଜେଟରେ ଜାତୀୟ କ୍ରୀଡ଼ା ମହାସଂଘ (ଏନଏସ୍‌ଏଫ୍)ଗୁଡ଼ିକ ପାଇଁ ସହାୟତା ରାଶିକୁ ୨୪୫.୧୩ କୋଟିରୁ ୨୪୫ କୋଟି ଟଙ୍କାକୁ ହ୍ରାସ କରାଯାଇଛି। କ୍ରୀଡ଼ାବିତ୍‌ଙ୍କ ଲାଗି ଓଭରାଲ ପ୍ରୋତ୍ସାହନ ଓ ପୁରସ୍କାର ରାଶିରେ ୯୪.୦୭ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଏ ବାବଦରେ ପୂର୍ବରୁ ବଜେଟରେ ୩୧୬.୯୩ କୋଟି ଟଙ୍କା ବ୍ୟୟ ବରାଦ ରହିଥିବାବେଳେ ବର୍ତ୍ତମାନ ଏହାର ପରିମାଣ ୪୧୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କ୍ରୀଡ଼ାର ବିକାଶ ପାଇଁ ଉଦ୍ଦିଷ୍ଟ ଜାତୀୟ କାର୍ଯ୍ୟକ୍ରମ ଖେଲୋ ଇଣ୍ଡିଆ ଲାଗି ବଜେଟରେ ଆହୁରି ୫୦.୩୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଫଳରେ ଏ ବାବଦରେ ମୋଟ ରାଶି ୫୫୦.୬୯କୋଟି ଟଙ୍କାରୁ ୬୦୧ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ବର୍ନ୍ସ, ହେଡଙ୍କ ବୃହତ୍ ଶତକ

କାନବେରା,୧।୨(ପି.ଟି.)- ସ୍ଥାନୀୟ ମନୁକା ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ଦମ୍‌ଦାର ପ୍ରଦର୍ଶନ କରିଛି। ୨୮ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଓପନର ଜୋ ବର୍ନ୍ସ ଓ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଟ୍ରାଭିସ୍ ହେଡଙ୍କ ବୃହତ୍ ଶତକ ସହାୟତାରେ ଅଷ୍ଟ୍ରେଲିଆ ସ୍ଥିତି ସମ୍ଭାଳିବା ସହ ବଡ଼ ସ୍କୋର ହାସଲ କରିବାକୁ ସକ୍ଷମ ହୋଇଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୭ ଓଭରରେ ୪ ଉଇକେଟ ହରାଇ ୩୮୪ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ବର୍ନ୍ସ ୨୪୩ଟି ବଲ ଖେଳି ୨୬ଟି ଚୌକା ସହ ୧୭୨ ରନ ଓ କୁର୍ଟିସ୍ ପାଟରସନ ୨୫ ରନ କରି ଅପରାଜିତ ରହିଛନ୍ତି। ବର୍ନ୍ସଙ୍କ ଶତକକୁ ବାଦ୍ ଦେଲେ ହେଡ ୨୦୪ଟି ବଲ୍ ଖେଳି ୨୧ ଚୌକା ଓ ଗୋଟିଏ ଛକା ସହ ୧୬୧ ରନର ଶତକୀୟ ପାଳି ଖେଳି ଆଉଟ ହୋଇଛନ୍ତି। ଚତୁର୍ଥ ଉଇକେଟ ଯୋଡିରେ ବର୍ନ୍ସ ଓ ହେଡ ୩୦୮ ରନ କରି ସ୍ଥିତି ସମ୍ଭାଳିବା ଓ ଦଳର ସ୍ଥିତିକୁ ମଜଭୁତ କରିଥିଲେ। ଓପନର ମାର୍କସ ହାରିସ୍ ୧୧ ରନ କରି ପ୍ରଥମେ ଆଉଟ ହେବା ପରେ ଉସ୍‌ମାନ ଖ୍ୱାଜା ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଦ୍ରୁତ ବୋଲର ବିଶ୍ୱ ଫର୍ନାଣ୍ଡୋଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହା ପରେ ମାର୍କସ ଲାବୁଶନ ୬ ରନ କରିଥିବା ବେଳେ ଚମିକା କରୁଣାରତ୍ନେଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ବୃହତ ଶତକ ହାସଲ କରି କ୍ରିଜ୍‌ରେ ଜମିଆସୁଥିବା ବେଳେ ହେଡ ଏଲବିଡବ୍ଲ୍ୟୁ ହୋଇ ଫର୍ନାଣ୍ଡୋଙ୍କ ତୃତୀୟ ଶିକାର ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଫର୍ନାଣ୍ଡୋ ୩ ଓ କରୁଣାରତ୍ନେ ଗୋଟିଏ ଉଇକେଟ ହାସଲ କରିଥିଲେ।

ନେରୋକାକୁ ଜିତାଇଲେ ୟୁସା

ଆଇ-ଲିଗ୍ ଫୁଟ୍‌ବଲ

ଭୁବନେଶ୍ୱର, ୧।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଦ୍ୱାଦଶ ଆଇ-ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତାର ୭୯ତମ ମୁକାବିଲାରେ ମଣିପୁର ଦଳ ନେରୋକା ଏଫ୍‌ସି ୩-୨ ଗୋଲରେ ଘରୋଇ ଇଣ୍ଡିଆନ୍ ଆରୋଜକୁ ପରାସ୍ତ କରିଛି। ନେରୋକାର ବିଦେଶୀ ଖେଳାଳି ଜାପାନର କାଟ୍‌ସୁମି ୟୁସା ଡବଲ୍ ଗୋଲ ସ୍କୋର କରି ଦଳର ବିଜୟରେ ନାୟକ ସାଜିଥିଲେ। ଏଥିସହ ନେରୋକା ୧୫ ମ୍ୟାଚ୍‌ରୁ ୭ମ ବିଜୟ, ୪ ପରାଜୟ ଓ ୪ ଡ୍ର' ସହ ୨୫ ପଏଣ୍ଟ ପାଇ ଟେବୁଲ ତାଲିକାରେ ୫ମ ସ୍ଥାନରେ ରହିଛି। ଅପରପକ୍ଷରେ ଯୁବ ଖେଳାଳିଙ୍କୁ ନେଇ ଗଠିତ ଇଣ୍ଡିଆନ୍ ଆରୋଜ୍ ୧୫ ମ୍ୟାଚ୍‌ରୁ ୧୦ମ ପରାଜୟ, ୪ ବିଜୟ ଓ ଗୋଟିଏ ଡ୍ର' ସହ ୧୩ ପଏଣ୍ଟ ପାଇ ଟେବୁଲ ତାଲିକାର ଗୋଟିଏ ପାହାଚ ତଳକୁ ଖସି ୯ମ ସ୍ଥାନରେ ରହିଛି।

କଳିଙ୍ଗ ଷ୍ଟାଡିୟମକୁ ନିଜର ଘରୋଇ ଭେନ୍ୟୁ ଭାବେ ଚୟନ କରିଥିବା ଇଣ୍ଡିଆନ୍ ଆରୋଜ୍ ମ୍ୟାଚ୍‌ରେ ଅଭିଜ୍ଞ ଖେଳାଳିଙ୍କୁ ନେଇ ଗଠିତ ନେରୋକା ଆଗରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲା। ମ୍ୟାଚ୍ ପ୍ରାରମ୍ଭରୁ ନେରୋକା ପ୍ରଭାବ ବିସ୍ତାର କରି ଖେଳିଥିଲା। କିନ୍ତୁ ୩୪ତମ ମିନିଟ୍‌ରେ ଆରୋଜ୍ ପ୍ରଥମ ଗୋଲ ସ୍କୋର କରିବାରେ ସଫଳ ହୋଇଥିଲା। ମିଡ୍‌ଫିଲ୍ଡର ବୋରିସ ସିଂ ଥଙ୍ଗଜାମ ଏହି ଗୋଲଟି କରି ଦଳକୁ ୧-୦ରେ ଅଗ୍ରଣୀ ଦେଇଥିଲେ। ଏହା ମଧ୍ୟ ଚଳିତ ସିଜନରେ ପ୍ରତିଯୋଗିତାର ୨୦୦ତମ ଗୋଲ ସ୍କୋର ଥିଲା। ତେବେ ଘରୋଇ ଆରୋଜ୍ ଦଳର ଏହି ଖୁସି ବେଶି ସମୟ ରହି ନ ଥିଲା। ଏହାର ୪ ମିନିଟ୍ ପରେ ନେରୋକାର ନାଇଜେରିଆନ୍ ଖେଳାଳି ଫେଲିକ୍ସ ଓଡିଲି ଚିଡି ଗୋଲ ସ୍କୋର କରି ମ୍ୟାଚ୍‌କୁ ୧-୧ସ୍ତରକୁ ଆଣିଥିଲେ। ପ୍ରଥମାର୍ଦ୍ଧରେ ଆଉ କୌଣସି ଗୋଲ ହୋଇ ନ ଥିଲା। ତେବେ ଦ୍ୱିତୀୟାର୍ଦ୍ଧ ବେଶ୍ ରୋମାଞ୍ଚକ ରହିଥିଲା। ଛ' ମିନିଟ୍ ଅନ୍ତରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିବା ଦ୍ୱାରା ମ୍ୟାଚ୍ ୨-୨ର ବରାବର୍ ସ୍ଥିତିରେ ରହିଥିଲା। ୬୨ତମ ମିନିଟ୍‌ରେ ଆରୋଜ୍‌ର ଫରୱାର୍ଡ ରୋହିତ୍ ଦାନୁ ଗୋଟିଏ ଗୋଲସ୍କୋର କରିଥିବାବେଳେ ନେରୋକାର ୧୦ ନମ୍ବର ଜର୍ସି ପରିଧାନ କରିଥିବା କାଟ୍‌ସୁମି ୟୁସା ଏହାକୁ ଶୁଝି ଦେଇଥିଲେ। ୟୁସା ଏକ ଚମତ୍କାର ହେଡ୍ ଜରିଆରେ ଏହି ଗୋଲଟି କରିଥିଲେ। ମ୍ୟାଚ୍ ୨-୨ ସ୍ଥିତିରେ ରହିବାରୁ ଶେଷ ଆଡ଼କୁ ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ବିଶେଷ କରି ଆରୋଜର ଯୁବ ଖେଳାଳିମାନେ କେତେକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଗୋଲରେ ପରିଣତ କରିବାରେ ବିଫଳ ରହିଥିଲେ। ତେବେ ନିର୍ଦ୍ଧାରିତ ସମୟ ଶେଷ ହେବାକୁ ଆଉ ୩ ମିନିଟ୍ ବାକି ଥିବାବେଳେ ଆରୋଜର ଖେଳାଳି ଡି' ଏରିଆରେ ହ୍ୟାଣ୍ଡବଲ କରିଥିଲେ। ଫଳରେ ନେରୋକାକୁ ପେନାଲ୍ଟି ସୁଯୋଗ ମିଳିଥିଲା। ଜାପାନର ୟୁସା (୮୭ତମ ମିନିଟ୍) ଏଥିରେ କୌଣସି ତ୍ରୁଟି ନ କରି ଗୋଲରେ ପରିଣତ କରିଥିଲେ। ଫଳରେ ନେରୋକା ୩-୨ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଆରୋଜ୍ ଖେଳାଳିମାନେ ଅତିରିକ୍ତ ୩ ମିନିଟ୍ ସମୟରେ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିବାକୁ ଜୋର୍‌ଦାର ପ୍ରୟାସ କରିଥିଲେ। ମ୍ୟାଚ୍ ସମାପ୍ତ ହେବାକୁ ଆଉ କିଛିକ୍ଷଣ ବାକି ଥିବାବେଳେ ଆରୋଜର ଏକ ନିଶ୍ଚିତ ଶର୍ଟକୁ ଅଟକାଇ ନେରୋକା ଗୋଲକିପର ଦଳକୁ ପୂର୍ଣ୍ଣ ୩ ପଏଣ୍ଟ ପ୍ରଦାନ କରିଥିଲେ। ଭାରତୀୟ ମହିଳା ଫୁଟ୍‌ବଲ ଦଳର ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ମୁଖ୍ୟଅତିଥିଭାବେ ଯୋଗଦେଇ ଇଣ୍ଡିଆନ୍ ଆରୋଜର ବୋରିସ ସିଂଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଆରୋଜ ଆସନ୍ତା ୫ରେ କଳିଙ୍ଗ ଷ୍ଟାଡିୟମରେ ମିନର୍ଭା ପଞ୍ଜାବକୁ ଭେଟିବ।

ନେରୋକା ଏଫ୍‌ସି ପକ୍ଷରୁ ଡବଲ ଗୋଲ ସ୍କୋର କରିଥିବା କାଟ୍‌ସୁମି ୟୁସା (ବାମ)।

ଗୋଲସ୍କୋରର

ଇଣ୍ଡିଆନ୍ ଆରୋଜ୍
- ବୋରିସ ସିଂ- ୩୪ତମ ମିନିଟ୍
- ରୋହିତ୍ ଦାନୁ- ୬୨ତମ

ନେରୋକା ଏଫ୍‌ସି
- ଫେଲିକ୍ସ ଚିଡି- ୩୮ତମ ମିନିଟ୍
- କାଟ୍‌ସୁମି ୟୁସା- ୬୮ତମ ଓ ୮୭ତମ

■ ଡେଭିସ୍ କପ୍ କ୍ୱାଲିଫାୟର୍ସ

ଭାରତ ୨-୦ରେ ପଛୁଆ

କୋଲକାତା,୧।୨(ପି.ଟି.)

ସ୍ଥାନୀୟ କୋଲକାତା ସାଉଥ୍ କ୍ଲବ ଗ୍ରାସ୍ କୋର୍ଟରେ ଭାରତ ଓ ଶକ୍ତିଶାଳୀ ଇଟାଲୀ ମଧ୍ୟରେ ଆରମ୍ଭ ହୋଇଛି ଡେଭିସ୍ କପ୍ କ୍ୱାଲିଫାୟର୍ସ ମୁକାବିଲା। ଏଥିରେ ଇଟାଲୀ ତା'ର ଯଶ ଅନୁରୂପ ପ୍ରଦର୍ଶନ କରି ଭାରତକୁ ଦୁଇଟି ଯାକ ସିଙ୍ଗଲ୍ସ ମ୍ୟାଚ୍‌ରେ ପରାସ୍ତ କରି ୨-୦ରେ ଅଗ୍ରଣୀ ହାସଲ କରିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ଗୁଡିକରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍‌ରେ ଅଭିଜ୍ଞ ଆଣ୍ଡ୍ରିଆସ୍ ସିପ୍ପି ୬-୪, ୬-୨ ସେଟରେ ରାମକୁମାର ରାମନାଥନଙ୍କୁ ପରାସ୍ତ କରି ଇଟାଲୀକୁ ୧-୦ରେ ଅଗ୍ରଣୀ କରାଇଥିଲେ। ସେହିପରି ଦ୍ୱିତୀୟ ସିଙ୍ଗଲ୍ସ ମୁକାବିଲାରେ ଡେବ୍ୟୁ କରିଥିବା ୨୨ ବର୍ଷୀୟ ମାଟେଓ ବେରେଟିନି ବିଜୟୀ ହୋଇଥିଲେ। ସେ ଭାରତର ୧ ନମ୍ବର ଖେଳାଳି ପ୍ରଜନେଶ ଗୁଣେଶ୍ୱରନଙ୍କୁ ୬-୪, ୬-୩ ସେଟରେ ପରାସ୍ତ କରିଥିଲେ। ଫଳରେ ୨-୦ରେ ପଛରେ ପଡିଥିବା ଭାରତ ଏବେ କର ବା ମର ସ୍ଥିତିର ସମ୍ମୁଖୀନ ହୋଇଛି। ଭାରତୀୟ ଡବଲ୍ସ ଯୋଡି ରୋହନ ବୋପାନ୍ନା ଓ ଦିଭିଜ ଶରଣ ଶନିବାର ଖେଳାଯିବାକୁ ଥିବା ଡବଲ୍ସରେ ଜିତିବା ଅପରିହାର୍ଯ୍ୟ ହୋଇପଡିଛି। ଦୁଇଟି ଯାକ ସିଙ୍ଗଲ୍ସ ମ୍ୟାଚ୍‌ରେ ଇଟାଲୀ ଖେଳାଳି ପ୍ରଭାବ ବିସ୍ତାର କରି ଖେଳିଥିଲେ।

ଇଟାଲୀ ତରଫରୁ ଟପ୍ ର୍ୟାଙ୍କର ସିଙ୍ଗଲ୍ସ ଖେଳାଳି ମାର୍କୋ ସେଚିନାଟୋ ଓ ସାଇମନ ବୋଲେଲି ଡବଲ୍ସ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ। ତେଣୁ ଶନିବାର ମୁକାବିଲା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଆମ ଖେଳାଳିଙ୍କୁ ଉନ୍ନତ ପ୍ରଦର୍ଶନ କରିବାକୁ ପଡିବ ବୋଲି ଭାରତୀୟ ନନ୍ ପ୍ଲେଇଙ୍ଗ୍ କ୍ୟାପଟେନ ମହେଶ ଭୂପତି କହିଛନ୍ତି। ଗତବର୍ଷ ଠିକ ଏହିଭଳି ସ୍ଥିତିରେ ଭାରତ ଚାଇନା ବିପକ୍ଷ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରି ବାଜି ମାରିଥିଲା। ଏସିଆ/ ଓସେନିଆ ଗ୍ରୁପ୍-୧ ରବରରେ ୨-୦ରେ ପଛରେ ପଡିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍ ହାତେଇ ନେଇଥିଲା। ଇଟାଲୀ ଖେଳାଳିମାନେ ବେଶ୍ ଅଭିଜ୍ଞ। ଭାରତ ଉପରେ ଚାପ୍ ରହିଛି। ତେବେ ଭାରତ ପ୍ରତ୍ୟାବର୍ତ୍ତନ କରିବ ବୋଲି ଭୂପତି ଆଶାପ୍ରକାଶ କରିଛନ୍ତି। ଟପ୍ ର୍ୟାଙ୍କ ତଥା ବିଶ୍ୱର ୧୯ ନମ୍ବର ଖେଳାଳି ମାର୍କୋ ସେଚିନାଟୋଙ୍କ ବଦଳରେ ଇଟାଲୀ ବେରେଟିନିଙ୍କୁ ଖେଳାଇଥିଲା। କୋର୍ଟରେ ଉପସ୍ଥିତ ଭାରତୀୟ ସମର୍ଥକ ଖେଳାଳିଙ୍କୁ ବେଶ୍ ଉତ୍ସାହିତ କରିଥିଲେ। ରାମକୁମାର ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୩୩ତମ ସ୍ଥାନରେ ରହିଛନ୍ତି। ସେହିପରି ଗୁଣେଶ୍ୱରନ ୧୦୨ ନମ୍ବର ସ୍ଥାନରେ ରହିଛନ୍ତି।

ପ୍ରଜନେଶ ଗୁଣେଶ୍ୱରନ

■ ୯ରୁ କଳିଙ୍ଗରେ ଚତୁଃରାଷ୍ଟ୍ରୀୟ ଗୋଲ୍ଡକପ୍ ମହିଳା ଫୁଟବଲ

ଭାରତ- ଇରାନ ଉଦ୍‌ଘାଟନୀ ମୁକାବିଲା

ଭୁବନେଶ୍ୱର,୧।୨

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ପୁଣି ଥରେ ଏକ ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଆସନ୍ତା ୯ ତାରିଖରୁ ନୂଆକରି ଆରମ୍ଭ ହେବାକୁ ଥିବା ହିରୋ ଗୋଲ୍ଡ କପ୍ ମହିଳା ଆନ୍ତର୍ଜାତିକ ଫୁଟବଲ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଭାରତ ଓ ଇରାନ ପରସ୍ପରକୁ ଭେଟିବେ। ୪ଟି ଦେଶର ସିନିୟର ମହିଳା ଦଳକୁ ନେଇ ପ୍ରଥମଥର ପାଇଁ ଏଭଳି ଟୁର୍ନାମେଣ୍ଟ ଖେଳାଯିବ। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ମେଗା ଫୁଟବଲ ଇଭେଣ୍ଟ ଆୟୋଜନ ହେବ। ଭାରତ ଓ ଇରାନକୁ ବାଦ୍ ଦେଲେ ମ୍ୟାନ୍‌ମାର ଓ ନେପାଳ ମଧ୍ୟ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ନାମେଣ୍ଟ ରାଉଣ୍ଡ ରବିନ୍ ଫର୍ମାଟରେ ଖେଳାଯିବ। ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲ ମ୍ୟାଚ୍‌ରେ ୧୫ ତାରିଖରେ ମୁହାଁମୁହିଁ ହେବେ। ଆଗକୁ ଏପ୍ରିଲ୍‌ରେ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଭାରତୀୟ ମହିଳା ଦଳକୁ ବିଶ୍ୱସ୍ତରୀୟ ଅଭିଜ୍ଞତା ଓ ଅଭ୍ୟାସ ପ୍ରଦାନ କରିବାକୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ କହିଛନ୍ତି। ଫିଫା ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ମହିଳା ଦଳ ୬୨ତମ ସ୍ଥାନରେ ରହିଥିବା ବେଳେ ମ୍ୟାନମାର ୪୪, ଇରାନ ୬୦ ଓ ନେପାଳ ୧୦୮ତମ ସ୍ଥାନରେ ରହିଛି। କଳିଙ୍ଗ ଷ୍ଟାଡିୟମ ଏହି ଟୁର୍ନାମେଣ୍ଟ ଆୟୋଜନ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ସୂଚନା ଦିଆଯାଇଛି।

କାର୍ଯ୍ୟସୂଚୀ
- ଫେବୃୟାରୀ ୯
  ଭାରତ- ଇରାନ (ସନ୍ଧ୍ୟା ୭)
  ମ୍ୟାନମାର-ନେପାଳ(ଅପରାହ୍ନ ୪ଟା)
- ଫେବୃୟାରୀ ୧୧:
  ମ୍ୟାନମାର- ଇରାନ (ଅପରାହ୍ନ ୪ଟା)
  ଭାରତ- ନେପାଳ (ସନ୍ଧ୍ୟା ୭ଟା)
- ଫେବୃୟାରୀ- ୧୩
  ଇରାନ- ନେପାଳ (ଅପରାହ୍ନ ୪ଟା)
  ଭାରତ- ମିଆଁମାର (ସନ୍ଧ୍ୟା ୭ଟା)
- ଫେବୃୟାରୀ ୧୫: ଫାଇନାଲ

ମିଥାଲି ରାଜ ପ୍ରଥମ ମହିଳା କ୍ରିକେଟର

ହାମିଲଟନ,୧।୨

ଭାରତୀୟ କ୍ରିକେଟ ଦଳର ଅଧିନାୟିକା ମିଥାଲି ରାଜ ଶୁକ୍ରବାର ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ମହିଳା କ୍ରିକେଟର ଭାବେ ୨୦୦ତମ ମ୍ୟାଚ୍ ଖେଳିଛନ୍ତି। ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ୩ୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ମିଥାଲି ଏହି ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ମାତ୍ର ମିଥାଲି କ୍ୟାରିୟରର ୨୦୦ତମ ମ୍ୟାଚ୍‌ରେ କିଛି ଖାସ କରି ପାରି ନାହାନ୍ତି। ସେ ୨୮ ବଲର ସମ୍ମୁଖୀନ ହୋଇ ୯ ରନ୍ କରି ଆଉଟ୍ ହୋଇଛନ୍ତି। ୩୬ ବର୍ଷୀୟ ବ୍ୟାଟ୍ସୱମେନ ଦିନିକିଆ ଫର୍ମାଟରେ ୫୧.୩୩ ହାରରେ ୬୬୨୨ ରନ୍ କରିଛନ୍ତି, ଯାହାକି ମହିଳା କ୍ରିକେଟରଙ୍କ ମଧ୍ୟରେ ସର୍ବାଧିକ। ଏଣୁ ତାଙ୍କୁ ମହିଳା କ୍ରିକେଟର ସଚିନ ତେନ୍ଦୁଲକର ବୋଲି ବିବେଚିତ କରାଯାଏ। ୧୯୯୯ରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ମିଥାଲି ଏପର୍ଯ୍ୟନ୍ତ ଭାରତ ଖେଳିଥିବା ୨୬୩ ମ୍ୟାଚ୍ ମଧ୍ୟରୁ ୨୦୦ ମ୍ୟାଚ୍‌ରେ ଖେଳିଛନ୍ତି। ଏହାବାଦ ସେ ୧୦ ଟେଷ୍ଟ ଓ ୮୫ ଟି୨୦ ମ୍ୟାଚ୍‌ରେ ମଧ୍ୟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ମିଥାଲିଙ୍କ କ୍ୟାରିୟରର ମହିଳା କ୍ରିକେଟରଙ୍କ ମଧ୍ୟରେ ସବୁଠୁ ଲମ୍ବା। ତେବେ କ୍ରିକେଟ ଇତିହାସରେ ଲମ୍ବା କ୍ୟାରିୟର ତାଲିକାରେ ସଚିନ ତେନ୍ଦୁଲକର, ଶନଥ ଜୟସୁରିୟା ଓ ଜାଭେଦ ମିଆଁଦାଦଙ୍କ ପଛକୁ ମିଥାଲି ୪ର୍ଥ ସ୍ଥାନରେ ରହିଛନ୍ତି।

ନ୍ୟୁଜିଲାଣ୍ଡର ସାନ୍ତ୍ୱନାମୂଳକ ବିଜୟ

ଏଠାରେ ଖେଳାଯାଇଥିବା ଭାରତୀୟ ମହିଳା

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଫେବୃୟାରୀ ୨/୨୦୧୯ Balasore, Saturday, February 2/2019

ସଂକ୍ଷେପରେ

ଅବସରପ୍ରାପ୍ତ ପ୍ରିନ୍ସିପାଲଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟିନେଲେ ଦୁର୍ବୃତ୍ତ

ଉଦଳା, ୧।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ମାର୍କେଟରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଅବସରପ୍ରାପ୍ତ ପ୍ରିନ୍ସିପାଲଙ୍କ ଟଙ୍କା ବ୍ୟାଗକୁ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଉଦଳା ଥାନା ଆଇଆଇସି ସନାତନ ସାହୁ କହିଛନ୍ତି। ଶୁକ୍ରବାର ଉଦଳାରେ ସାପ୍ତାହିକ ହାଟ ଥିଲା। ଉଦଳା କଲେଜର ପୂର୍ବତନ ପ୍ରିନ୍ସିପାଲ ତଥା କପ୍ତିପଦା ବ୍ଲକ ନୂଆସାହି ଅଞ୍ଚଳର ବାସିନ୍ଦା କାଳିଚରଣ ମହାନ୍ତି ଉଦଳା ଷ୍ଟେଟବ୍ୟାଙ୍କରୁ ୧୮ହଜାର ଟଙ୍କା ଉଠାଇ ବାଇକରେ ଏକ ବ୍ୟାଗରେ ଟଙ୍କା ଏବଂ ବ୍ୟାଙ୍କ ପାସବୁକ୍ ରଖିଥିଲେ। ଏହାପରେ ସେ ଉଦଳା ମୁଖ୍ୟବଜାର କାଳି ମନ୍ଦିର- ଚକାଡୋଳା ମାର୍କେଟ ମଝିରେ ରାସ୍ତା ପାର୍ଶ୍ୱରେ ଗାଡି ରଖି ଏକ ତେଜରାତି ଦୋକାନକୁ ଯାଇଥିଲେ। ପୂର୍ବରୁ ତାଙ୍କୁ ଅନୁଧ୍ୟାନ କରୁଥିବା ଜଣେ ଯୁବକ ଆସି ଟଙ୍କା ବ୍ୟାଗକୁ ନେଇଯାଇଥିଲେ। ଆଗରେ ବାଇକ୍‌ରେ ଛକି ରହିଥିବା ଅନ୍ୟ ଜଣେ ଯୁବକଙ୍କ ସହ ଫେରାର ହୋଇଯାଇଥିଲେ। ଅବସରପ୍ରାପ୍ତ ପ୍ରିନ୍ସିପାଲ ଚିତ୍କାର କରିଥିଲେ ସୁଦ୍ଧା କେହି ଦୁର୍ବୃତ୍ତମାନଙ୍କୁ ଧରିପାରି ନ ଥିଲେ।

ସିପିଆଇ ପକ୍ଷରୁ ସଦ୍‌ଭାବନା ଦିବସ

ବନ୍ତ, ୧।୨ (ଡି.ଏନ.ଏ.): ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ବନ୍ତ ଜୋନ୍ କମିଟି ପକ୍ଷରୁ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ବନ୍ତସ୍ଥିତ ସିପିଆଇ କାର୍ଯ୍ୟାଳୟଠାରେ ଗାନ୍ଧୀଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଶତାଧିକ ସମର୍ଥକ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ବନ୍ତ ବଜାର ପରିକ୍ରମା କରିଥିଲେ। ପରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଫକୀର ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ବାବାଜି ଚରଣ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଦୁର୍ଘଟଣା ନେଲା ଯୁବକଙ୍କ ଜୀବନ

ଭଦ୍ରକ ଅଫିସ, ୧।୨: ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଭଟପୁର ଗ୍ରାମର ସୋମନାଥ ବେହେରା ଗୁରୁବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ଏକ ବାଇକ୍ ପଛରେ ବସି ଭଦ୍ରକରୁ ଘରକୁ ଫେରୁଥିବା ବେଳେ ଆରଡ଼ି ରାସ୍ତାର ଲାଙ୍ଗୁଡି ଇଟାଭାଟି ନିକଟରେ ଏକ କୁକୁର ଗାଡ଼ି ଆଗକୁ ଚାଲିଆସିଥିଲା। ଫଳରେ ଭାରସାମ୍ୟ ହରାଇ ସୋମନାଥ ରାସ୍ତାକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଶୁକ୍ରବାର ମଧ୍ୟାହ୍ନରେ ମୃତଦେହ ବ୍ୟବେଚ୍ଛଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ଆନ୍ତଃ ଜିଲା ଲୁଟେରା ଗିରଫ

ତିହିଡ଼ି, ୧।୨ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ପୋଲିସ ଜଣେ ଆନ୍ତଃ ଜିଲା ଲୁଟେରାଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଦୋଳସାହି ପଞ୍ଚାୟତ ଗାଜିପୁର ଗ୍ରାମର ଅଭୟ ଖାମୁରାଇ। ସେ କିଛିଦିନ ତଳେ ମନୋଜ ପାଢ଼ୀ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨ଟି ମୋବାଇଲ ଚୋରି କରି ନେଇଥିଲେ। ଏହି ଘଟଣାରେ ତିହିଡ଼ି ଥାନାରେ ଏକ ମାମଲା(ନଂ. ୪୬/୧୯) ରୁଜୁ କରାଯାଇଥିଲା। ପୋଲିସ ତଦନ୍ତ କରି ଅଭୟଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨ଟି ମୋବାଇଲ ଜବତ କରିଛି। ଅଭୟ ବିଭିନ୍ନ ଜିଲାରେ ବାଇକ୍ ଓ ଏଟିଏମ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବାରୁ ତାଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।

ଶୌଚାଳୟ କରି ବିଲ୍ ମିଳୁନି

ବନ୍ତ,୧।୨ (ଡି.ଏନ୍.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଛୟାଳସିଂ ପଞ୍ଚାୟତ ଗଣ୍ଡକୁରା ଗ୍ରାମର ଗଣେଶ ପ୍ରସାଦ ଦାସ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଏକ ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ୩ ମାସ ହେବ ସେ ଶୌଚାଳୟ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ ମଧ୍ୟ ତାଙ୍କୁ ପ୍ରାପ୍ୟ ଅର୍ଥ ତଥା ବିଲ୍ ପ୍ରଦାନ କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଥିନେଇ ସେ ବାରମ୍ବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହୋଇଛନ୍ତି। ସେ ଏ ସମ୍ପର୍କରେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

୩ରେ ରାଇରଙ୍ଗପୁର ଆସୁଛନ୍ତି ମୁଖ୍ୟମନ୍ତ୍ରୀ

୨୧ ଉଦ୍‌ଘାଟନ ଓ ୧୫ ପ୍ରକଳ୍ପର ଶିଳାନ୍ୟାସ ହେବ

ବାରିପଦା ଅଫିସ,୧।୨

ମିଶନ ଶକ୍ତି ପକ୍ଷରୁ ଆସନ୍ତା ୩ ତାରିଖରେ ରାଇରଙ୍ଗପୁର ମହୁଲଡ଼ିଆଠାରେ ଆୟୋଜିତ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେବେ ବୋଲି ଜିଲା ସମାଜ କଲ୍ୟାଣ ଅଧିକାରିଣୀ କୁସୁମମାଳା ମିଶ୍ର କହିଛନ୍ତି। ଏ ନେଇ ଜିଲା ପ୍ରସାଶନ ପକ୍ଷରୁ ପ୍ରସ୍ତୁତି ବୃତ୍ତାନ୍ତ ହୋଇଛି। ମୁଖ୍ୟମନ୍ତ୍ରୀ କେତେବେଳେ ସମାବେଶକୁ ପହଞ୍ଚିବେ ସେ ନେଇ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା କୌଣସି ସୂଚନା ଦିଆଯାଇ ନ ଥିବା ଜଣାଯାଇଛି। କରଞ୍ଜିଆ ଓ ରାଇରଙ୍ଗପୁର ଉପଖଣ୍ଡବାସୀଙ୍କ ଉଦ୍ଦେଶ୍ୟରେ ୨୧ ପ୍ରକଳ୍ପର ଉଦ୍‌ଘାଟନ ଓ ୧୫ ପ୍ରକଳ୍ପର ଶିଳାନ୍ୟାସ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବାର କରିବାର କାର୍ଯ୍ୟସୂଚୀ ବୃତ୍ତାନ୍ତ ହୋଇଛି।

ସୁଚନାଯୋଗ୍ୟ, ଗତ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଗସ୍ତରେ ଆସିଥିଲେ। ବାରିପଦା ଓ ଉଦଳା ଉପଖଣ୍ଡର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେହିପରି ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକୁ ସରକାରୀ ଯୋଜନା ଜରିଆରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ୫ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଗୋଟିଏ ଜିଲାକୁ ଦୁଇ ଥର ଗସ୍ତ କରିବା ପ୍ରଥମ ଘଟଣା। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଜେଡିର ଏହା ନିର୍ବାଚନୀ ପ୍ରଚାର ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି।

କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କ ନିର୍ଦ୍ଦେଶ

ଖଇରା, ୧।୨(ଡି.ଏନ.ଏ.)

ଖଇରା ବ୍ଲକ ଅଧୀନ ଫଗୁନା ଏମ୍‌ଇ ସ୍କୁଲରେ ଜମି ହେରଫେର ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳ ଖଇରା ତହସିଲଦାରଙ୍କୁ ନିର୍ଦ୍ଦେଶ

ଫଗୁଣା ଏମ୍‌ଇ ସ୍କୁଲର ଜମି ଗାଏବ ଘଟଣା

ଦେଇଛନ୍ତି। ତଦନ୍ତ ସମ୍ପର୍କରେ ଜାନୁୟାରୀ ୨୯ତାରିଖରେ ଚିଠି ନଂ.୨୫/ଆରଇଆରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ ପ୍ରତିଷ୍ଠା ସମୟରେ ଉକ୍ତ ସ୍କୁଲକୁ ଦାନ କରାଯାଇଥିବା ୨ଏକର ୫୦ଡିସିମିଲ ଜମି ବିଭିନ୍ନ ସମୟରେ ଅନ୍ୟ ଲୋକଙ୍କୁ ବିକ୍ରି କରି ଦିଆଯାଇଛି। ଏ ସମ୍ପର୍କରେ ନିକଟରେ ଗ୍ରାମବାସୀ ସୂଚନା ଆଇନରେ ଜାଣିବା ପରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରେ ଚିଠି ପହଞ୍ଚି ସାରିଛି। ଖୁବଶୀଘ୍ର ଜମି ସଂକ୍ରାନ୍ତରେ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି।

ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା, ୨ ଆହତ

ବାଙ୍ଗିରିପୋଷି, ୧।୨(ଡି.ଏନ.ଏ.)

ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦ୍ୱାରଶୁଣୀ ଘାଟିରେ ଏକ ଚମଡା ବୋଝେଇ ଟ୍ରକ (ନଂ.ଡବ୍ଲ୍ୟୁବି୧୧ଡି୫୧୮୬) କଲିକତା ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଘାଟି ରାସ୍ତା ମଝିରେ ଓଲଟି ପଡିଛି। ଫଳରେ ଟ୍ରକ ଚାଳକ ଏବଂ ହେଲପର ଆହତ ହୋଇଛନ୍ତି। ବାଙ୍ଗିରିପୋଷି ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ।

ଓଲଟି ପଡ଼ିଥିବା ଟ୍ରକ୍।

ନିର୍ବନ୍ଧ ପ୍ରସ୍ତୁତି ଚାଲିଥିଲା ବେଳେ ଖସି ପଳାଇଲେ ନାବାଳିକା

ବାଙ୍ଗିରିପୋଷି, ୧।୨(ଡି.ଏନ.ଏ.)

ଉଦ୍ଧାର କଲା ପ୍ରଶାସନ

ଜଣେ ନାବାଳିକାଙ୍କୁ ଜରବଦସ୍ତ ବିବାହ କରାଇବା ଲାଗି ତାଙ୍କ ପରିବାର ଲୋକେ ପ୍ରସ୍ତୁତି ଚଳାଇଥିବା ବେଳେ ମୟୂରଭଞ୍ଜ ଜିଲା ଚାଇଲ୍ଡଲାଇନ ଖବର ପାଇ ଉଦ୍ଧାର କରିଛି। ଘଟଣା ଘଟିଛି ଝାରପୋଖରିଆ ଥାନା ଅଞ୍ଚଳରେ।

ଉକ୍ତ ନାବାଳିକାଙ୍କ ବାପାଙ୍କ ମୃତ୍ୟୁ ପରେ ସେ ତାଙ୍କ ମାଉସୀ ଘରେ ରହି ପାଠ ପଢୁଥିଲେ। ସେଠାରେ ତାଙ୍କ ଅଜାଣତରେ ତାଙ୍କ ମାଉସୀ, ମଉସା ବିବାହ କରାଇବା ଲାଗି ଉଦ୍ୟମ ଆରମ୍ଭ କରିଥିଲେ। ଶୁକ୍ରବାର ତାଙ୍କର ନିର୍ବନ୍ଧ ଲାଗି ଜୋରସୋରରେ ପ୍ରସ୍ତୁତି ଚାଲିଥିବା ବେଳେ ସମ୍ପୃକ୍ତା ନାବାଳିକା ଜାଣିପାରି ହତଚକିତ ହୋଇପଡିଥିଲେ। ସେ ତୁରନ୍ତ ତାଙ୍କ ସାଙ୍ଗ ଘରକୁ ପଳାଇ ଆସି ଆଶ୍ରୟ ନେଇଥିଲେ। ସେଠାରୁ ସେ ଜିଲା ଚାଇଲ୍ଡଲାଇନକୁ ଖବର ଦେଇଥିଲେ। ଟିମ୍ ଲିଡର ଅଜୟ କୁମାର ନାଏକ, ଚାନସେଲର ଚମ୍ପାମଣି ସୋରେନ, ବାଙ୍ଗିରିପୋଷି ଥାନା ଏସ୍‌ଆଇ ଅନ୍ନପୂର୍ଣ୍ଣା ଦାସ ପହଞ୍ଚି ନାବାଳିକା ଝିଅକୁ ଉଦ୍ଧାର କରିଥିଲେ। ତେବେ ଉଦ୍ଧାର ପରେ ନାବାଳିକାଙ୍କୁ ପ୍ରଶାସନ ପକ୍ଷରୁ ଗୋପବନ୍ଧୁ ବାଳାଶ୍ରମରେ ଥଇଥାନ କରାଯାଇଥିବା ବାଙ୍ଗିରିପୋଷି ସିଡିପିଓ ମାନସୀ ରଥ କହିଛନ୍ତି।

ବିଜେଟ ପ୍ରତିକ୍ରିୟା

ସ୍ୱାଭାବିକ ବଜେଟ

ସକକାରଙ୍କ ଦ୍ୱାରା ପ୍ରଥମଥର ପାଇଁ ଭଲ ବଜେଟ୍ ପ୍ରଣୟନ କରାଯାଇଛି। ଦେଶରକ୍ଷା ଲାଗି ପ୍ରତିରକ୍ଷା ବିଭାଗ ପାଇଁ ଯେଉଁ ବଜେଟ୍ ହୋଇଛି ତାହା ଆକର୍ଷଣୀୟ। ଦୁଇ ପଡ଼ୋଶୀ ରାଷ୍ଟ୍ର ସହ ସମ୍ପର୍କ ଭଲ ନ ଥିବା କାରଣରୁ ଅତ୍ୟାଧୁନିକ ଯନ୍ତ୍ରପାତି କ୍ରୟ କରାଯିବା ଆବଶ୍ୟକ। ହେଲେ ଚାଷୀମାନଙ୍କୁ ସହାୟତା ଘୋଷଣା ସେତେଟା ପ୍ରଭାବ ପକାଇବ ନାହିଁ। ବରଂ ଚାଷ ଉତ୍ପାଦନର ମୂଲ୍ୟ ବୃଦ୍ଧି କଲେ ଚାଷୀମାନେ ଉପକୃତ ହୋଇପାରନ୍ତେ। ମୁଦ୍ରା ଯୋଜନାରେ ୫୦ହଜାରରୁ ୧୦ଲକ୍ଷ ପର୍ଯ୍ୟନ୍ତ ବିନା ସିକ୍ୟୁରିଟିରେ ଯେକୌଣସି ଲୋକ ଋଣ ନେଇ ବ୍ୟବସାୟ କିମ୍ବା କ୍ଷୁଦ୍ର ଉଦ୍ୟୋଗ କରିପାରିଲେ ବେକାରୀ ସମସ୍ୟା ଦୂର ହେବା ସହ ଅନ୍ୟମାନଙ୍କୁ ନିଯୁକ୍ତିରେ ସହାୟକ ହୋଇପାରିବ।

-ଭଗବାନ ଦାସ ଖଣ୍ଡେଲୱାଲ, ବ୍ୟବସାୟୀ

ଲୋକାଭିମୁଖୀ ବଜେଟ

ଏହି ବଜେଟ ଲୋକାଭିମୁଖୀ ବଜେଟ। ଆଗକୁ ନିର୍ବାଚନ ଥିବାରୁ ଲୋକଙ୍କ ମନକୁ ମୋହିବା ପାଇଁ ଏହି ବଜେଟ କରାଯାଇଛି। ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କୁ ସୁହାଇଲା ଭଳି ଏହି ବଜେଟ୍ କରାଯାଇଛି। ସାଧାରଣ ବର୍ଗର ଲୋକଙ୍କୁ ଖୁସି କଲା ଭଳି ଏହି ବଜେଟ୍। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଉନ୍ନତି ପାଇଁ ବ୍ୟବସ୍ଥା କରାଯାଇଛି। ଚାଷ ଉପରେ ନିର୍ଭର କରୁଥିବା ଲୋକଙ୍କୁ ସ୍ୱତନ୍ତ୍ର ସୁବିଧା ଦିଆଯାଇଛି।

- ଡ. ବଳରାମ ମିଶ୍ର, ଅବସରପ୍ରାପ୍ତ ପ୍ରଫେସର, ଅର୍ଥନୀତି, ଭଦ୍ରକ

କୃଷିକ୍ଷେତ୍ରକୁ ପ୍ରୋତ୍ସାହନ କରାଯାଇଛି

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଗାମୀ ଆର୍ଥିକ ବର୍ଷ ପାଇଁ ଏହି ବଜେଟ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଆୟକରଦାତାଙ୍କ ନିମନ୍ତେ ଆକର ରିହାତି ସୀମାକୁ ବୃଦ୍ଧି କରିବା ଏବଂ କୃଷିକ୍ଷେତ୍ରକୁ ପ୍ରୋତ୍ସାହନ କରାଯାଇଛି।

- ସଂଯୁକ୍ତା ଚାନ୍ଦ, ସମ୍ପାଦକ, ବାରିପଦାର ଇନରହ୍ୱିଲ କ୍ଲବ

ଚାଷୀଙ୍କୁ ଗୁରୁତ୍ୱ ଦିଆଯାଇଛି

ପ୍ରଥମ ଥର ପାଇଁ ଆୟକର ସୀମାରେ କୋହଳ କରାଯାଇଛି। ଯାହାକି ମଧ୍ୟବିତ ଶ୍ରେଣୀର ଲୋକେ ଉପକୃତ ହୋଇପାରିବେ। ଚାଷୀଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

- ଡ. ଅନୀଲ କୁମାର ଦାସ, ବରିଷ୍ଠ ଅଧ୍ୟାପକ, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ କେନ୍ଦୁଝର।

ବାଲେଶ୍ୱର ପ୍ରିମିୟର ଲିଗ୍

ପଲ୍ଲବୀ ରାଇଡର୍ସ, ଝାଡ଼େଶ୍ୱର ୱାରିୟର୍ସ ବିଜୟୀ

ବାଲେଶ୍ୱର ଅଫିସ, ୧।୨

ବାଲେଶ୍ୱର ପ୍ରିମିୟର ଲିଗ୍ (ବିପିଏଲ୍) ସିଜନ୍-୧୦ର ତୃତୀୟ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ପଲ୍ଲବୀ ରାଇଡ଼ର୍ସ ଓ ବାଣେଶ୍ୱର ୱାରିୟର୍ସ, ଦ୍ୱିତୀୟ ମ୍ୟାଚ୍ ଝାଡ଼େଶ୍ୱର ୱାରିୟର୍ସ ଓ ରିଶାଗ ସ୍ପାସରସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଲ୍ଲବୀ ରାଇଡ଼ର୍ସ ଓ ଝାଡ଼େଶ୍ୱର ୱାରିୟର୍ସ ବିଜୟୀ ହୋଇଛନ୍ତି।

ପ୍ରଥମ ମ୍ୟାଚ୍ ପଲ୍ଲବୀ ରାଇଡ଼ର୍ସ ଓ ବାଣେଶ୍ୱର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ବାଣେଶ୍ୱର ଟସ୍ ଜିତି ପଲ୍ଲବୀକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ଦଳ ତରଫରୁ ସମସ୍ତ ୨୦ ଓଭର୍ ଖେଳି ୬ ଉଇକେଟ୍‌ରେ ୧୬୧ରନ୍ କରିଥିଲା। ଜବାବରେ ବାଣେଶ୍ୱର ସମ୍ପୂର୍ଣ୍ଣ ୨୦ ଓଭର୍ ଖେଳି ସମସ୍ତ ଉଇକେଟ୍ ହରାଇ ୧୫୮ ରନ୍ କରି ୪ ରନ୍‌ରେ ପରାଜୟ ବରଣ କରିଥିଲା। ପଲ୍ଲବୀ ତରଫରୁ ନରୋତ୍ତମ ଭଞ୍ଜ ସର୍ବାଧିକ ୪୮ଟି ବଲ୍‌ରୁ ୭୪ ରନ୍ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଝାଡ଼େଶ୍ୱର ୱାରିୟର୍ସ ଓ ରିଶାଗ ସ୍ପାସରସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରିଶାଗ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୭୦ରନ୍ କରିଥିଲା। ଜବାବରେ ଝାଡ଼େଶ୍ୱର ୧୭ ଓଭରରେ ୭ଟି ଉଇକେଟ୍ ହରାଇ ନିଜର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଝାଡ଼େଶ୍ୱର ପକ୍ଷରୁ ସୁନୀଲ କୁମାର ବେହେରା ୪ଟି ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଶନିବାର ପ୍ରଥମ ମ୍ୟାଚ୍ ବାଲେଶ୍ୱର ଲାୟନ ଓ ପଲ୍ଲବୀ ରାଇଡ଼ର୍ସ ଏବଂ ଦ୍ୱିତୀୟ ମ୍ୟାଚ୍ ରିଶାଗ ସ୍ପାସରସ୍ ଓ ବାଣେଶ୍ୱର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହେବାର ସୂଚନା ରହିଛି।

ଅତିଥିଙ୍କ ଦ୍ୱାରା ଦୁଇ ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ।

ହାତୀ ଭାଙ୍ଗିଲେ ଘର

କେନ୍ଦୁଝର, ୧।୨(ସ୍ୱ.ପ୍ର.)

ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଫୁଲଝର ପଞ୍ଚାୟତ କେନ୍ଦୁଘାଟି ଗ୍ରାମରେ ଏକ ଦନ୍ତାହାତୀ ଉପଦ୍ରବ ଚଳାଇଛନ୍ତି। ଶୁକ୍ରବାର ହାତୀ ଘର ଭାଙ୍ଗି ଦେଇଛନ୍ତି। ଏ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ଗୋଠ ଛଡା ଦନ୍ତା ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଜଙ୍ଗଲାଞ୍ଚଳ ହୋଇଥିବାରୁ ହାତୀ ଗ୍ରାମାଞ୍ଚଳକୁ ଚାଲିଆସି ଉପଦ୍ରବ ଚଳାଇଛି। ଅନ୍ଧାର ରାତିରେ ଯାତାୟାତ କରିବାକୁ ଲୋକେ ଭୟଭୀତ ହୋଇ ପଡୁଛନ୍ତି। ପୂର୍ବରୁ ଉକ୍ତ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ବନ ବିଭାଗ ତୁରନ୍ତ ପଦକ୍ଷେପ ନେଇ କ୍ଷତିପୂରଣ ଦେବା ସହ ହାତୀକୁ ଘଉଡାଇ ପାଇଁ ଦାବି ହୋଇଛି।

ଦୋକାନ ଗୃହ, ଭେଣ୍ଡିଂ ଜୋନ ଆବଣ୍ଟନକୁ ବିରୋଧ

ଭଦ୍ରକ ଅଫିସ,୧।୨

ଭଦ୍ରକ ପୌରପାଳିକା ପକ୍ଷରୁ ବନ୍ତ ଛକ ଏଲ୍‌ଆଇସି ଅଫିସ ନିକଟରେ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ ଓ ଦକ୍ଷିଣେଶ୍ୱର କାଳୀ ପାର୍କ ନିକଟରେ ଥିବା ଭେଣ୍ଡିଂଜୋନ ବଣ୍ଟନ ପ୍ରକ୍ରିୟାକୁ ବିରୋଧ କରାଯାଇଛି। ଶୁକ୍ରବାର ପୌରପାଳିକା କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ପୂର୍ବତନ କାଉନସିଲରମାନେ ଆନ୍ଦୋଳନ କରିଥିଲେ। ଏହାକୁ ନେଇ ଫାଟକ ପରିସରରେ ଉତ୍ତେଜନାମୂଳକ ସ୍ଥିତି ଦେଖାଦେଇଥିଲା। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ହିତାଂଶୁ ଶେଖର ସାମଲ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବାକ

ସଂକ୍ଷେପରେ

ନାବାଳିକା ବୋହୂଙ୍କୁ ଉଦ୍ଧାର କଲା ପ୍ରଶାସନ

ପାଟଣା, ୧।୨(ସ୍ୱ.ପ୍ର.): ଜଣେ ନାବାଳିକା ବୋହୂଙ୍କୁ ପ୍ରଶାସନ ଉଦ୍ଧାର କରିଛି। ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତ ଭାଲୁପାହାଡ଼ି ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାଙ୍କ ମଙ୍ଗଳବାର ରାତିରେ ସଦର ବ୍ଲକ କାଠଭାରୀ ପଞ୍ଚାୟତ କୁମୁଳାବାହାଳି ଗ୍ରାମ ଶିବ ମନ୍ଦିରରେ ଜଣେ ୨୬ ବର୍ଷୀୟ ଯୁବକଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା। ବିବାହ କରିଥିବା ଯୁବକ ଜଣକ ହେଉଛନ୍ତି ସଦର ବ୍ଲକ କାଠଭାରୀ ପଞ୍ଚାୟତ କୁମୁଳା ବାହାଳୀ ଗ୍ରାମର ସ୍ୱର୍ଗତ ରଘୁମହାନ୍ତଙ୍କ ପୁଅ କାଳିଆ ମହାନ୍ତ। ଖବର ପାଇ ବୁଧବାର କେନ୍ଦୁଝର ସିଡିପିଓ ପ୍ରଭାସିନୀ ଚକ୍ର ଓ କେନ୍ଦୁଝର ଚାଇଲଡ଼ ଲାଇନ ସଦସ୍ୟ ରାନାରାଣୀ ଗିରି ଓ ଅକ୍ଷୟ କୁମାର ମହାନ୍ତ କୁମୁଳାବାହାଳି ଗ୍ରାମରୁ ନାବାଳିକାଙ୍କୁ ଉଦ୍ଧାର କରି ସିଡବ୍ଲ୍ୟୁସି କେନ୍ଦୁଝରକୁ ନିଆଯାଇଥିଲା। ଉଦ୍ଧାର ନାବାଳିକାଙ୍କୁ ବଣିଆପାଟ ସ୍ଥିତ ଅସ୍ଥାୟୀ ଥଇଥାନ କେନ୍ଦ୍ରରେ ଅବସ୍ଥାପିତ କରାଯାଇଛି।

ଶିକ୍ଷାବିତ୍‌ଙ୍କ ପରଲୋକ

ହାଟଡିହୀ, ୧।୨(ଡି.ଏନ.ଏ.): ହାଟଡିହୀ ବ୍ଲକ ଡଅଁର ପଞ୍ଚାୟତ ସରଳା ଗ୍ରାମର ଶିକ୍ଷାବିତ୍ ବଟକୃଷ୍ଣ ପଟ୍ଟନାୟକ(୭୬)ଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ସେ ଜଣେ ପରୋପକାରୀ, ମେଳାପି ସ୍ୱଭାବର ଲୋକ ଥିଲେ। ତାଙ୍କ ବିୟୋଗରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ନିକଟରେ ବହୁମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ପୁଅ ମହେନ୍ଦ୍ର, ରାଧାରମଣ, ଅମୂଲ୍ୟ, ସରୋଜ, କାଳିଆ, ବୁବୁ, ଗୁଡୁଲ, ଲଭଲା, ବବଲା, ଚୁବୁଲା, ଟୁକୁନା, ମନୋଜ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

ବ୍ରାହ୍ମଣୀ ଦେବୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଆନନ୍ଦପୁର, ୧। ୨(ସ୍ୱ.ପ୍ର.): ଆନନ୍ଦପୁର ଅଷ୍ଟମ ବ୍ରାହ୍ମଣୀଦେବୀ କ୍ରିକେଟ ଟୁର୍ନାମେଣ୍ଟ ବିଏନ ହାଇସ୍କୁଲ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ପଦ୍ମପୁର ଓ ସନ୍ତୋଷପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସନ୍ତୋଷପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୬୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ପଦ୍ମପୁର ଟିମ୍ ୬ ଓଭରରେ ଦୁଇ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଉଦ୍‌ଘାଟନୀ ଦିବସର ଦ୍ୱିତୀୟ ଲିଗ୍ ମ୍ୟାଚରେ ଦୈତାରୀ ଟିମ୍ ବରପାଲିକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ମ୍ୟାଚକୁ ଅମ୍ପାୟାର୍ ଭାବେ ତରାସିସ୍ ଓ ଟିକ ମ୍ୟାଚ ପରିଚାଳନା କରିଥିବାବେଳେ ଉଦ୍‌ଘାଟନୀ ଦିବସରେ ଯୁବ ବିଜେଡି ନେତା ତଥା ପୂର୍ବତନ କାଉନସିଲର ସଞ୍ଜୟ କୁମାର ଦଳେଇ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ।

୨ ପଞ୍ଚାୟତରେ କଂଗ୍ରେସ ସମ୍ମିଳନୀ

ତେଲକୋଇ, ୧।୨(ଡି.ଏନ.ଏ.): ବ୍ଲକ କଂଗ୍ରେସ ପକ୍ଷରୁ 'ମୋ ବୁଥ ମୋ ଗୌରବ' କାର୍ଯ୍ୟକ୍ରମରେ ତେଲକୋଇର ତାଳପଦା, ଶିବନାରାୟଣପୁର ଗୋଡ଼ା ପଞ୍ଚାୟତରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ସମର୍ଥକ ଯୋଗ ଦେଇଥିଲେ। ବ୍ଲକ ସଭାପତି ସାରଙ୍ଗଧର ପ୍ରଧାନଙ୍କ ସମେତ ମୋହନ ହେମ୍ବ୍ରମ, ସୁବାସ ପ୍ରଧାନ, ନାରାୟଣ ପ୍ରଧାନ, ବାସବରାଜ ପ୍ରଧାନ, ସୁଦର୍ଶନ ପାଇକରାୟ, ମଦନ ମୋହନ ସାହୁ, ଅଚ୍ୟୁତ୍‌ନନ୍ଦ ପ୍ରଧାନ, ଦୟାନିଧି ନାଏକ, ଭାବଗ୍ରାହୀ ଦେହୁରି ନେତୃତ୍ୱରେ କଂଗ୍ରେସ ବୈଠକରେ କର୍ମୀ ବୁଥ କମିଟି ଓ କଂଗ୍ରେସ ପାର୍ଟିକୁ ମଜଭୁତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ପୁରୁଷୋତ୍ତମଙ୍କୁ ସମ୍ବର୍ଦ୍ଧନା

ହାଟଡ଼ିହୀ, ୧।୨(ଡି.ଏନ.ଏ.): ହାଟଡ଼ିହୀ ବ୍ଲକ ମଲ୍ଲାପଶି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୁରୁଷୋତ୍ତମ ଧଳଙ୍କୁ ପରିବେଶ ରକ୍ଷକ ପାଇଁ ସାଧାରଣତନ୍ତ୍ର ଦିବସରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ଏସଡିପିଓ ଦିଲୀପ ବାଗ୍, ହାଟଡ଼ିହି ବିଡିଓ ସୁଶାନ୍ତ କୁମାର ବାରିକ ଅଧିକାରୀ ଉପସ୍ଥିତ ରହି ତାଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଧଳ ଜଣେ ସମୟାନୁବର୍ତ୍ତିତା, ପରୋପକାରୀ ଶ୍ରେଣୀର ବ୍ୟକ୍ତିତ୍ୱ ହୋଇଥିବା ବେଳେ ସମାଜସେବା ପାଇଁ ତାଙ୍କର ଖ୍ୟାତି ରହିଛି।

'ଆମର ଦାବି ପୂରଣ କର'

କେନ୍ଦୁଝର, ୧।୨(ସ୍ୱ.ପ୍ର.)


ଶ୍ରମିକମାନେ ଆନ୍ଦୋଳନ କରୁଛନ୍ତି।

- ବେଆଇନ ଛଟେଇକୁ ବିରୋଧ
- ୮ ଦଫା ଦାବିରେ ଶ୍ରମିକଙ୍କ ଆନ୍ଦୋଳନ

ସଦର ଥାନା ହଳଦୀଗୁଣାସ୍ଥିତ ଏମ୍‌ଏସ୍‌ପି ଲୁହା ଓ ଇସ୍ପାତ କାରଖାନାରେ ଶୁକ୍ରବାର କେତେକ ଶ୍ରମିକ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଆଠ ଦଫା ଦାବି ପୂରଣ ଲାଗି ଏମ୍‌ଏସ୍‌ପି ଶ୍ରମିକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଅକ୍ଟୋବରରେ ସରକାରୀ ନିୟମ ଅନୁଯାୟୀ ବର୍ଦ୍ଧିତ ମଜୁରି ଶ୍ରମିକଙ୍କୁ ମିଳୁନାହିଁ। ଶ୍ରମିକଙ୍କୁ ବେଆଇନ ଛଟେଇ କରାଯାଉଛି। ବିଶ୍ରାମ, ଗୃହ, ସାବୁନ, ଗୁଡ ଆଦି ଦିଆଯାଉନି। ପ୍ରଦୂଷଣ ପରିବେଶରେ କାମ କରୁଥିବାରୁ ରୋଗରେ ପଡୁଛନ୍ତି। ଖାଇବା ପାଇଁ ଗୁଡ ଏବଂ ଗାଧୋଇବା ପାଇଁ ସାବୁନ ଓ ଶୌଚାଳୟ ବ୍ୟବସ୍ଥା ଦେବାକୁ ଦାବି ହୋଇଛି ବୋଲି ଆନ୍ଦୋଳନ କରୁଥିବା କେତେକ ଶ୍ରମିକ ନେତା କହିଛନ୍ତି।

ପେମେଣ୍ଟ ସ୍ଲିପ, ଠିକ ତାରିଖରେ ଦରମା ଦେବା, ଇଏସଆଇ କାର୍ଡ ଓ ଚିକିତ୍ସା ସୁବିଧା ମିଳୁ ନାହିଁ। ବିଶ୍ରାମ ଗୃହ ନ ଥିବାରୁ ଲୋକେ ବାହାରେ ଅସ୍ୱାସ୍ଥ୍ୟକର ପରିବେଶରେ ବସି ଖାଇବାକୁ ବାଧ୍ୟ ହେଉଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକମାନେ ଚେତାବନୀ ଦେଇ କାମବନ୍ଦ କରି ଦେଇଛନ୍ତି। ଶ୍ରମିକଙ୍କ ସମସ୍ୟା ରହିଛି। ଶ୍ରମିକଙ୍କ ଦାବିକୁ ପୂରଣ କରିବା ପାଇଁ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ରଥ ମୁଣ୍ଡା କାରଖାନା କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିବା କହିଛନ୍ତି।

ଆଦିବାସୀ ସଂଗ୍ରହାଳୟ, ସୁବିଧା କେନ୍ଦ୍ର ଆରମ୍ଭ

କେନ୍ଦୁଝର, ୧।୨(ସ୍ୱ.ପ୍ର.)

ସୁବିଧା କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

ବହୁ ପ୍ରତୀକ୍ଷିତ ରାଜ୍ୟ ପ୍ରସିଦ୍ଧ ସାନଘାଗରା ଜଳପ୍ରପାତ ପରିସରରେ ନିର୍ମାଣ ହୋଇଥିବା ବୋଟିଂ ପାଇଁ ହ୍ରଦ, ଆଦିବାସୀ ସଂଗ୍ରହାଳୟ, ପର୍ଯ୍ୟଟକଙ୍କ ସୁବିଧା କେନ୍ଦ୍ର ଓ ଗେମ ଜୋନକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଦର ବିଧାୟକ ଅଭିରାମ ନାୟକ, ଉପଜିଲାପାଳ, କେନ୍ଦୁଝର ସୋମନାଥ ପ୍ରଧାନ, ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଡିଆଇପିଆରଓ ସଞ୍ଜୀବ ବାରିକ ଉପସ୍ଥିତ ଥିଲେ। ଦୀର୍ଘ ମାସ ହେଲା ବୋଟିଂ ହ୍ରଦର ମରାମତି ଓ ଉନ୍ନତି କାମ ଚାଲିଥିବାରୁ ବ୍ୟବହାର ହୋଇ ପାରୁ ନ ଥିବା ବେଳେ ଏବେ ପର୍ଯ୍ୟଟକ ବୋଟିଂ (ଜଳକ୍ରୀଡା)ର ମଜା ନେଇ ପାରିବେ। ଆଦିବାସୀ ସଂଗ୍ରହାଳୟରେ ଆଦିବାସୀଙ୍କ ବିଷୟରେ ଜ୍ଞାନ ଆରହଣ କରିବା ସହ ସେମାନଙ୍କ ବ୍ୟବହୃତ ସାମଗ୍ରୀ ଓ କଳା କାରୁକାର୍ଯ୍ୟ ପର୍ଯ୍ୟଟକ ଦେଖିପାରିବେ। ସର୍ବସାଧାରଣ ସୁବିଧା କେନ୍ଦ୍ରରେ ପର୍ଯ୍ୟଟକଙ୍କ ପାଇଁ ସ୍ନାନ, ଶୌଚ ଓ ବିଶ୍ରାମ ସୁବିଧା ରହିଛି। ଛୋଟ ପିଲାଙ୍କ ମନରଞ୍ଜନ ପାଇଁ ଗେମ ଜୋନର ଶୁଭାରମ୍ଭ କରାଯାଇଛି।

ମୋହରିରଙ୍କ ସ୍ମୃତିଚାରଣ

କେନ୍ଦୁଝର, ୧।୨(ସ୍ୱ.ପ୍ର.)

କେନ୍ଦୁଝର ମୋହରିର ସଂଘର ସଭ୍ୟ କରୁଣାକର ମହାନ୍ତଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତାଙ୍କର ସ୍ମୃତିରେ ସଂଘର ସଭାପତି ଚନ୍ଦ୍ରକାନ୍ତ ପୋଥାଳଙ୍କ ସଭାପତିତ୍ୱରେ ଏକ ଶୋକସଭା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ସମ୍ପାଦକ ଚନ୍ଦ୍ରକାନ୍ତ ମହାପାତ୍ର, ଉପସଭାପତି ଯୋଗେନ୍ଦ୍ର ନାଏକ, ସହ ସମ୍ପାଦକ ଶିରପାଣି ମହାନ୍ତ, ବିପିନ ବିହାରୀ ବେହେରା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ।

■ ବନ୍ଧୁକ ଦେଖାଇ ୬ ଲକ୍ଷ ଲୁଟ ଘଟଣା

ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ବଡବିଲ, ୧।୨(ସ୍ୱ.ପ୍ର.)

ବଡ଼ବିଲ ଥାନା ଅନ୍ତର୍ଗତ ପଞ୍ଚବଟୀ ରେସିଡେନ୍ସି ବ୍ଲକ-ଏ ର ବିନିତ ବନସଲଙ୍କ ଘରୁ ଗୁରୁବାର ରାତିରେ ମରଣାନ୍ତକ ଆକ୍ରମଣ କରି ବନ୍ଧୁକ ଦେଖାଇ ୬ ଲକ୍ଷ ଟଙ୍କା, ସୁନାଚେନ ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ଏ ନେଇ ଶୁକ୍ରବାର କେନ୍ଦୁଝର ଜିଲା ମୁଖ୍ୟାଳୟରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ସନ୍ଧାନୀ କୁକୁର ଆସି ପରି ନ ଥିବା ଜଣାଯାଇଛି। ବିନିତ ବନସଲ ଏକ ଭୋଜିରେ ଯୋଗ ଦେବାକୁ ସ୍ତ୍ରୀ ଓ ପିଲାଙ୍କ ସହ ଯାଇଥିବାର ସୁଯୋଗ ନେଇ ବନ୍ଧୁକ ଧରି ଦୁଇ ଦୁର୍ବୃତ୍ତ ଘରେ ପ୍ରବେଶ କରିଥିଲେ। ଦୁର୍ବୃତ୍ତ ଦ୍ୱୟ ବିନିତଙ୍କ ମା' ଅଙ୍ଗୁରି ଦେବୀଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନା ଚେନ୍ ସହ ଆଲମୀରା ତାଡି ଟଙ୍କା ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିଲେ। ଉକ୍ତ ଆପାର୍ଟମେଣ୍ଟରେ ସିସି କ୍ୟାମେରା ଲାଗିଥିଲେ ହେଁ ଗତ ଜାନୁୟାରୀ ୧୫ରୁ ତାର କଟି ଯାଇଛି। କୌଣସି ଚିତ୍ର ଉତ୍ତୋଳନ ହୋଇପାରି ନାହିଁ। ବିଭିନ୍ନ ଦିଗକୁ ଚିନ୍ତା କରି ପୋଲିସ ତଦନ୍ତ କରୁଥିବା ଆଇଆଇସି ଅନିଲ କୁମାର ପ୍ରଧାନ କହିଛନ୍ତି।

କୀର୍ତ୍ତନ ବିହାରୀଙ୍କ ସ୍ମୃତି ସମ୍ମାନ ଉତ୍ସବ

ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

ଆନନ୍ଦପୁର, ୧।୨(ସ୍ୱ.ପ୍ର.)

କୀର୍ତ୍ତନ ବିହାରୀ ମିଶ୍ରଙ୍କ ଚତୁର୍ବିଂଶତମ ସ୍ମୃତି ସମ୍ମାନ ଅର୍ପଣ ଉତ୍ସବ ଘସିପୁରା ବ୍ଲକ କେଶଦୁରାପାଳ ପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଡ. ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୁଶଳେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ତାମଣି ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୀର୍ତ୍ତନ ବିହାରୀ ମିଶ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ପ୍ରାବନ୍ଧିକ ରାମଚନ୍ଦ୍ର ନାୟକ ଓ ଯାଜପୁରା ଜିଲାର ବିଶିଷ୍ଟ କବି ଶଙ୍କର୍ଷଣ ବାରିକଙ୍କୁ କୀର୍ତ୍ତନ ବିହାରୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ସମ୍ପାଦକ ସାହିତ୍ୟିକ ମଞ୍ଜୁଳି ଚରଣ ପୃଷ୍ଟି ସଂସଦ ସମ୍ପର୍କରେ ପ୍ରାକ ସୂଚନା ପ୍ରଦାନ କରିଥିଲେ। ସଂସଦର ସଭାପତି ଜନାର୍ଦ୍ଦନ ଆଚାର୍ଯ୍ୟ ସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ହୃଷୀକେଶ ଆଚାର୍ଯ୍ୟ, ଗୋକୁଳ ଚରଣ ପୃଷ୍ଟି, ବୈଲୋଚନ ସାହୁ, ଯୋଗେନ୍ଦ୍ର ରାଉତ, ଶଶିକାନ୍ତ ନାୟକ, ଶିବ ପ୍ରସାଦ ମିଶ୍ର, କୃଷ୍ଣ ଚନ୍ଦ୍ର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆନନ୍ଦପୁର ପ୍ରତିଭା ପ୍ରଣାମ ମଞ୍ଚର ଆବାହକ ରତ୍ନାକର ଦାସ ମଞ୍ଚ ସଂଯୋଜନା କାର୍ଯ୍ୟ ସମ୍ପାଦନା କରିଥିଲେ। ଅଧ୍ୟାପକ ବିଜୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳାକାର ରବୀନ୍ଦ୍ର ବଳ ଓ ସାଥୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ହୃଷୀକେଶ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

ପୁରସ୍କାର ବିତରଣ ଉତ୍ସବ

ଆନନ୍ଦପୁର/ ଘସିପୁରା, ୧।୨(ସ୍ୱ.ପ୍ର.)

ଘସିପୁରା ବ୍ଲକ ଅନ୍ତର୍ଗତ ଗଡ଼ବାନ୍ଧଗୋଡ଼ାସ୍ଥିତ କଲ୍ୟାଣୀ ବିଦ୍ୟାପୀଠରେ ୫୧ତମ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର ମୁଖ୍ୟ ଅତିଥି, ଘସିପୁରା ବ୍ଲକ ବିଇଓ ଗୋପାଳ ଚନ୍ଦ୍ର ପତି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ ସୁଶାନ୍ତ ବିଶ୍ୱାଳ, ସମିତି ସଭ୍ୟ ମମତା ମଞ୍ଜରୀ ରାଉତ, ଜିଲା ବିଜେଡି ସମ୍ପାଦକ ମନମଥ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ଉପଦେଷ୍ଟା କମିଟି ସଭ୍ୟ ଅରୁପାନନ୍ଦ ନାୟକ ଓ ମୋବାରକ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ନାରାୟଣ ସାହୁ ସଭାପତିତ୍ୱ କରିଥିଲେ। ସରୋଜିନୀ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ବେଲାଳସେନ ପତି ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିବେକ ମିଶ୍ର ଓ ସୋନାଲି ଜେନା ପ୍ରମୁଖ ଚାମ୍ପିୟନ୍ ଭାବେ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ମଧୁସ୍ମିତା ମହାପାତ୍ର, ବିଜୟ ସେଠୀ, ସୁଶାନ୍ତ ଜେନା, ରାମ ସିଂ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

ଉତ୍ସବରେ ଯୋଗ ଦେଇଥିବା ଅତିଥି।

ପୋଷାକ, ବାଦ୍ୟ, ଅଳଙ୍କାର ବଣ୍ଟନ

ଝୁଣ୍ଟୁରା, ୧।୨ (ଡି.ଏନ.ଏ.)

କେନ୍ଦୁଝର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର କର୍ମକର୍ତ୍ତାଙ୍କ ଦ୍ୱାରା ଝୁଣ୍ଟୁରା ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତପୁର ପଞ୍ଚାୟତ ଆମ୍ବଳାନିଗୋଡାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାମରାୟ ମୁଦ୍ରିଆ, ଉପାଧ୍ୟକ୍ଷ ମୀନା ମାଝୀ, ସଦସ୍ୟ ଶିବ ସର୍ଦ୍ଦାର, ବରିଷ୍ଠ ବିଜେଡି ସଦସ୍ୟ ମାଧବ ସର୍ଦ୍ଦାର, ବାବୁରାମ ନାଏକ, ରନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆମ୍ବଳାନିଗୋଡାରେ ଅବସ୍ଥିତ 'ମା ଦୁଆର ଶେଣୀ ମେଳ' ପରମ୍ପରା ପୀଠରେ ହୋଇଥିବା ବିକାଶ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ଆଦିବାସୀ ରମଣୀଙ୍କର ପରମ୍ପରାର ନୃତ୍ୟ ଶିବିରରେ ସ୍ଥାନିତ ହୋଇଥିଲା। ଅତିଥିଗଣ ନାରଦପୁର ଏବଂ ସାନହୁଣ୍ଡୁଳା ଗ୍ରାମକୁ ପାରମ୍ପରିକ ନୃତ୍ୟର ବାଦ୍ୟ ପୋଷାକ ଓ ଅଳଙ୍କାର ପ୍ରଦାନ କରିଥିଲେ। ଅସନପାଟ ଛଉ ନୃତ୍ୟ ପାଇଁ ପୋଷାକ, ବାଦ୍ୟ, ଅଳଙ୍କାର ପ୍ରଦାନ କରାଯାଇଥିଲା। ସଚେତନତା ଶିବିରରେ ଜଙ୍ଗଲ ମୂଳକର ବହୁ ଆଦିବାସୀ ଯୁବତୀଯୁବକ ସାମିଲ ହୋଇଥିଲେ।

ଭାଜପାରେ ଯୋଗଦେଲେ ପ୍ରଶାସନିକ ଅଧିକାରୀ

କେନ୍ଦୁଝର, ୧।୨(ସ୍ୱ.ପ୍ର.)

ପୂର୍ବତନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିତ ପରାମର୍ଶଦାତା ତଥା ଯୁଗ୍ମ ଶାସନ ସଚିବ ଅଖିଳ ଚନ୍ଦ୍ର ନାୟକ ଶୁକ୍ରବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସେ ଗୁରୁବାର ସ୍ୱେଚ୍ଛାକୃତ ଭାବେ ଅବସର ନେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି। ପଣ୍ଡା ଦଳୀୟ ଟୋପି ଏବଂ ଉତ୍ତରୀୟ ପିନ୍ଧାଇ ତାଙ୍କୁ ଦଳରେ ସାମିଲ କରାଇଛନ୍ତି।

ନାୟକଙ୍କ ଘର କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ତୁରୁମୁଙ୍ଗା ଗ୍ରାମରେ। ସରକାରୀ ଚାକିରି ଜୀବନରେ ଥିବାବେଳେ ସେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ସହ ଜଡିତ ହୋଇ ସମାଜସେବା କରି ଆସୁଥିଲେ। ସେ ରାଜ୍ୟ 'ବାଥୁଡି' ଜନଜାତି ସମାଜର ରାଜ୍ୟ ଉପଦେଷ୍ଟା ଅଛନ୍ତି। ଅନସୂଚିତ ଜନଜାତି ଜାତୀୟ ମହାଧିବେଶନର ପୂର୍ବରୁ ତାଙ୍କର ଯୋଗଦାନ ଦଳକୁ ଆହୁରି ଶକ୍ତି ଦେବ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମଲ୍ଲିକ, କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ ଏବଂ କେନ୍ଦୁଝର ଜିଲା ଭାଜପା ସଭାପତି ରାଧାକାନ୍ତ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଏକ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି।